

କିଆରାଙ୍କ ପାଇଁ ଯଶ୍‌ଙ୍କ ନିଷ୍ପତ୍ତି
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-355 ♦BHUBANESWAR ♦MONDAY ♦23 JUNE 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୨ ♦ସଂଖ୍ୟା-୩୫୫ ♦ଭୁବନେଶ୍ୱର ♦ସୋମବାର ♦୨୩ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

# ଯୁଦ୍ଧକୁ ଡେଇଁଲା ଆମେରିକା



## ଇରାନର ତିନିଟି ପରମାଣୁ କେନ୍ଦ୍ର ଉପରେ ବୋମାମାଡ଼

### ରୁଷ, ଚୀନର ନିନ୍ଦା; ମଧ୍ୟପ୍ରାଚ୍ୟ ଅଶାନ୍ତ
### ପ୍ରତିଶୋଧ ପାଇଁ ଇରାନର ଧମକ
### ଉଦ୍‌ବେଗ ଜଣାଇଲା ଭାରତ

■ **ତେହରାନ/ୱାଶିଂଟନ, ୨୨।୬ (ଏଜେନ୍ସି):** ଗତ ଏକ ସପ୍ତାହ ଧରି ଇରାନ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧରେ ସାମିଲ ହୋଇଛି ଆମେରିକା। ଆମେରକାର ଯୁଦ୍ଧ ବିମାନ ଆଜି ଇରାନର ତିନିଟି ପରମାଣୁ କେନ୍ଦ୍ର ଉପରେ ପ୍ରଚଣ୍ଡ ବୋମାମାଡ଼ କରି ଏଗୁଡ଼ିକୁ ଧ୍ୱଂସ କରିଦେଇଛନ୍ତି। ଆମରିକାର ଏଭଳି ଆକ୍ରମଣକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜାତିସଂଘ ସମେତ ରୁଷ, ଚୀନ ଓ ଅନ୍ୟ କେତେକ ଦେଶ ଏହାର ନିନ୍ଦା କରିବା ସହିତ ସତର୍କ କରାଇ ଦେଇଛନ୍ତି ଯେ ଏହାଦ୍ୱାରା ମଧ୍ୟପ୍ରାଚ୍ୟରେ ପରିସ୍ଥିତି ଆହୁରି ବିଗିଡ଼ିଯିବାର ସମ୍ଭାବନା ରହିଛି। ଇରାନ ମଧ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ପ୍ରତିଶୋଧ ନେବାକୁ ଧମକ ଦେଇଛି। ଇରାନର ଧମକ ପରେ ଆମେରିକାର ଅନେକ ସହରରେ ହାଇଆଲର୍ଟ ଜାରି କରାଯାଇଛି।

ଇରାନ ଉପରେ ଆକ୍ରମଣ ପାଇଁ ଦୁଇ ସପ୍ତାହ ସମୟ ନେଇଥିବା ଆମରେିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି ସକାଳେ ହିଁ ଇରାନ ଉପରେ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆମେରିକାର ବୋମାବର୍ଷୀ ବିମାନ ବି-୨ ଇରାନର ତିନିଟି ପରମାଣୁ କେନ୍ଦ୍ର ଉପରେ ଶକ୍ତିଶାଳୀ ଜିବିୟୁ-୫୭ ଏମ୍‌ଓପି ନାମକ ବୋମା ମାଡ଼ କରିଥିଲା। ଫରଦୋ, ନତାଞ୍ଜ ଏବଂ ଏସ୍‌ଫାହନ୍ ପରମାଣୁ ପ୍ରତିଷ୍ଠାନ ଉପରେ ଦୁଇଟି ଲେଖାଏଁ ୬ଟି ଏଭଳି ବୋମା ପକାଇଥିଲା। ଗୋଟିଏ ବୋମାର ଓଜନ ୧୫ ଟନ୍ ଥିବା ବେଳେ ୨୦୦ ଫୁଟ୍ ଗଭୀର ଭୂତଳ ଟାର୍ଗେଟ୍‌କୁ ଏହା ଭେଦ କରିପାରିବ। ଏହି ବୋମାମାଡ଼ରେ ▶ପୃଷ୍ଠା-୭

### ହର୍ମୁଜ ଷ୍ଟ୍ରେଟ ବନ୍ଦ କରିବ ଇରାନ

## ବଢ଼ିବ ତୈଳ ଦର !

■ **ତେହରାନ, ୨୨।୬ (ଏଜେନ୍ସି):** ଆମେରିକାର ଆକ୍ରମଣ ପରେ ଇରାନ ବଡ଼ ପଦକ୍ଷେପ ନେଇଛି। ଏହା ଦ୍ୱାରା ବିଶ୍ୱରେ ସଙ୍କଟ ସୃଷ୍ଟି ହୋଇପାରେ। ତୈଳ ଦର ଆକାଶ ଛୁଇଁପାରେ। ବିନା କ୍ଷେପଣାସ୍ତ୍ର ମାଡ଼ କରି ଇରାନ ଦୁନିଆକୁ ଦୋହଲାଇ ଦେଇପାରେ। ଆଜି ଇରାନ ସଂସଦରେ 'ଷ୍ଟ୍ରେଟ୍ ଅଫ ହର୍ମୁଜ' ବନ୍ଦ କରିବାକୁ ପ୍ରସ୍ତାବ ପାରିତ ହୋଇଯାଇଛି। ତେବେ ଇରାନ ସର୍ବୋଚ୍ଚ ନେତା ଆୟତୁଲ୍ଲା ଖାମନେଇ ଏହା ଉପରେ ଅନ୍ତିମ ନିଷ୍ପତ୍ତି ନେବେ। ହର୍ମୁଜ ଷ୍ଟ୍ରେଟ ବିଶ୍ୱର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଚେକ୍ ପଏଣ୍ଟ। ଏହା ଓମାନ ଉପକୂଳ, ଓମାନ, ଇରାନ, ପାକିସ୍ତାନ ଏବଂ ୟୁଏଇ ମଧ୍ୟରେ ରହିଛି। ଏହା ଆରବ ସାଗରକୁ ପାର୍ସିଆନ ଗଲ୍ଫ ସହ ଯୋଡୁଛି। ଏହି କ୍ଷେତ୍ର ଇରାନ-ଇସ୍ରାଏଲ ସଂଘର୍ଷର ମୁଖ୍ୟ କାରଣ ପାଲଟିଛି। କାରଣ ବିଶ୍ୱର ୨୦ ପ୍ରତିଶତ ତୈଳ ଏବଂ ଗ୍ୟାସ ଏହି ଷ୍ଟ୍ରେଟ ଦେଇ ଯାଉଛି। ଏହି ରାସ୍ତାକୁ ବନ୍ଦ କରିବା ପାଇଁ ପୂର୍ବରୁ ଇରାନ ଧମକ ଦେଇସାରିଛି। ଯଦି ଏହା ବନ୍ଦ ▶ପୃଷ୍ଠା-୭

# ଅସ୍ତ୍ରୋପଚାର ସଫଳ; ନବୀନ ସୁସ୍ଥ

■ **ମୁମ୍ବାଇ, ୨୨।୬ (ସମିସ):** ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ସର୍ଭିକାଲ ଆଥ୍ରାଇଟିସ୍ ଅପରେସନ ସଫଳତାର ସହ ଶେଷ ହୋଇଛି। ତାଙ୍କର ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପରାମର୍ଶଦାତା ତଥା ପ୍ରଖ୍ୟାତ ଚିକିତ୍ସକ ଡା. ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମୁମ୍ବାଇର କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍‌ପିଟାଲର ସ୍ନାୟୁ ବିଶେଷଜ୍ଞ ଡାକ୍ତର ରାଜଶେଖର ଅସ୍ତ୍ରୋପଚାର କରିଛନ୍ତି। ଏହି ସମୟରେ ଏସିଆନ ହାର୍ଟ ଇନଷ୍ଟିଚ୍ୟୁଟର ବିଶେଷଜ୍ଞମାନେ ମଧ ଉପସ୍ଥିତ ଥିଲେ। ଅପରେସନ ପରେ ନବୀନ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଓ ଡାକ୍ତରଖାନାରେ ତାଙ୍କୁ ୪୮ ଘଣ୍ଟା ପର୍ଯ୍ୟବେକ୍ଷଣରେ ରଖାଯିବ। ଏହାପରେ ତାଙ୍କୁ କ୍ୟାବିନ୍‌କୁ ସ୍ଥାନାନ୍ତର କରାଯିବ। ୫ରୁ ୭ ଦିନ ମଧ୍ୟରେ ଷ୍ଟିଚ୍ ଖୋଲାଯିବ ଓ ଏହାପରେ ସେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ବୋଲି ଡାକ୍ତର ପଣ୍ଡା ସୂଚନା ଦେଇଛନ୍ତି। ରବିବାର ସକାଳ ପ୍ରାୟ ୬ଟାରେ ନବୀନଙ୍କୁ ଅସ୍ତ୍ରୋପଚାର ପାଇଁ ଓଟିକୁ ନିଆଯାଇଥିଲା। ସକାଳ ୮ଟାରେ ତାଙ୍କର ଅସ୍ତ୍ରୋପଚାର ଆରମ୍ଭ ହୋଇଥିଲା। ୨ ଘଣ୍ଟା ▶ପୃଷ୍ଠା-୭



### ୪୮ ଘଣ୍ଟା ପର୍ଯ୍ୟବେକ୍ଷଣରେ ରହିବେ
### ୫-୭ ଦିନ ମଧ୍ୟରେ ଖୋଲାଯିବ ଷ୍ଟିଚ୍
### ଡା. ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଚିକିତ୍ସା
### ଡାକ୍ତରଖାନାରେ ଭାଇ ପ୍ରେମ୍ ଓ ଭାଉଜ ଉପସ୍ଥିତ

### ଗୋ-ଚାଲାଣ ସନ୍ଦେହରେ କଙ୍ଗାରୁକୋର୍ଟ

# ୨ ଦଳିତଙ୍କୁ ନର୍ଦ୍ଦମା ପାଣି ପିଆଇଲେ



### ଅଧାଲଣ୍ଡା କରି ଘାସ ଖୁଆଇଲେ
### ଗାଁ ଦାଣ୍ଡରେ ଆଣ୍ଠେଇ ଆଣ୍ଠେଇ ଚଲାଇଲେ
### ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସୀମା ଲଂଘିଲା ନିର୍ଯାତନା
### ପୁଲିସ୍ ଉପରୁ ତୁଟୁଛି ଭରସା

■ **ଧରାକୋଟ, ୨୨।୬ (ସମିସ):** ଟଙ୍କା ନ ଦେବାରୁ ୨ ନିରୀହ ଦଳିତଙ୍କୁ ମିଛରେ ଗୋ-ଚାଲାଣକାରୀ ସଜାଇ ଅଧାଲଣ୍ଡା କରି ଆଣ୍ଠେଇବା, ଘାସ ଖୁଆଇବା ଓ ନର୍ଦ୍ଦମା ପାଣି ପିଆଇବା ଭଳି ଅମାନବୀୟ ଘଟଣା ଗଞ୍ଜାମ ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁମ୍ମା ଗାଁରେ ସ୍ୱଷ୍ଟ ଦିବାଲୋକରେ ଘଟିଥିବା ଏହି ଘଟଣା ସରକାର ଓ ପୁଲିସ ପ୍ରଶାସନ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। କଙ୍ଗାରୁ କୋର୍ଟରେ ଅକାରଣରେ ଦଣ୍ଡ ପାଇଥିବା ଦୁଇ ଦଳିତ ହେଲେ, ଧରାକୋଟ ବ୍ଲକ୍‌ର ସିଙ୍ଗିପୁର ଗ୍ରାମର ବୁଲୁ ନାୟକ ଓ ବାବୁଲା ନାୟକ। ମୁଖ୍ୟମନ୍ତ୍ରୀ ସୋମବାର ଆସିକା ଗସ୍ତରେ ଆସିବାର ଥିବା ବେଳେ ତା' ପୂର୍ବରୁ ଏଭଳି ଏକ ଲୋମଟାଙ୍କୁରା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ▶ପୃଷ୍ଠା-୭



# ପହଲ୍‌ଗାମ୍ ଆତଙ୍କୀଙ୍କୁ ଶରଣ ଦେଇ ୨ ଗିରଫ

ନୂଆଦିଲ୍ଲୀ,୨୨।୬(ଏଜେନ୍ସି): କଶ୍ମୀର ପହଲଗାମରେ ହୋଇଥିବା ଆତଙ୍କାବାଦୀ ଆକ୍ରମଣର ଦୁଇମାସ ପରେ ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ) ଏହି ମାମଲାରେ ଦୁଇଜଣଙ୍କୁ ଗରିଫ କରିଛି। ଆତଙ୍କବାଦୀମାନଙ୍କୁ ଏହି ଦୁଇଜଣ ଶରଣ ଦେଇଥିଲେ ବୋଲି ଏଜେନ୍ସି ତରଫରୁ କୁହାଯାଇଛି। ଗିରଫ୍ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ବାରକୋଟର ପରଭେଜ ଅହମ୍ମଦ ଜୋଠାର ଓ ହିଲ୍ ପାର୍କର ବସୀର ଅହମ୍ମଦ ଜୋଠାର। ଏହି ୩ ଆତଙ୍କବାଦୀ ପାକିସ୍ତାନୀ ଥିଲେ ଓ ସେମାନେ କିଭଳି ଥିଲେ ସେ ନେଇ ଏହି ଦୁଇଜଣ ଏନ୍‌ଆଇଏକୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ। ଆତଙ୍କବାଦୀମାନେ ଲସ୍କର ଇ ତୋଏବା (ଏଲ୍‌ଇଟି) ଆତଙ୍କୀ ସଂଗଠନର ସଦସ୍ୟ ଥିଲେ ବୋଲି ଦୁହେଁ କହିଛନ୍ତି। ଏହି ୩ଜଣ ଆତଙ୍କବାଦୀଙ୍କୁ ପରଭେଜ ଓ ବସିର ଆକ୍ରମଣ ପୂର୍ବରୁ ହିଲ ପାର୍କ ସ୍ଥିତ ଏକ ଅସ୍ଥାୟୀ ବସ୍ତିରେ ଜାଣିଶୁଣି ରହିବା ପାଇଁ ସୁଯୋଗ ଦେଇଥିଲେ। ଆତଙ୍କବାଦୀଙ୍କୁ ସେଠାରେ ରଖିବା ସହ ସେମାନଙ୍କୁ ଅନ୍ୟାନ୍ୟ ସୁବିଧାସୁଯୋଗ ପ୍ରଦାନ କରିଥିଲେ। ତେବେ ଅଭିଯୁକ୍ତମାନେ ଏହି ୩ ଆତଙ୍କବାଦୀଙ୍କ ନାମ ବିଷୟରେ ସୂଚନା ଦେଇଛନ୍ତି କି ନା ସେ ନେଇ ଏନ୍‌ଆଇଏ କିଛି ସ୍ପଷ୍ଟ କରିନାହିଁ।

# ସମ୍ପୂର୍ଣ୍ଣ ୟୁକ୍ରେନ ଆମର: ପୁଟିନ୍

ସେଣ୍ଟ ପିଟର୍ସବର୍ଗ,୨୨।୬(ଏଜେନ୍ସି): ରୁଷି ରାଷ୍ଟ୍ରପତି ଭ୍ଲାଡିମୀର ପୁଟିନ ପୁଣି ଏକ ଅଜବ ମନ୍ତବ୍ୟ ଦେଇ ଚର୍ଚ୍ଚା ସୃଷ୍ଟି କରିଛନ୍ତି। ସମ୍ପୂର୍ଣ୍ଣ ୟୁକେନ୍ ହେଉଛି ଆମର। ୟୁକ୍ରେନ ଓ ରୁଷିଆର ଲୋକ ସମାନ ବୋଲି ସେ କହିଛନ୍ତି। ସେଣ୍ଟ ପିଟର୍ସବର୍ଗରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଇକୋନୋମିକ ଫୋରମ୍‌ରେ ପୁଟିନ ଏହି କଥା କହିଛନ୍ତି। ୟୁକ୍ରେନ୍‌କୁ ଧ୍ୱଂସ କରିବା ରୁଷିଆ ଆଦୌ ଲକ୍ଷ୍ୟ ରଖିନାହିଁ। କିନ୍ତୁ ୟୁକ୍ରେନ୍ ରୁଷିଆର ଭୌଗଳିକ ସ୍ଥିତି ଓ ପ୍ରାଦେଶିକ ତଥା ଆଞ୍ଚଳିକ ପ୍ରାଧାନ୍ୟକୁ ସ୍ୱୀକାର କରିବା ଉଚିତ ବୋଲି ସେ ସ୍ପଷ୍ଟ କରିଛନ୍ତି। ରୁଷିଆ ଓ ୟୁକ୍ରେନ୍‌ର ନାଗରିକ ସବୁ ଦୃଷ୍ଟିକୋଣରୁ ସମାନ ବୋଲି ପୂର୍ବରୁ ଏକାଧିକବାର କହି ସାରିଛି। ତେଣୁ ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ସମ୍ପୂର୍ଣ୍ଣ ୟୁକ୍ରେନ ଆମର। କିନ୍ତୁ ଆମେ କେବେ ୟୁକ୍ରେନର ସାର୍ବଭୌମତ୍ୱକୁ ନେଇ ପ୍ରଶ୍ନ ଉଠାଇନାହୁଁ ବୋଲି ସେ କହିଛନ୍ତି। ୧୯୯୧ରେ ଯେତେବେଳେ ୟୁକ୍ରେନ ସ୍ୱାଧୀନତା ଲାଭ କରିଥିଲା, ସେତେବେଳେ ଏହି ଦେଶ କୌଣସି ଗୋଷ୍ଠୀରେ ସାମିଲ ନହେବାକୁ, ଆଣବିକ ଅସ୍ତ୍ର ପାଖରେ ନ ରଖିବାକୁ ଓ ଏକ ନିରପେକ୍ଷ ଦେଶ ହୋଇ ରହିବାକୁ ସର୍ତ୍ତ ରହିଥିଲା। ତେଣୁ ୟୁକ୍ରେନ ଏହି ସର୍ତ୍ତଗୁଡିକୁ ମାନିବା ଉଚିତ।

# ଗମ୍ଭୀର ରୋଗ ସହ ସଂଘର୍ଷ କରୁଛନ୍ତି ସଲମାନ

ନୂଆଦିଲ୍ଲୀ, ୨୨।୬(ଏଜେନ୍ସି): ବଲିଉଡ୍ ସୁପରଷ୍ଟାର ସଲମାନ ଖାନ୍ ଏକାଧିକ ଗମ୍ଭୀର ରୋଗ ସହ ସଂଘର୍ଷ କରୁଛନ୍ତି। ୫୯ ବର୍ଷୀୟ ସଲମାନଙ୍କ ମସ୍ତିସ୍କରେ ସମସ୍ୟା ରହିଛି। ସେ ବ୍ରେନ୍ ଆନେଉରିଜମ୍ ନାମକ ଏକ ରୋଗରେ ପୀଡିତ ଅଛନ୍ତି। କିଛିଦିନ ତଳେ 'ଦି ଗ୍ରେଟ୍ ଇଣ୍ଡିଆନ କପିଲ ଶର୍ମା' ଶୋ'ରେ ଯୋଗ ଦେଇ ସେ ଏ ନେଇ ଖୁଲାସା କରିଛନ୍ତି। କେବଳ ସେତିକି ନୁହଁ ସେ ଟ୍ରାଇଜେମିନାଲ ନେଉରାଲଜିଆ ଓ ଆର୍ଟେରିଓଭେନସ ମାଲଫର୍ମେସନ ରୋଗରେ ମଧ୍ୟ ପୀଡିତ ଅଛନ୍ତି। ଏହି କାରଣରୁ ତାଙ୍କ ଚେହେରା ଓ ମୁଣ୍ଡରେ ସେ ଯନ୍ତ୍ରଣା ଅନୁଭବ କରୁଛନ୍ତି। ବ୍ରେନ୍ ଆନେଉରିଜମ୍ ପାଇଁ ତାଙ୍କ ଚିକିତ୍ସା ହେଉଛି। ଏହା କାରଣରୁ ଜୀବନ ମଧ୍ୟ ଯାଇପାରେ। ଏତେ ସବୁ ରୋଗରେ ପୀଡିତ ଥିଲେ ମଧ୍ୟ ଯନ୍ତ୍ରଣା ସହ କାମ କରିବାକୁ ପଡୁଛି ବୋଲି ସେ କହିଛନ୍ତି।

# ଡିଜିସିଏର ନୂଆ ମାର୍ଗଦର୍ଶିକା

ନୂଆଦିଲ୍ଲୀ, ୨୨।୬ (ଏଜେନ୍ସି):ବିମାନ ନିୟାମକ ଡିଜିସିଏ ଖରାପ ପାଣିପାଗରେ ଉଡ଼ାଣକୁ ନେଇ ନୂଆ ନିୟମ ଜାରି କରିଛି। ବିମାନ ଉଡ଼ାଣ କାର୍ଯ୍ୟସୂଚୀଠାରୁ ଯାତ୍ରୀ ଏବଂ କ୍ରୁଙ୍କ ସୁରକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଛି। ପାଣିପାଗ ଖରାପ ଥିଲେ କିମ୍ବା ବିପଦ ଥିଲେ ବିମାନର ଗତିପଥ ବଦଳାଇବାକୁ ତୁରନ୍ତ ନିଷ୍ପତ୍ତି ନେବା ପାଇଁ ପାଇଲଟଙ୍କୁ ପରାମର୍ଶ ଦିଆଯାଇଛି। କେଦାରନାଥରେ ହେଲିକପ୍ଟର ଏବଂ ଅହମଦାବାଦ ଦୁର୍ଘଟଣା ପରେ ଡିଜିସିଏ ଏହି ନିଷ୍ପତ୍ତି ନେଇଛି। ଏ ନେଇ ସମସ୍ତ ବିମାନ କମ୍ପାନୀମାନଙ୍କୁ ନୂଆ ସର୍କୁଲାର ଜାରି କରାଯାଇଛି।

# ୩ କୋଟିର ସମ୍ପତ୍ତି ପାଇଁ ପ୍ରେମିକ ସହ ମିଶି ସ୍ୱାମୀକୁ ହତ୍ୟା

ଲକ୍ଷ୍ନୌ, ୨୨।୬ (ଏଜେନ୍ସି): ମଧ୍ୟପ୍ରଦେଶ ପରେ ଉତ୍ତର ପ୍ରଦେଶ ମୋରାଦାବାଦରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ୩ କୋଟିର ସମ୍ପତ୍ତି ପାଇଁ ପ୍ରେମିକ ସହ ମିଶି ସ୍ତ୍ରୀ ସ୍ୱାମୀକୁ ହତ୍ୟା କରିଛି। ଏହି ଜଘନ୍ୟ କାଣ୍ଡ ଘଟାଇବା ପରେ ମୃତଦେହକୁ ନେଇ ଉତ୍ତରାଖଣ୍ଡର କୋଟଦ୍ୱାର ଜଙ୍ଗଲରେ ପକାଇଛି। ସୂଚନା ଅନୁଯାୟୀ ପୀଡ଼ିତ ରବୀନ୍ଦ୍ର କୁମାର ନିଜର ୩ କୋଟିର ଘର ବିକ୍ରି କରି ଋଣ ପରିଶୋଧ କରିବାକୁ ଚାହୁଁଥିଲେ। ମାତ୍ର ପତ୍ନୀ ରୀନା ସିନ୍ଧୁ ଏହାକୁ ବିରୋଧ କରିଥିଲେ। ଏଥିପାଇଁ ଉଭୟଙ୍କ ମଧ୍ୟରେ ବିବାଦ ହୋଇଥିଲା। ପରେ ସେ ପ୍ରେମିକ ପରିତୋଷ କୁମାର ସହ ମିଶି ସ୍ୱାମୀକୁ ମାରି ଦେଇଥିଲେ।

# ଟ୍ରାକ୍ଟର-ଡମ୍ପର ଧକ୍କା; ୫ ମୃତ

କୋଲକାତା, ୨୨।୬ (ଏଜେନ୍ସି): ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲ୍ଲାର କାନ୍ଦି ଥାନା ଅଞ୍ଚଳର ଗୋରକାନ୍ ପାୱାର ହାଉସ୍ ଛକରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରେ ୩ ମହିଳା ଓ ଡ୍ରାଇଭର ସାମିଲ ଅଛନ୍ତି। ୧୦ ଜଣ ଆହତ ହୋଇଛନ୍ତି। ମୁର୍ଶିଦାବାଦ ମେଡିକାଲ୍ କଲେଜ୍ ହସ୍ପିଟାଲରେ ଏମାନଙ୍କର ଚିକିତ୍ସା ଚାଲିଛି। କିଛି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ସୂଚନା ଅନୁଯାୟୀ ୨୦ ଜଣିଆ ତୀର୍ଥଯାତ୍ରୀଙ୍କ ଏକ ଦଳ ବୀରଭୂମର ବାଲୁକା ଅଞ୍ଚଳରୁ ଗାଧୋଇ ଟ୍ରାକ୍ଟରରେ ଫେରୁଥିଲେ। ଏହି ସମୟରେ ଟ୍ରାକ୍ଟରଟି ଏକ ଡମ୍ପର ସହିତ ଧକ୍କା ହୋଇ ଓଲଟି ପଡ଼ିଥିଲା।



# ୩୭ ଘଣ୍ଟା ଉଡ଼ାଣ ପରେ ଇରାନରେ ଆକ୍ରମଣ କରିଥିଲା ବି-୨ ବମ୍ବର୍ସ

## ୧୨ ବଙ୍କର ବଷ୍ଟର, ୩୦ ଟନ୍ ହକ୍ କ୍ଷେପଣାସ୍ତ୍ର ଆକ୍ରମଣ

ୱାଶିଂଟନ, ୨୨।୬ (ଏଜେନ୍ସି):

ଇସ୍ରାଏଲ ଏବଂ ଇରାନ ସଂଘର୍ଷକୁ ଆମେରିକା ଡେଇଁଛି। ଏହି ଦେଶ 'ଅପରେସନ ମିଡ୍‌ନାଇଟ ହାମର' ଆରମ୍ଭ କରି ରବିବାର ସକାଳେ ଇରାନର ତିନୋଟି ପରମାଣୁ ଠିକଣାରେ ବୋମା ବର୍ଷା କରିଛି। ଏହି ଆକ୍ରମଣରେ ନତାଞ୍ଜ, ଫର୍ଦୋ ଏବଂ ଇସାଫାହନ ପରମାଣୁ କେନ୍ଦ୍ର ଧ୍ୱଂସ ହୋଇଯାଇଛି। ଦୁଇ ଦେଶ ମଧ୍ୟରେ ଚାଲିଥିବା


- ■ 'ଅପରେସନ ମିଡ୍‌ନାଇଟ ହାମର'ରେ ସାମିଲ ଥିଲା ୧୨୫ ଯୁଦ୍ଧ ବିମାନ
- ■ ଆକ୍ରମଣ ପୂର୍ବରୁ ଇରାନକୁ ଜଣାଇଥିଲା ଆମେରିକା

ଏହି ଯୁଦ୍ଧରେ ଆମେରିକା ସାମିଲ ହୋଇ ସ୍ଥିତିକୁ ଅଧିକ ଗମ୍ଭୀର କରିଦେଇଛି। ଇରାନ ଜବାବୀ କାର୍ଯ୍ୟାନୁଷ୍ଠାନର ଧମକ ଦେଇଛି। ତେବେ ଇରାନ କୌଣସି କାର୍ଯ୍ୟାନୁଷ୍ଠାନ ନେଲେ ଆମେରିକା ଜୋରଦାର ଆକ୍ରମଣ କରିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଇରାନ ଉପରେ ଆଜି ହୋଇଥିବା ଆକ୍ରମଣରେ ଆମେରିକାର ବି-୨ ଷ୍ଟିଲଥ୍ ବମ୍ବର୍ସ ସହିତ ୧୨୫ ଲଢୁଆ ବିମାନ ସାମିଲ ହୋଇଥିଲା। ପାହାଡ଼ କାଟି ଇରାନ ପରମାଣୁ କେନ୍ଦ୍ର ବନାଇ ଥିଲା। ତେଣୁ ଏହାକୁ ଧ୍ୱଂସ କରିବା ପାଇଁ ବି-୨ ବମ୍ବରର ଆବଶ୍ୟକତା ପଡ଼ିଥିଲା। ୨୫୦ ଫୁଟ୍ ତଳେ ଥିବା ପରମାଣୁ କେନ୍ଦ୍ରକୁ ଧ୍ୱଂସ କରିବା ପାଇଁ ବଙ୍କର ବଷ୍ଟର ବ୍ୟବହାର କରାଯାଇଥିଲା। ପ୍ରଥମ ଥର ପାଇଁ ଆମେରିକା ଏହି ବୋମାକୁ ବ୍ୟବହାର କରିଛି। ତେବେ ଆକ୍ରମଣ ପରେ ପରମାଣୁ କେନ୍ଦ୍ରରୁ କୌଣସି ବିକିରଣ ହୋଇନାହିଁ ବୋଲି ଇରାନ ପକ୍ଷରୁ କୁହାଯାଇଛି। ଏହି ଅଭିଯାନ ପାଇଁ ବି-୨ ବମ୍ବର୍ସ ଅନବରତ ୩୭ ଘଣ୍ଟା ପର୍ଯ୍ୟନ୍ତ ଉଡ଼ାଣ କରିଥିଲା। ସିଧାସଳଖ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ଇରାନର ପରମାଣୁ କେନ୍ଦ୍ର ଉପରେ ବଙ୍କର ବଷ୍ଟର ମାଡ଼ କରିଥିଲା। ଆମେରିକା ରାଷ୍ଟ୍ରପତି ଏହି ସୂଚନା ଦେଇଛନ୍ତି। ଆମେରିକାର ମିସୋରିରୁ ବି-୨ ବିମାନ ଉଡ଼ାଣ ଆରମ୍ଭ କରିଥିଲା। ଏହା ଲକ୍ଷ୍ୟଭେଦ କରିବା ପୂର୍ବରୁ ୩୭ ଘଣ୍ଟାର ଯାତ୍ରା କରିଥିଲା। ଆକାଶ ମାର୍ଗରେ ଇନ୍ଧନ ଭର୍ତ୍ତି କରି ଏହି ଅଭିଯାନକୁ ସଫଳତାର ସହ ଶେଷ କରିଥିଲା। ପ୍ରାୟ ୨ ବିଲିୟନ ଡଲାର (୧, ୭୩, ୧୬, ୬୦, ୨୦, ୪୦୦ ଟଙ୍କା) ମୂଲ୍ୟର ଏହି ଉନ୍ନତ ଲଢୁଆ ବିମାନ ମିସୋରିରୁ ଇରାନ ଏବଂ ପୁଣି ଆମେରିକା ଫେରିବା ପର୍ଯ୍ୟନ୍ତ ୧୧, ୪୦୦ କିମି ପଥ ଅତିକ୍ରମ କରିଥିଲା। ଆକ୍ରମଣ ଦ୍ୱାରା ଫରଦୋରେ ୬ଟି ବଡ଼ ଖାଲ ହୋଇଯାଇଛି। ମାକ୍ସାର ଟେକ୍ନୋଲୋଜି ପାଖରୁ ଏହାର ଫଟୋ ଜାରି କରାଯାଇଛି। ଏହାର ଆଖପାଖରେ ମାଟି ଧସି ଯାଇଥିବା ମଧ୍ୟ ଦେଖିବାକୁ ମିଳୁଛି।

ଫରଦୋ ଠିକଣାରେ ୬ଟି ବଙ୍କର ବଷ୍ଟର ତଥା ଜିବିୟୁ-୫୭ ମାସିଭ ଅର୍ଡନାନ୍ସ ପେନେଟ୍ରେଟର (ଏମଓପି) ବୋମା ମାଡ଼ କରାଯାଇଥିଲା। ସେହିପରି ୩୦ ଟମ୍‌ହକ୍ କ୍ଷେପଣାସ୍ତ୍ର ମଧ୍ୟ ଆକ୍ରମଣ କରାଯାଇଥିଲା। ଅନ୍ୟ ଏକ ରିପୋର୍ଟରେ ଆମେରିକା ୧୨ଟି ବଙ୍କର ବଷ୍ଟର ବୋମା ମାଡ଼ କରିଥିବା କୁହାଯାଇଛି। ଆମେରିକାର ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫ ଜେନେରାଲ ଡାନ କେନ କହିଛନ୍ତି ଯେ ଆକ୍ରମଣରେ ୭ଟି ବି-୨ ବିମାନ ସାମିଲ ଥିଲା। ଏହି ବିମାନ ଫର୍ଦୋ ଏବଂ ନତାଞ୍ଜରେ ପ୍ରାୟ ୧୪ ହଜାର କେଜିର ବୋମା ପକାଇ ଥିଲା। କିନ୍ତୁ ଇସ୍‌ଫାହନରେ ଟମ୍‌ହକ୍ ମିସାଇଲ ମାଡ଼ କରାଯାଇଥିଲା। ଏହି ଅଭିଯାନ ପାଇଁ ଧୋକାର ରଣନୀତି ଆପଣା ଯାଇଥିଲା। କିଛି ବୋମାବର୍ଷୀ ବିମାନକୁ ପ୍ରଶାନ୍ତ ମହାସାଗର ଅଭିମୁଖେ ପଠା ଯାଇଥିଲା। ଏହା ମାଧ୍ୟମରେ ଇରାନକୁ ଭୁଆଁ ବୁଲା ଯାଇଥିଲା। ସେହିଦିଗରୁ ଆକ୍ରମଣ ହେବ ବୋଲି ଇରାନ ଭାବିଥିଲା। କିନ୍ତୁ ଅନ୍ୟ ଦିଗରୁ ଆମେରିକା ଆକ୍ରମଣ କରିଥିଲା। ୨୦୦୧ ସେପ୍ଟେମ୍ବର ୧୧ ପରଠାରୁ ଏହା ସବୁଠୁ ବଡ଼ ବି-୨ ମିସନ ଥିଲା। ଏହି ଅଭିଯାନକୁ ଅତ୍ୟନ୍ତ ଗୁପ୍ତ ରଖାଯାଇଥିଲା। କିଛି ନିର୍ଦ୍ଦିଷ୍ଟ ସେନା ଅଧିକାରୀଙ୍କୁ ଏହି ସୂଚନା ଦିଆଯାଇଥିଲା। ଅନ୍ୟପଟେ ଆମେରିକା ଦିନକ ପୂର୍ବରୁ ଆକ୍ରମଣ ବିଷୟରେ ଇରାନକୁ ସୂଚନା ଦେଇଥିଲା ବୋଲି କୁହାଯାଉଛି। ଅମବାଜ ମିଡିଆ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଜଣେ ବରିଷ୍ଠ ଅଧକାରୀ କହିଛନ୍ତି ଯେ ଆକ୍ରମଣ ପୂର୍ବରୁ ଆମେରିକା ଆଡଭାନ୍ସ ନୋଟିସ ପଠାଇ ଥିଲା। ନାମ ପ୍ରକାଶ ନ କରିବା ସର୍ତ୍ତରେ ଜଣେ ଅଧିକାରୀ କହିଛନ୍ତି ଯେ ଗତ ୨୧ ତାରିଖରେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଆକ୍ରମଣ ପାଇଁ ସୂଚନା ଦିଆଯାଇଥିଲା। ଇରାନ ସହ ଯୁଦ୍ଧ କରିବା ଆମେରିକାର ଉଦ୍ଦେଶ୍ୟ ନୁହେଁ ବୋଲି କୁହାଯାଇଥିଲା। କେବଳ ତିନୋଟି ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ କରାଯିବ ବୋଲି ସୂଚନା ଦିଆଯାଇଥିଲା।

ଆମେରିକା ଆକ୍ରମଣ କରିବ ବୋଲି ପୂର୍ବରୁ ଇରାନ ଜାଣିପାରି ଥିଲା। ଏଥିପାଇଁ ସତର୍କ ହୋଇ ଯାଇଥିଲା। ଆକ୍ରମଣ ପୂର୍ବରୁ ଇରାନ ଫର୍ଦୋ ପରମାଣୁ କେନ୍ଦ୍ରରେ ଥିବା ଅଧିକାଂଶ ୟୁରାନିୟମକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରି ଦେଇଥିଲା। ଇରାନର ମେହର ନ୍ୟୁଜ୍ ଏଜେନ୍ସି ସୂତ୍ରକୁ ଏହି ସୂଚନା ମିଳିଛି। ଇସ୍ରାଏଲ ସହିତ ବଢୁଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ଇରାନ ସରକାର ଏହି ପଦକ୍ଷେପ ନେଇଥିଲେ। ତେବେ ଏହି ୟୁରାନିୟମ କେଉଁଠାକୁ ନିଆଯାଇଛି ତାହାର କୌଣସି ସୂଚନା ଦିଆଯାଇ ନାହିଁ।





## ବଙ୍କର ବଷ୍ଟର କ'ଣ

ଜିବିୟୁ ତଥା ବଙ୍କର ବଷ୍ଟର ତଥା ଏମଓପି ଭାବେ ପରିଚିତ ଏହି କ୍ଷେପଣାସ୍ତ୍ରର ଲମ୍ବ ୨୦.୭ ଫୁଟ। ଏଥିରେ ୪ଟି ଷ୍ଟାବିଲାଇଜର ଫିନ୍ସ, ୪ଟି ୱିଙ୍ଗ, ଲେଜର ସେନ୍‌ସର ଏବଂ ୱାର ହେଡ୍ ରହିଛି। ଏହାର ଓଜନ ପ୍ରାୟ ୧୪ ଟନ୍। ଏହା ୫,୩୪୨ ପାଉଣ୍ଡର ବିସ୍ଫୋରକ ନେଇପାରିବ। ଭୂତଳ ଭଣ୍ଡାର ଏବଂ କଠିନ ଲକ୍ଷ୍ୟକୁ ଭେଦ କରିବା ପାଇଁ ଏହି ବଙ୍କର ବଷ୍ଟରକୁ ଡିଜାଇନ କରାଯାଇଛି। ଏହା ୨୦୦ ଫୁଟ ତଳେ ଥିବା ଠିକଣାକୁ ମଧ୍ୟ ଧ୍ୱଂସ କରିଦେବ। ଏହି ବଙ୍କର ବଷ୍ଟରର ମୂଲ୍ୟ ୩.୫ ନିୟୁତ ଡଲାର ଅର୍ଥାତ୍ ୨୯ କୋଟି ଟଙ୍କା। ଏହା ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଅଣ ପରମାଣୁ ଅସ୍ତ୍ର। ଏହାକୁ ବୋଇଂ ଡିଜାଇନ କରିଥିଲା। ଉଚ୍ଚ କ୍ଷମତା ସମ୍ପନ୍ନ ଷ୍ଟିଲ ଏଲୟରେ ଏହାକୁ ପ୍ରସ୍ତୁତ କରାଯାଇଛି।

## ■ ବି-୨ ଷ୍ଟିଲ୍‌ଥ ବମ୍ବରର କ୍ଷମତା

ଏହି ବିମାନକୁ ଆମେରିକା ବାୟୁସେନାର ମେରୁଦଣ୍ଡ ଧରାଯାଏ। ବିଶ୍ୱର ପ୍ରମୁଖ ଶକ୍ତିଶାଳୀ ବିମାନ ମଧ୍ୟରୁ ଏହା ଅନ୍ୟତମ। ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଏହାକୁ ଡିଜାଇନ କରାଯାଇଛି। ଏହାର ପର୍ଯ୍ୟବେକ୍ଷଣ କ୍ଷମତା ଅତ୍ୟନ୍ତ ତୀକ୍ଷଣ। ଯେକୌଣସି ଉଚ୍ଚତାରେ ଏହା ଉଡ଼ାଣ କରିବାକୁ ସକ୍ଷମ। ଏହା ସବୁଠାରୁ ଅତ୍ୟାଧୁନିକ ବାୟୁ ପ୍ରତିରକ୍ଷା ବ୍ୟବସ୍ଥାକୁ ମଧ୍ୟ ଭେଦ କରିଦେବ। ଏହା ଥରକେ ୧୧ ହଜାର କିମି ପର୍ଯ୍ୟନ୍ତ ଉଡ଼ାଣ କରିପାରିବ। ପୁଣି ଇନ୍ଧନ ଭର୍ତ୍ତି କରିବା ପରେ ୧୯ ହଜାର କିମି ପର୍ଯ୍ୟନ୍ତ ଉଡ଼ିପାରିବ। ଏହି ବିମାନ ଏକାଥରକେ ୨ଟି ବଙ୍କର ବଷ୍ଟର ବୋମା ନେଇ ଯାତ୍ରା କରିପାରିବ। କାରଣ ଏହି ବୋମାର ଓଜନ ପ୍ରାୟ ୩୦ ହଜାର ପାଉଣ୍ଡ ତଥା ୧୪ ଟନ୍ ହୋଇଥାଏ। ଅଧିକ ଓଜନର ହୋଇଥିବାରୁ ବି-୨ କେବଳ ୨ଟି ଏମଓପି ସହିତ ଅନ୍ୟ ଅସ୍ତ୍ରଶସ୍ତ୍ର ନେଇପାରିବ। ଏହି ବିମାନର ମୂଲ୍ୟ ୨ ବିଲିୟନ ଡଲାର ଅର୍ଥାତ୍ ପ୍ରାୟ ୧୭ ହଜାର କୋଟି ଟଙ୍କା। ଏହାର ଓଜନ ୭୧ ହଜାର କେଜି। ଏହା ୧.୭୧ ଲକ୍ଷ କେଜି ସହ ଉଡ଼ାଣ କରିବାରେ ସକ୍ଷମ। ଏହି ବିମାନରେ ଏଫ୧୧୮-ଜିଇ-୧୦୦ ଇଞ୍ଜିନ ଲାଗିଛି। ଏହା ୪୦ ହଜାର ପାଉଣ୍ଡର ପେଲୋଡ ନେଇ ଯେକୌଣସି ଲକ୍ଷ୍ୟକୁ ୨୪ ଘଣ୍ଟା ମଧ୍ୟରେ ନଷ୍ଟ କରିପାରିବ।

# ମୋଦୀଙ୍କ ସହ କଥା ହେଲେ ଇରାନ ରାଷ୍ଟ୍ରପତି

ନୂଆଦିଲ୍ଲୀ,୨୨।୬(ଏଜେନ୍ସି): ଇରାନ ଆଣବିକ କେନ୍ଦ୍ର ଉପରେ ଆମେରିକା ଆକ୍ରମଣ କରିବା ପରେ ସାରା ବିଶ୍ୱରେ ଏ ନେଇ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏ ନେଇ ଇରାନ ରାଷ୍ଟ୍ରପତି ମାସୁଦ୍ ପେଜେସକିଆନ୍‌ଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ଇସ୍ରାଏ୍ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ କରାଣରୁ ସମ୍ପୂର୍ଣ୍ଣ ମଧ୍ୟପ୍ରାଚ୍ୟରେ ଅଶାନ୍ତି ଓ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି ଅଞ୍ଚଳରେ ଯଥାଶୀଘ୍ର ସଂଘର୍ଷ କମ୍ କରିବା ସହ କଥାବାର୍ତ୍ତା ଓ କୂଟନୈତିକ ପ୍ରୟାସ ଜରିଆରେ ଶାନ୍ତି ପ୍ରତିଷ୍ଠା କରିବାକୁ ମୋଦୀ ମାସୁଦ୍‌ଙ୍କୁ କହିଥିଲେ। ସମ୍ପ୍ରତିକ ସ୍ଥିତି ନେଇ ଦୁଇ ଦେଶର ରାଷ୍ଟ୍ରମୁଖ୍ୟ ବିସ୍ତୃତ ଭାବେ ୪୫ ମିନିଟ୍ ଧରି କଥା ହୋଇଥିଲେ। ଏଥିପାଇଁ ମାସୁଦ୍ ମୋଦୀଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି। ଭାରତ ହେଉଛି ଇରାନ୍‌ର ମିତ୍ର ଏବଂ ଏହି ଅଞ୍ଚଳରେ ଶାନ୍ତି, ସ୍ଥିରତା ଓ ନିରାପତ୍ତା ଫେରାଇ ଆଣିବା ପାଇଁ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଇରାନ୍ ରାଷ୍ଟ୍ରପତି କହିଥିଲେ।

# ଇରାନକୁ ପରମାଣୁ ଅସ୍ତ୍ର ଯୋଗାଇବ ରୁଷ!

ତେହରାନ, ୨୨।୬(ଏଜେନ୍ସି):

ଇରାନ ପରମାଣୁ କେନ୍ଦ୍ର ଉପରେ ଆମେରିକାର ଆକ୍ରମଣକୁ ରୁଷ ଓ ଚୀନ ବିରୋଧ କରିବା ସହିତ ଏହାର ଦୃଢ଼ ନିନ୍ଦା କରିଛନ୍ତି। ଆମେରିକାର ଏଭଳି ଆକ୍ରମଣ ମଧ୍ୟପ୍ରାଚ୍ୟରେ ପରିସ୍ଥିତିକୁ ବିଗାଡ଼ିଦେବ ବୋଲି ସେମାନେ ସତର୍କ କରାଇଛନ୍ତି। ରୁଷ ଏହି ଘଟଣାରେ ଉଦବେଗ ପ୍ରକାଶ କରିବା ସହିତ କହିଛି ଯେ ଅନେକ ଦେଶ ଇରାନକୁ ପରମାଣୁ ଅସ୍ତ୍ର ଯୋଗାଇବାକୁ ପ୍ରସ୍ତୁତ ଅଛନ୍ତି। ରୁଷ ମଧ୍ୟ ଇରାନକୁ ପରମାଣୁ ଶକ୍ତି ଓ ଜ୍ଞାନକୌଶଳ ଯୋଗାଇବ ବୋଲି ରୁଷର ପୂର୍ବତନ ରାଷ୍ଟ୍ରପତି କହିଛନ୍ତି। ଇରାନକୁ ରୁଷ ପରମାଣୁ ଅସ୍ତ୍ର ଯୋଗାଇପାରେ ବୋଲି ସୂଚନା ମିଳିଛି।

## ଆକ୍ରମଣକୁ ଚୀନ୍, ଜାତିସଂଘର ନିନ୍ଦା

ଚୀନ୍ ମଧ୍ୟ ଇରାନ ଉପ।।ରେ ଆକ୍ରମଣକୁ କଡ଼ା ନିନ୍ଦା କରିଛି। ଆମେରିକା ଅନ୍ତର୍ଜାତୀୟ ନିୟମ ଓ ଜାତିସଂଘ ନିୟମାବଳୀର ଉଲ୍ଲଂଘନ କରିଛି ବୋଲି ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି। ଏଥିସହ ମଧ୍ୟପ୍ରାଚ୍ୟରେ ଶାନ୍ତି ଫେରାଇ ଆଣିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଯେତେଶୀଘ୍ର ସମ୍ଭବ ଇସ୍ରାଏଲ୍ ଅସ୍ତ୍ରବିରତି ଘୋଷଣା କରୁ ଓ ସାଧାରଣ ନାଗରିକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବା ସହ କଥାବାର୍ତ୍ତା ଉପରେ ଗୁରୁତ୍ୱ ଦେଉ ବୋଲି ସେ କହିଛନ୍ତି। ଇରାନ ଉପରେ ଆମେରିକାର ଆକ୍ରମଣକୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟରେସ୍ ନିନ୍ଦା କରିଛନ୍ତି। ଏହା ମଧ୍ୟପ୍ରାଚ୍ୟ ସମେତ ସାରା ବିଶ୍ୱରେ ଅନ୍ତର୍ଜାତୀୟ ଶାନ୍ତି ପ୍ରତିଷ୍ଠା ଓ ନିରାପତ୍ତା ବ୍ୟବସ୍ଥା ପାଇଁ ବିପଦ ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ବାହୁବଳ ତଥା ସାମରିକ ଶକ୍ତି ଦ୍ୱାରା କୌଣସି ସମସ୍ୟାର ସମାଧାନ ହୋଇନାହିଁ। ସମସ୍ୟା ଓ ମତପାର୍ଥକ୍ୟ ଦୂର କରିବ ପାଇଁ କୁଟନୈତିକ ପ୍ରୟାସ ଜାରି ରଖିବା ଉଚିତ। ସାରା ବିଶ୍ୱରେ ଶାନ୍ତି ହିଁ ଏକମାତ୍ର ଆଶା ହେବା ଉଚିତ। ସବୁ ଦେଶ ଅନ୍ତର୍ଜାତୀୟ ନିୟମକୁ ଅନୁସରଣ କରିବା ଉଚିତ। ଯୁଦ୍ଧ କେବେ କୌଣସି ସମସ୍ୟାର ସମାଧାନ ନୁହେଁ ବୋଲି ସେ କହିଛନ୍ତି।

ଇରାନର ପରମାଣୁ କେନ୍ଦ୍ର ଉପରେ ଆମେରିକା କରିଥିବା ଆକ୍ରମଣକୁ ପାକିସ୍ତାନ ନିନ୍ଦା କରିଛି। ଏହି ଆକ୍ରମଣ ଅନ୍ତର୍ଜାତୀୟ ଆଇନ ବିରୋଧୀ ବୋଲି କୁହାଯାଇଛି। ଇରାନର ଆତ୍ମରକ୍ଷା କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି। ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଜାତିସଂଘ ଚାର୍ଟର ଅନୁଯାୟୀ ସାର୍ବଭୌମତ୍ୱ ଏବଂ ଲୋକଙ୍କ ସୁରକ୍ଷା ପାଇଁ ଜବାବ ଦେବାର ଅଧିକାର ଇରାନର ରହିଛି। ପାକିସ୍ତାନ ଚେତାବନୀ ଦେଇଛି ଯେ ଯଦି ଉତ୍ତେଜନା ଆହୁରି ବୃଦ୍ଧି ପାଏ ତେବେ ଏହା କେବଳ ଏହି କ୍ଷେତ୍ର ନୁହେଁ, ବରଂ ସମଗ୍ର ବିଶ୍ୱକୁ ପ୍ରଭାବିତ କରିବ। ସାଉଦୀ ଆରବ ସମେତ ଅନେକ ଆରବ ରାଷ୍ଟ୍ର ସାଂପ୍ରତିକ ପରିସ୍ଥିତି ନେଇ ଚିନ୍ତା ପ୍ରକଟ କରିଛନ୍ତି। ସେମାନେ ପରିସ୍ଥିତି ଉପରେ ନଜର ରଖିଥିବା କହିଛନ୍ତି।

ଇରାନ ପରମାଣୁ ଠିକଣା ଉପରେ ଆକ୍ରମଣକୁ ନେଇ ଅନ୍ତର୍ଜାତୀୟ ଅଟୋମିକ ଏନର୍ଜି ଏଜେନ୍ସି (ଆଇଏଇଏ) ସୋମବାର ଜରୁରୀ ବୈଠକ ଡାକିଛି। ଆଇଏଇଏର ମୁଖ୍ୟ ରାଫେଲ ଗ୍ରୋସି ଏହି ସୂଚନା ଦେଇ କହିଛନ୍ତି ଯେ ଇରାନରେ ଜରୁରୀ ସ୍ଥିତି ଦେଖା ଦେଇଛି। ତେବେ ଇରାନର ଫରଦୋ, ନତାଞ୍ଜ ଏବଂ ଇସଫାହନ କେନ୍ଦ୍ରରୁ କୌଣସି ବିକିରଣ ହେଉ ନ ଥିବା କୁହାଯାଇଛି। ସ୍ଥିତି ଉପରେ ନଜର ରଖାଯାଇଛି।

# ଘରେ ପଶି ସ୍ୱାମୀଙ୍କୁ ଗୁଳି, ସ୍ତ୍ରୀ ଓ ପିଲାଙ୍କୁ ଅପହରଣ

ଭୋପାଳ, ୨୨।୬: ମଧ୍ୟପ୍ରଦେଶରେ ଛତରପୁର ଜିଲ୍ଲାରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍ପଷ୍ଟ ଦିବାଲୋକରେ କେତେକ ଲୋକ ଘରେ ପଶି ଜଣେ ପୁରୁଷଙ୍କୁ ଗୁଳିମାରିବା ସହ ବନ୍ଧୁକ ଦେଖାଇ ତାଙ୍କ ପତ୍ନୀ ଓ ଦୁଇ ଝିଅ (୫ ଓ ୭ ବର୍ଷର)ଙ୍କୁ ଅପହରଣ କରି ନେଇଛନ୍ତି। ଏହି ଘଟଣାର ଭିଡିଓ ଇଣ୍ଟରନେଟ୍ ବେଶ୍ ଭାଇରାଲ ହୋଇଛି। ବିଜେପି ଶାସିତ ମଧ୍ୟପ୍ରଦେଶରେ ଏହି ଘଟଣା ଘଟିଥିବାରୁ ବିରୋଧୀ ଦଳଗୁଡିକ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ନେଇ ପ୍ରଶ୍ନ ଉଠାଇଛନ୍ତି।

ପାଖାପାଖି ୧୨ ଜଣ ଲୋକ ହାତରେ ପିସ୍ତଲ, ବାଡି, ରଡ୍ ଧରି ହରିରାମ ପାଲଙ୍କ ଘରେ ପଶିଥିଲେ। ଏକ ଏସ୍‌ୟୁଭି କାର ଓ ଏକାଧିକ ମଟର ସାଇକଲ ଚଢ଼ି ଅଭିଯୁକ୍ତମାନେ ହରିରାମଙ୍କ ଘରେ ପଶି ତାଙ୍କୁ ଗୁଳି ମାରିଥିଲେ ଓ ପରିବାର ସଦସ୍ୟଙ୍କୁ ଧକ୍କା ମାରିଥିଲେ। ହରିରାମ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ତାଙ୍କ ସ୍ଥିତି ସଙ୍କଟାପର୍ଣ୍ଣ ବୋଲି କୁହାଯାଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ସିଂ ରାଜପୁତ ସେହି ଗ୍ରାମର ବୋଲି ପୁଲିସ କହିଛି। ସଞ୍ଜୟର ନେତୃତ୍ୱର ୧୦ରୁ ୧୫ ଜଣ ଲୋକ ଏହି କାଣ୍ଡ ଘଟାଇଛନ୍ତି। ବ୍ୟକ୍ତିଗତ ଶତ୍ରୁତା କାରଣରୁ ସଞ୍ଜୟ ଏହି କାଣ୍ଡ ଭିଆଇଛି ବୋଲି କୁହାଯାଉଛି।

ଏନେଇ ଅଧିକ ତଦନ୍ତ ହେଲେ ଆହୁରି ତଥ୍ୟ ସାମ୍ନାକୁ ଆସିବ। ଏପର୍ଯ୍ୟନ୍ତ ୫ ଜଣଙ୍କୁ ଗିରଫ କରାଯାଇଛି ବୋଲି ପୁଲିସ କହିଛି। ଏହି ମାମଲାରେ ୯ ଜଣ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଧାରା ୧୧ ଅନୁସାରେ ମାମାଲା ରୁଜୁ କରାଯାଇଛି। ଅପହରଣ ଓ ହତ୍ୟା ଉଦ୍ୟମ ଧାରା ସାମିଲ ରହିଛି। ୮ ଜଣ ଅଭିଯୁକ୍ତଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡିନାହିଁ।

# ଆଜିଠୁ ବର୍ଷା, ୨୪ରୁ ବଢ଼ିବ

ଭୁବନେଶ୍ୱର,୨୨।୬(ସମିସ): ସୋମବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହେବ। ବର୍ତ୍ତମାନ ଜାରି ରହିଥିବା ଗୁଳୁଗୁଳି ସ୍ଥିତି ଯୋଗୁଁ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ପାଇଁ ପାଗ ଅନୁକୂଳ ରହୁଛି। ତେଣୁ ସୋମବାର ରାଜ୍ୟର ଅନେକ ସ୍ଥାନରେ ବିଜୁଳି ଘଡ଼ିଘଡ଼ି ଜନିତ ବର୍ଷା ଆଶଙ୍କା ରହିଛି। ଏହାବ୍ୟତୀତ ୨୪ ତାରିଖରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ଓ ପରିସ୍ଥିତି ଅନୁକୂଳ ରହିଲେ ପରବର୍ତ୍ତୀ ସମୟରେ ଏକ ଲଘୁଚାପ ସୃଷ୍ଟି ଆଶଙ୍କା ରହିଛି। ଏହା ପ୍ରଭାବରେ ୨୪ରୁ ବର୍ଷାର ପ୍ରଭାବ ବଢ଼ିବାର ସମ୍ଭାବନା ରହିଛି। ଏହାପରେ ଅର୍ଥାତ୍ ୨୮ କିମ୍ବା ୨୯ ତାରିଖରେ ମଧ୍ୟ ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ଆଶଙ୍କା ରହିଥିବାରୁ ପ୍ରାୟ ମାସ ଶେଷ ପର୍ଯ୍ୟନ୍ତ ରାଜ୍ୟରେ ଭଲ ବର୍ଷା ଆକଳନ କରାଯାଇଛି। ବର୍ଷା ସ୍ଥିତିକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଆସନ୍ତା ୫ ଦିନ ପାଇଁ ବିଭିନ୍ନ ଜିଲ୍ଲାକୁ ସତର୍କତା ଜାରି କରାଯାଇଛି।

# ୭ରୁ କଳାବ୍ୟାଜ୍ ପିନ୍ଧିବେ ଅମଲା

ଭୁବନେଶ୍ୱର, ୨୨।୬(ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘର କାର୍ଯ୍ୟକାରିଣୀ ବୈଠକ ରେଡ୍‌କ୍ରସ୍ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୩୦ଟି ଜିଲ୍ଲାର ନେତୃବୃନ୍ଦ ଓ ରାଜ୍ୟ କାର୍ଯ୍ୟକାରିଣୀର ସମସ୍ତ ସଦସ୍ୟ/ସଦସ୍ୟା ଯୋଗ ଦେଇଥିଲେ। ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ଦାବିଗୁଡ଼ିକ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସମସ୍ତ ସଦସ୍ୟ/ସଦସ୍ୟାମାନେ ରାଜ୍ୟ ସରକାରଙ୍କର ମନୋଭାବକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏଥିପ୍ରତି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପୁନର୍ବାର କୌଣସି ଆଲୋଚନା ନକରି

## ୧୪ରୁ ଅନିର୍ଦ୍ଦିଷ୍ଟ କାଳ କାର୍ଯ୍ୟବନ୍ଦ ଆନ୍ଦୋଳନ

ସିଧାସଳଖ ଆନ୍ଦୋଳନମୂକ ପନ୍ଥା ଆପଣାଇବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ଆଗାମୀ ୧୫ଦିନ ଭିତରେ ରାଜ୍ୟ ସରକାର ଦାବିଗୁଡ଼ିକ ପୂରଣ ନକଲେ ସଂଘ ଜୁଲାଇ ୭ରୁ ୧୧ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରିବ। ଏହାପରେ ବି ସରକାର ଉପରୋକ୍ତ ଦାବି ଉପରେ ପଦକ୍ଷେପ ନ ନେଲେ, ଜୁଲାଇ ୧୪ରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ସଭାପତି ତ୍ରିପତି ବାଲାଜୀ ସାହୁ, ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର ଜଣାଇଛନ୍ତି। ଦାବିଗୁଡ଼ିକ ହେଲା, ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓଆର୍‌ଏସ୍‌ପି-୨୦୧୭ ନିୟମ ଅନୁଯାୟୀ ଲେବେଲ-୯କୁ ବୃଦ୍ଧି, ନୂତନ ପଦ ସୃଷ୍ଟି ଓ ପଦବୀ ପୁନର୍ଗଠନ, କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଲାଗୁ, ୧୯୯୦ ମସିହାରେ ଲାଗୁ ନିୟମାବଳୀ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି, ଓଡ଼ିଶା ରାଜସ୍ୱ ସେବା ପଦ୍ଧତିରେ ରାଜସ୍ୱ ଅମଲାମାନଙ୍କୁ ଶତପ୍ରତିଶତ ପଦୋନ୍ନତି ଇତ୍ୟାଦି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଘ ଅଧ୍ୟକ୍ଷ ଲୋକେଶ୍ୱର ସାହୁ, କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକ, ରାଜ୍ୟ ସଂଘର କର୍ମକର୍ତ୍ତା ଏବଂ ସମସ୍ତ ଜିଲ୍ଲା ଶାଖାର ସଭାପତି ସମ୍ପାଦକ ସହିତ ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ନିଯୁକ୍ତି ଆବେଦନ ପାଇଁ ଲାଗିବ ଫି'

ଭୁବନେଶ୍ୱର,୨୨।୬(ସମିସ): ବିଭିନ୍ନ ନିଯୁକ୍ତି ପାଇଁ ଆବେଦନ କରିବାକୁ ଏଣିକି ନିର୍ଦ୍ଧାରିତ ଫି' ଦେବାକୁ ପଡ଼ିବ। ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀଙ୍କୁ ସେହି ଅର୍ଥ ଫେରସ୍ତ କରାଯିବ। ହେଲେ ପରୀକ୍ଷା ଦେଉ ନ ଥିବା ପରୀକ୍ଷାର୍ଥୀଙ୍କୁ ଆଉ ସେହି ଆବେଦନ ଫି' ଫେରସ୍ତ ମିଳବ ନାହିଁ। ଖାମଖିଆଲି ଭାବେ ଆବେଦନ କରୁଥିବା ଆଶାୟୀଙ୍କୁ ନିରୁତ୍ସାହିତ କରିବା ପାଇଁ ଏପରି ବ୍ୟବସ୍ଥା ଆଣିବାକୁ ନିଷ୍ପତ୍ତି ହୋଇଛି।

ଆବେଦନ ସତ୍ତ୍ୱେ ବହୁସଂଖ୍ୟ ଆଶାୟୀ ପରୀକ୍ଷା ଦେଉ ନାହାନ୍ତି। ଏନେଇ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଗତ ମାର୍ଚ୍ଚ ୪ରେ ଅନୁଷ୍ଠିତ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ଏହାର ନିରାକରଣସମ୍ପର୍କରେବିଚାରବିମର୍ଶପରେଫି' ଲାଗୁକରିବାକୁନିଷ୍ପତ୍ତିହୋଇଛି। ରାଜ୍ୟରେନିଯୁକ୍ତି ପରିଚାଳନା କରୁଥିବା ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି), ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ(ଓଏସ୍‌ଏସ୍‌ସି) ଏବଂ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି)କୁ ମତାମତ ଓ ପ୍ରସ୍ତାବ ଦେବାକୁ ସାଧାରଣ ପ୍ରଶାସନ ଓ ସାଧାରଣ ବିଭାଗ ପକ୍ଷରୁ କୁହାଯାଇଛି। କେଉଁ ପରୀକ୍ଷା ପାଇଁ କେତେ ଟଙ୍କା ଫି' ଧାର୍ଯ୍ୟ କରାଯିବ ଏବଂ ଆବେଦନକାରୀଙ୍କୁ କିପରି ତାହା ଫେରସ୍ତ କରାଯିବ ସେନେଇ ଆସନ୍ତା ୨୪ ତାରିଖ ମଧ୍ୟରେ ଅବଗତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ରେଲୱେ ବୋର୍ଡ ଓ ଏସ୍‌ଏସ୍‌ବି ପରି କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଏପରି ନୀତି ଆପଣାଇଛନ୍ତି। ଫଳରେ ଖାମଖିଆଲି ଆବେଦନକାରୀଙ୍କ ସଂଖ୍ୟା ପ୍ରାୟତଃ ନଥାଏ। କାରଣ ପରୀକ୍ଷା ନଦେଲେ ସେମାନଙ୍କ ଫି' ଫେରସ୍ତ ମିଳିବ ନାହିଁ ବୋଲି ଜାଣିବା ପରେ ସେମାନେ ଆବେଦନ କରୁନାହାନ୍ତି। ନୂଆ ନିଷ୍ପତ୍ତି ଦ୍ୱାରା ଆବେଦନକାରୀଙ୍କ ସଂଖ୍ୟା କମିବ। ଫଳରେ ପରୀକ୍ଷାକେନ୍ଦ୍ର କମିବା ସହ ଗୋଟିଏ ସିଫ୍ଟରେ ମଧ୍ୟ ପରୀକ୍ଷା ପରିଚାଳନା ହୋଇପାରିବ। ସରକାରଙ୍କ ବ୍ୟୟଭାର କମିବା ସହ ତ୍ୱରିତ ବେଗରେ ପରୀକ୍ଷା ହୋଇପାରିବ ବୋଲି ଓପିଏସ୍‌ସି ଆଶାୟୀ ଅମ୍ରିତ୍ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

## ପୁଲିସ ଇନ୍‌ଫର୍ମର ସନ୍ଦେହ

# ଦୁଇ ଗ୍ରାମବାସୀଙ୍କୁ ମାଓବାଦୀଙ୍କ ହତ୍ୟା

ମାଲକାନଗିରି, ୨୨।୬ (ସମିସ): ସୀମାନ୍ତରେ ପୁଣି ସକ୍ରିୟ ହୋଇଉଠିଛନ୍ତି ମାଓବାଦୀ। ସୂଚନାଦାତା ସନ୍ଦେହରେ ଦୁଇ ଗ୍ରାମବାସୀଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି ମାଓବାଦୀ। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟ ବିଜାପୁର ଜିଲ୍ଲାରେ ମାଓବାଦୀମାନେ ଗତ କିଛି ଦିନ ହେଲା ନିରୀହ ଗ୍ରାମବାସୀଙ୍କୁ ଟାର୍ଗେଟ କରି ଚାଲିଛନ୍ତି। ଆଜି ସକାଳେ ମାଓବାଦୀମାନେ ଛତିଶଗଡ ରାଜ୍ୟ ବିଜାପୁର ଜିଲ୍ଲାର ପାମେଡ ଥାନା ଅନ୍ତର୍ଗତ ସେଣ୍ଡ୍ରାବୋର ଏବଂ ଏମ୍ପୁର ଗାଁରେ ଦୁଇଜଣ ଗ୍ରାମବାସୀଙ୍କୁ ନିର୍ମମ ଭାବରେ ହତ୍ୟା କରିଛନ୍ତି। ମୃତକଙ୍କ ମଧ୍ୟରେ ସେଣ୍ଡ୍ରାବୋର ଗାଁର ସମୟା ସୁନମ ରହିଛନ୍ତି। ସେ କିଛି ଦିନ ପୂର୍ବରୁ ମାଓ ସଂଗଠନ ଛାଡି ପୁଲିସ ନିକଟରେ ଆତ୍ମ ସମର୍ପଣ କରିଥିଲେ। ସେ ଆରପିସି ସଦସ୍ୟ ଭାବେ ମାଓବାଦୀ ସଂଗଠନରେ ସକ୍ରୀୟ ଥିଲେ। ସେହିପରି ଏମପୁର ଗାଁର ବେକୋ ଦେବାଙ୍କୁ ମାଓବାଦୀ ମାନେ ହତ୍ୟା କରିଛନ୍ତି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଗ୍ରାମବାସୀଙ୍କୁ ବାରମ୍ବାର ହତ୍ୟା କରାଯିବା ଫଳରେ ଅଞ୍ଚଳରେ ଗ ଭୟର ବାତାବରଣ ଖେଳିଯାଇଛି। ପୁଲିସ ପକ୍ଷରୁ ତଲାସି ଅଭିଯାନକୁ ଜୋରଦାର କରାଯାଇଛି।




ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଭୁବନେଶ୍ୱର ଶ୍ରୀ ଲିଙ୍ଗରାଜ ମନ୍ଦିର ଓ ଯାଜପୁର ମା' ବିରଜା ମନ୍ଦିରରେ ପୂଜାର୍ଚ୍ଚନା

## ଅସୁରକ୍ଷିତ ଓଡ଼ିଶା

# ବର୍ଷକର ଉପଲବ୍ଧି 'ଅନ୍ତର୍ଜାତୀୟ ଲଜ୍ଜା'

- ଓଡ଼ିଶାର ନାଁ ବିଶ୍ୱଦରବାରରେ ଭୂଲୁଣ୍ଠିତ: ଅରୁଣ
- ଗାଦି ଛାଡ଼ନ୍ତୁ ଓଡ଼ିଶାର ବିଜେପି ସରକାର: ତାରା




ଭୁବନେଶ୍ୱର,୨୨।୬(ସମିସ): ସାରା ଦେଶ ଓ ବିଶ୍ୱରେ ଶାନ୍ତିପ୍ରିୟ ରାଜ୍ୟ ଭାବେ ଏକଦା ସମ୍ମାନ ଅର୍ଜନ କରିଥିବା ଓଡ଼ିଶା ଏବେ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ । ନିଜ ନାଗରିକମାନଙ୍କୁ ଓଡ଼ିଶା ନ ଯିବା ପାଇଁ ଆମେରିକା ବାରଣ କରିବା ପରେ ରାଜ୍ୟବାସୀଙ୍କ ପାଇଁ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି ହୋଇଛି । ବିହାର, ପଶ୍ଚିମବଙ୍ଗ ପରି ଓଡ଼ିଶାର ଆଇନଶୃଙ୍ଖଳା ପରିସ୍ଥିତି ଏକପ୍ରକାର ଭୁଶୁଡ଼ି ପଡ଼ିଛି ଏବଂ ଦୁଷ୍କର୍ମ ଘଟଣା ଦ୍ରୁତଗତିରେ ବୃଦ୍ଧି ପାଉଥିବା ଦର୍ଶାଇ ଆମେରିକା ବୈଦେଶିକ ମନ୍ତ୍ରଣାଳୟ ଓଡ଼ିଶା ସହ ୬ ଭାରତୀୟ ରାଜ୍ୟ ନ ଯିବାକୁ ନିଜ ନାଗରିକମାନଙ୍କୁ ପରାମର୍ଶ ଦେଇଛି। ଓଡ଼ିଶାକୁ ନେଇ ଆମେରିକାର ଏଭଳି ଟିପ୍ପଣୀ ପରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ବିଜେପି ସରକାର କ୍ଷମତା ଦଖଲର ମାତ୍ର ବର୍ଷକ ମଧ୍ୟରେ ଓଡ଼ିଶାକୁ ଆନ୍ତର୍ଜାତୀୟସ୍ତରରେ ଲଜ୍ଜିତ କରିଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି ।

ବିଜେଡି ବରିଷ୍ଠ ବିଧାୟକ ଡଃ ଅରୁଣ ସାହୁ କହିଛନ୍ତି ଯେ ରାଜ୍ୟରେ ଆଇନ୍‌ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ମହିଳାମାନେ ଅତ୍ୟାଚାର ଓ ବଳାତ୍କାରର ଶିକାର ହେଉଛନ୍ତି। ରାଜ୍ୟରେ ପ୍ରତିଦିନ ମୁଣ୍ଡ ଗଡ଼ୁଛି। ନବୀନ ସରକାରଙ୍କ ସମୟରେ ନକ୍ସଲ ଆକ୍ରମଣକୁ ଦମନ କରାଯାଇଥିବା ବେଳେ ଏବେ ଏହା ମୁଣ୍ଡ ଟେକୁଛି। ସମସ୍ତ କଥାକୁ ନେଇ ଆମେରିକା ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଏଭଳି ଘଟଣା ଦ୍ୱାରା ଓଡ଼ିଶା ବିଶ୍ୱଦରବାରରେ ଯେଉଁ ନାଁ କରିଥିଲା, ତାହା ଏବେ ଭୂଲୁଣ୍ଠିତ ହୋଇଛି। ଆନ୍ତର୍ଜାତୀୟସ୍ତରରେ ଓଡ଼ିଶା ଲଜ୍ଜିତ ହୋଇଛି। ରାଜ୍ୟ ସରକାରଙ୍କ ସତ୍‌ସାହସ ଥିଲେ ସେମାନେ ଟ୍ରମ୍ପଙ୍କୁ ଜୋର୍‌ଦାର ବିରୋଧ କରନ୍ତୁ; ମାତ୍ର ଏମାନେ ତାହା କରିପାରିବେ ନାହିଁ ବୋଲି ଡଃ ସାହୁ କହିଛନ୍ତି। ଓଡ଼ିଶା ଏବେ ଅଧୋଗତି ଆଡ଼କୁ ଯାଉଛି। ଆମେ ଯାହା କହିଥିଲୁ, ଏବେ ସେଇଆ ଘଟୁଛି। ସରକାର ଏ ଘଟଣାରେ ତୁରନ୍ତ ପ୍ରତିକାର ନ କଲେ ଆଗକୁ ଭୟାନକ ଆନ୍ଦୋଳନ ହେବ ବୋଲି ଡଃ ସାହୁ କହିଛନ୍ତି। ଗୋପାଳପୁର ଏକ ଆନ୍ତର୍ଜାତିକ ପର୍ଯ୍ୟଟନ କ୍ଷେତ୍ର। ଗୋପାଳପୁର ଗଣଦୁଷ୍କର୍ମ ଏଭଳି ଘଟଣା ପାଇଁ ଖୋରାକ୍ ଯୋଗାଇଛି ବୋଲି ସେ କହିଛନ୍ତି।

ଓଡ଼ିଶା ଆନ୍ତର୍ଜତୀୟ ସ୍ତରରେ ନିନ୍ଦିତ ହେବା ପରେ ବରିଷ୍ଠ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହାଲିପତି ସରକାରଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶା ପାଇଁ ଏହା ଏକ ଲଜ୍ଜାଜନକ ଘଟଣା। କଂଗ୍ରେସ ପୂର୍ବରୁ ମହିଳା ସୁରକ୍ଷା ନେଇ ବିଧାନସଭାରେ ପ୍ରଶ୍ନ ଉଠାଇଛି। ଏଭଳି କାମ ପାଇଁ ସରକାର ମତେ ଦୁଇ ଥର ନିଲମ୍ବନ କରିଛନ୍ତି। ମହିଳାମାନେ ଓଡ଼ିଶାରେ ସୁରକ୍ଷିତ ନୁହଁନ୍ତି ବୋଲି କଂଗ୍ରେସ କରିଥିବା ଅଭିଯୋଗ ଏବେ ସତ୍ୟ ବୋଲି ପ୍ରମାଣିତ ହୋଇଛି। ଆମେରିକା ଓଡ଼ିଶାକୁ ନେଇ ଏଭଳି ମନ୍ତବ୍ୟ ଦେବା ପରେ ସରକାରରେ ରହିବା ପାଇଁ ତାଙ୍କର ଆଉ କୌଣସି ନୈତିକତା ନାହିଁ। ରାଜ୍ୟର ମନ୍ତ୍ରୀମାନେ ଓ ମୁଖ୍ୟମନ୍ତ୍ରୀଙ୍କର ନିଜସ୍ୱ ବୋଲି ଦାୟିତ୍ୱ ନାହିଁ। ଏମାନେ ସମସ୍ତ ଦାୟିତ୍ୱହୀନ ଲୋକ। ସେମାନେ ଇସ୍ତଫା ଦେଇ ଗାଦି ଛାଡ଼ିବା ଦରକାର ବୋଲି ଶ୍ରୀ ବାହିନିପତି କହିଛନ୍ତି।

ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଅକସ୍ମାତ ଭାବେ ଦୁଷ୍କର୍ମ ବଢ଼ିଛି। ବର୍ତ୍ତମାନ ରାଜ୍ୟରେ ଦୈନିକ ହାରାହାରି ୧୫ ଟି ଦୁଷ୍କର୍ମ ହେଉଛି। ଏହାସହିତ ଆଇନ୍‌ଶୃଙ୍ଖଳା ସ୍ଥିତି ମଧ୍ୟ ଭୁଶୁଡ଼ି ପଡ଼ିଥିବା ପରିଲକ୍ଷିତ ହେଉଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତବେଳେ ଖୋଦ୍ ରାଜଧାନୀ ରାଜରାସ୍ତାରେ ଅପରାଧୀମାନେ ଖଣ୍ଡାରେ ହାଣି ମୁଣ୍ଡ ଗଡ଼ାଇ ଦେଉଛନ୍ତି। ଜଣେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ପ୍ରଥମେ ରାଜଧାନୀ ରାଜରାସ୍ତାରେ ଅସଦାଚରଣ କରାଯିବା ଓ ପରେ ତାଙ୍କୁ ଥାନାରେ ଅକଥନୀୟ ନିର୍ଯ୍ୟାତନା ଦେବା ଖବର ସାରା ଦେଶରେ ଓଡ଼ିଶାର ଛବିକୁ ମଳିନ କରିଛି। ଏହି ଘଟଣା ମନରୁ ନ ଲିଭୁଣୁ ରାଜ୍ୟ ତଥା ଦେଶର ଏକ ପ୍ରମୁଖ ପର୍ଯ୍ୟଟସ୍ଥଳୀ ଗୋପାଳପୁର ବେଳାଭୂମିରେ ଜଣେ ଯୁବତୀଙ୍କୁ ୧୦ ଜଣ ଗଣବଳାତ୍କାର ଘଟଣା ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ସମୟରେ ନିଜ ନାଗରିକଙ୍କୁ ଓଡ଼ିଶା ନ ଯିବା ଲାଗି ଆମେରିକାର ପରାମର୍ଶ ରାଜ୍ୟ ସରକାରଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି ଓ ରାଜ୍ୟବାସୀଙ୍କୁ ଲଜ୍ଜିତ କରିଛି ।

# ଦିଲ୍ଲୀରେ ଅଦିନିଆ ରଥ ଗଡ଼ାଇଲା ଇସ୍କନ୍

## ଖୁସିବ୍ୟକ୍ତ କଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା / ଜଗନ୍ନାଥପ୍ରେମୀ ମହଲରେ ବିରୋଧ

ପୁରୀ,୨୨।୬(ସମିସ): ପୁଣି ଅମାନିଆ ହୋଇଛି ଇସ୍କନ। ଏପଟେ ପୁରୀରେ ରଥଯାତ୍ରା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା କରୁଥିବା ବେଳେ ସପଟେ ଦିଲ୍ଲୀରେ ଗଡ଼ିଛି ରଥ। ଆଉ ଅଦିନିଆ ରଥଯାତ୍ରାରେ ସାମିଲ ହୋଇ ଖୁସିବ୍ୟକ୍ତ କରିଛନ୍ତି ଦିଲ୍ଲୀର ବିଜେପି ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା। ଉଭୟ ଦିଲ୍ଲୀ ଓ ଓଡ଼ିଶାରେ ବିଜେପି ସରକାର। ଅଦିନିଆ ରଥଯାତ୍ରାକୁ ନେଇ ହୋହଲ୍ଲା ଚାଲୁଥିବା ବେଳେ ଡବଲ ଇଞ୍ଜିନ୍ ସରକାର ବି ଭକ୍ତଙ୍କ ଭାବବେଗକୁ ଆଘାତ ଦେଇଛି ବୋଲି ଏବେ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପକ୍ଷରେ, ଇସ୍କନର ଏଭଳି ମନମାନିକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଇସ୍କନକୁ ବିରୋଧ କରିଛନ୍ତି ଭକ୍ତ ଓ ସେବାୟତ।



ରବିବାର ଦିଲ୍ଲୀ କମଳାନଗରରେ ଆୟୋଜିତ ହୋଇଛି ରଥଯାତ୍ରା। ବିଧି ପରମ୍ପରା ଅନୁସାରେ, ଆଉ ୪ଦିନ ପରେ ରଥଯାତ୍ରା ଥିବା ବେଳେ ଆଜି ଦିଲ୍ଲୀରେ ରଥ ଗଡ଼ିଛି। କ୍ଷୋଭର ବିଷୟ ହେଉଛି, ରବିବାର ପୁରୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରଥଯାତ୍ରା ପାଇଁ ବିଭିନ୍ନ ବିଭାଗର ପ୍ରସ୍ତୁତି ନେଇ ସମୀକ୍ଷା କରୁଥିବା ବେଳେ ସେପଟେ ଦିଲ୍ଲୀରେ ଗଡ଼ିଛି ରଥ। ଆଉ ସେଥିରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ସାମିଲ ହୋଇ ଖୁସିବ୍ୟକ୍ତ କରିଛନ୍ତି। ନିଜେ ମୁଖ୍ୟମନ୍ତ୍ରୀ ରେଖା ଜଗନ୍ନାଥଙ୍କ ବିଗ୍ରହକୁ କାନ୍ଧରେ ଧରିଥିବା ବେଳେ ତାଙ୍କ 'ଏକ୍ସ'ରେ ପୋଷ୍ଟ କରିଛନ୍ତି ଯେ କମଳାନଗରରେ ଆୟୋଜିତ ରଥଯାତ୍ରାରେ ସାମିଲ ହୋଇଥିବାରୁ ତାଙ୍କ ଆତ୍ମାକୁ ଅଦ୍ଭୁତ ଶାନ୍ତି, ଉର୍ଜା ଏବଂ ଆନନ୍ଦ ମିଳିଲା। ଗତ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସିଥିବା ବେଳେ ରାଜ୍ୟବାସୀଙ୍କୁ ଆଗୁଆ ରଥଯାତ୍ରାର ଶୁଭେଚ୍ଛା ଜଣାଇଥିଲେ। କିନ୍ତୁ ଦୁଃଖର ବିଷୟ ହେଲା ବିଜେପି ଶାସିତ ଦିଲ୍ଲୀରେ ଅଦିନରେ ରଥ ଗଡ଼ିଛି।

ଅନ୍ୟପକ୍ଷରେ, ଇସ୍କନ ଭାରତବର୍ଷରେ ଅଦିନରେ ରଥଯାତ୍ରା ନ କରିବାକୁ ସହମତି ପ୍ରକାଶ କରିଛି ବୋଲି ଗଜପତି ମହାରାଜା କହୁଥିବା ବେଳେ ଏହି ଅଦିନିଆ ରଥଯାତ୍ରା ଇସ୍କନର ମନମୁଖୀକୁ ପଦାରେ ପକାଇଛି। ତେବେ ଏହି ଅଦିନିଆ ରଥଯାତ୍ରାକୁ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଦୁଃଖ ପ୍ରକାଶ କରିଥିବା ବେଳେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ମଧ୍ୟ କ୍ଷୋଭ ପ୍ରକାଶ କରିଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତିକୁ ବାରମ୍ବାର ଇସ୍କନ୍ ଅପମାନିତ କରୁଛି ବୋଲି କହିଛନ୍ତି ସାଂସଦ ଶ୍ରୀ ଖୁଣ୍ଟିଆ।

## ଇସ୍କନକୁ ଜଗନ୍ନାଥ ସଂସ୍କୃତି ପରମ୍ପରା ମାନିବାକୁ ହେବ: ଗଜପତି

ପୁରୀ, ୨୨।୬ (ସମିସ): ଦୀଘା ଜଗନ୍ନାଥ ମନ୍ଦିରରେ ମିଠାକୁ ମହାପ୍ରସାଦର ଆଖ୍ୟା ଦେଇ ଘରେ ଘରେ ବଣ୍ଟାଯାଇଛି। ଏହି ଘଟଣା ଜଗନ୍ନାଥପ୍ରେମୀଙ୍କୁ ଶକ୍ତ ଆଘାତ ଦେଇଥିବା ବେଳେ ଏ ସଂକ୍ରାନ୍ତରେ କଡ଼ା ପ୍ରତିକ୍ରିୟା ରଖିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ଇସ୍କନକୁ ଯଦି ସେବାପୂଜା କରିବାର ଅଛି, ତେବେ ଜଗନ୍ନାଥ ସଂସ୍କୃତି ପରମ୍ପରାକୁ ମାନିବାକୁ ପଡ଼ିବ। ଇସ୍କନ କିଭଳି ମିଠାକୁ ମହାପ୍ରସାଦ କହୁଛି, ସେନେଇ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି ଗଜପତି ମହାରାଜା।

ଇସ୍କନର ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ଗଜପତି ମହାରାଜା କହିଛନ୍ତି, ବାରମ୍ବାର ଇସ୍କନ ସଂସ୍ଥା ସହ ଆଲୋଚନା ପରେ ସେମାନେ ଭାରତବର୍ଷରେ ତିଥି ପରମ୍ପରା ଅନୁଯାୟୀ ରଥଯାତ୍ରା କରିବାକୁ ରାଜି ହୋଇଛନ୍ତି। କିନ୍ତୁ ଭାରତ ବାହାରେ ଇସ୍କନର ମୁଖ୍ୟ କାର୍ଯ୍ୟାଳୟ ଯେଉଁ ପର୍ଯ୍ୟନ୍ତ ନିଷ୍ପତ୍ତି ନେଇନାହାନ୍ତି, ସେପର୍ଯ୍ୟନ୍ତ ବନ୍ଦ ହେବ ନାହିଁ। ୨୦୨୪ରେ ଗଜପତିଙ୍କ ସହ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ତରଫରୁ ଶାସ୍ତ୍ରୀୟ ମତ ରଖାଯାଇଥିଲା। ପରେ ମାର୍ଚ୍ଚ ୨୦ରେ ଭୁବନେଶ୍ୱରରେ ଶ୍ରୀମନ୍ଦିର ପଣ୍ଡିତମାନେ ଶାସ୍ତ୍ର ଆଧାରିତ ମତ ରଖିଥିଲେ। ତେବେ ସେମାନେ ଅଦିନିଆ ରଥଯାତ୍ରା ବନ୍ଦ କରିବେ ବୋଲି ଆଶା ରଖିଛନ୍ତି ଗଜପତି ମହାରାଜା। ପରମ୍ପରା ଅନୁଯାୟୀ ରଥଯାତ୍ରା କରନ୍ତୁ ବୋଲି ସେ କହିଛନ୍ତି।

## ରଥଯାତ୍ରାକୁ ଜଗିବ ୨୭୫ ଏଆଇ କ୍ୟାମେରା

- ପାଞ୍ଚଥାକିଆ ସୁରକ୍ଷା ବ୍ୟବସ୍ଥା, ୧୦ ହଜାର ସୁରକ୍ଷା କର୍ମୀ
- ଜଳ, ସ୍ଥଳ ଓ ଆକାଶରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ପୁରୀ,୨୨।୬(ସମିସ): ଏଥର ରଥଯାତ୍ରାରେ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ୍ ସୁପରିଚାଳନା ପାଇଁ ପୁଲିସ ବ୍ୟାପକ ପ୍ରସ୍ତୁତି କରିଛି। ରବିବାର ଅନୁଷ୍ଠିତ ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ବିଭାଗର ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ସେ କହିଥିଲେ ଯେ ଏଥର ରଥଯାତ୍ରା ଅବସରରେ ପୁରୀ-ଭୁବନେଶ୍ୱର, ପୁରୀ-କୋଣାର୍କ ଏବଂ ପୁରୀ-ବ୍ରହ୍ମଗିରି ରାସ୍ତା ସମେତ ସହରର ପ୍ରମୁଖ ଜାଗାରେ ୨୭୫ଟି ଏଆଇ କ୍ୟାମେରା ଲଗାଯାଉଛି। ତ୍ରୁଟିଶୂନ୍ୟ ରଥଯାତ୍ରା ପାଇଁ ଓଡ଼ିଶା ପୁଲିସ ଜାଗ୍ରତ ରହିଛି। ୩୬ଟି ପାର୍କିଂ ସ୍ଥାନ ଚିହ୍ନଟ କରାଯାଇଛି। କୌଣସି ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପକୁ ମୁକାବିଲା ପାଇଁ କୁଇକ୍-ରିଆକ୍ସନ୍ ଟିମ୍ ଓ ଆଣ୍ଟି-ଟେରରିଷ୍ଟ ସ୍କ୍ୱାଡ୍ ମୁତୟନ ହେବେ। ଶ୍ରୀମନ୍ଦିର ସମ୍ମୁଖରେ ସଶସ୍ତ୍ର ସୁରକ୍ଷା କର୍ମୀ ରହିବେ। ଜଳ, ସ୍ଥଳ, ଆକାଶ ମାର୍ଗରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ୧୦ ହଜାର ସୁରକ୍ଷା କର୍ମୀ ମୁତୟନ ହେବେ। ସମୁଦାୟ ଟ୍ରାଫିକ୍ ବ୍ୟବସ୍ଥା ୩ ଭାଗରେ ବିଭକ୍ତ କରାଯିବ। ଡ୍ରୋନ୍ ସହାୟତାରେ ଟ୍ରାଫିକ୍ ପରିଚାଳନା କରାଯିବ। ଏଥର ରଥଯାତ୍ରା ପାଇଁ ପାଞ୍ଚଥାକିଆ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୩୯ଟି ଟ୍ରାଫିକ୍ ପୋଷ୍ଟ ରହିବ। ଏଆଇ କ୍ୟାମେରା ଓ ଡ୍ରୋନ୍ ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଛି। ନିଆଁ ଲାଗିବା, ଭିଡ଼ ନିୟନ୍ତ୍ରଣ ଓ ଗୁଜବ ରୋକିବା ପାଇଁ ପ୍ରୟାସ କରାଯିବ ବୋଲି ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି।

# ମଣ୍ଡିରେ ପଡ଼ିରହିଛି ହଜାର ହଜାର କ୍ୱିଣ୍ଟାଲ ଧାନ

କଲମପୁର,୨୨।୬(ସମିସ): କଳାହାଣ୍ଡି ଜିଲ୍ଲା କଲମପୁର ଅଞ୍ଚଳର ମଣ୍ଡିଗୁଡ଼ିକରେ ଧାନ ଉଠାଣ ହୋଇ ନ ପାରି ହଜାର ହଜାର କ୍ୱିଣ୍ଟାଲ ପଡି ରହିଛି। ବର୍ଷାକୁ ଦୃଷ୍ଟିରେ ରଖି ଚାଷୀ ଧାନ ବିକିବାକୁ ତରତର ହେଉଛି; ହେଲେ ଧାନ ଉଠୁନି। ଏଥି ମଧ୍ୟରେ କେତେକଙ୍କ ଟୋକନ ତାରିଖ ସରିଗଲାଣି। ଆଉ କେତେକଙ୍କ ଟୋକନ ତାରିଖ ସରିବାକୁ ବସିଛି। ଧାନର ଆର୍ଦ୍ରତାକୁ ନେଇ ୫ରୁ ୭ କେଜି କଟିଂ କରି ନେବାକୁ ଚାଷୀ ରାଜି ହୋଇଥିଲେ ମଧ୍ୟ ମିଲର୍ସ ଧାନ ଉଠାଇବାକୁ ରାଜି ହେଉନାହାଁନ୍ତି। ୧୨ କିଲୋ କଟିଂ ନ ହେଲେ ଧାନ କିଣିବେ ନାହିଁ ବୋଲି ମିଲର ଜିଦ୍ ଧରି ବସିଛନ୍ତି। ମଣ୍ଡିଗୁଡ଼ିକରେ ଏମିତି ଧାନ ଜମା ହୋଇଛି ଯେ, ଆଉ ମହଜୁଦ ରଖିବାକୁ ଜାଗା ମିଳୁନାହିଁ। ଏହାଫଳରେ ଚାଷୀ ରାସ୍ତା କଡରେ ଧାନ ଜମା କରି ରଖିବାକୁ ବାଧ୍ୟ ହୋଇଛି। ଚାଷୀ ଧାନ ବିକି ପାରି ନ ଥିବା ବେଳେ ଆଗକୁ ଚାଷ ପାଇଁ ସଜବାଜ ହେବା କଷ୍ଟକର ହୋଇ ପଡ଼ିଛି।

ଗତବର୍ଷ ଏହି ସମୟ ମଧ୍ୟରେ ପ୍ରାୟ ଧାନ ଉଠି ମଣ୍ଡି ବନ୍ଦ ହେବାକୁ ବସିଥିଲା। ଚଳିତ ବର୍ଷ ଅଧାଅଧି ଧାନ ମଧ୍ୟ ଉଠିନି। ଅନ୍ୟପକ୍ଷେ ଏବେ ଟାର୍ଗେଟ ସମସ୍ୟା ମଧ୍ୟ ମୁଣ୍ଡ ଟେକିଛି। କିଛି ଏଜେଣ୍ଟ କହିଛନ୍ତି ଯେ ଟାର୍ଗେଟଠାରୁ ଅଧିକ ଧାନ ଉଠି ସାରିଲାଣି। ତେଣୁ ବର୍ତ୍ତମାନ ପଡିଥିବା ଧାନ କେଉଁଠୁ ଆସିଛି ତାହା ସନ୍ଦେହ ସୃଷ୍ଟି କରିଛି। କେତେକ ଚାଷୀ କହିଛନ୍ତି ଯେ ବଡବଡିଆଙ୍କ ଧାନ ଆରାମରେ ଉଠିଛି। ଏହା ବାଦ ଦଲାଲଙ୍କ ଧାନ ମଧ୍ୟ ଉଠୁଛି; କିନ୍ତୁ ଛୋଟ ଚାଷୀ ଓ ପ୍ରକୃତ ଚାଷୀ ବେଳକୁ ନିୟମ କାନୁନ ଦେଖା ଯାଉଛି।



୧୨ କିଲୋ କଟ୍‌ନୀ ପାଇଁ ମିଲର୍‌ଙ୍କ ଜିଦ୍

ଚାଷୀଙ୍କ ଅଭିଯୋଗ ହେଲା ଯେ ମିଲର୍ସଙ୍କ ଏଜେଣ୍ଟ ବହୁ ବର୍ଷ ହେଲା ଏହି ବ୍ୟବସାୟରେ ଲିପ୍ତ ହୋଇ ଆସୁଛନ୍ତି। କେତେକ କର୍ମଚାରୀ ମଧ୍ୟ ଅନୁରୂପ ଭାବେ କାର୍ଯ୍ୟ କରି ଆସୁଛନ୍ତି। ଏହା ଫଳରେ ସେହି ପାରମ୍ପରିକ ଅଭ୍ୟାସର ପରିବର୍ତ୍ତନ ହୋଇ ପାରୁନାହିଁ। ଯଦି ବର୍ଷା ହେବ ତେବେ ବିପୁଳ ପରିମାଣରେ କ୍ଷୟକ୍ଷତି ହେବ ବୋଲି ସେମାନେ ଅଭିଯୋଗ କରିଛନ୍ତି। ବିଡ଼ମ୍ବନା ହେଉଛି ଚାଷୀମାନେ ଧାନ ବିକ୍ରିକୁ ନେଇ ଅସହଜ ପରିସ୍ଥିତିର ସମ୍ମୁଖୀନ ହୋଇଥିବାବେଳେ ପ୍ରଶାସନ ହାତବାନ୍ଧି ବସିଛି ଓ ସରକାର ଆଖି ମୁଦି ବସିଛନ୍ତି । ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ କଲମପୁର ଗସ୍ତ ସମୟରେ ଧାନ ବିକ୍ରିରେ ସମସ୍ୟା ହେଲେ ସେ ନିଜେ ହସ୍ତକ୍ଷେପ କରିବେ ବୋଲି କହିଥିଲେ। ମାତ୍ର ଏହାପରେ ବିଧାୟକ ମଧ୍ୟ ତୁଣ୍ଡ ଖୋଲୁ ନାହାନ୍ତି। କଳାହାଣ୍ଡି ଜିଲ୍ଲାରେ ମୌସୁମୀ ବର୍ଷା ଆରମ୍ଭ ହୋଇ ସାରିଲାଣି, ମାତ୍ର ଚାଷୀଙ୍କ ହଜାର ହଜାର କ୍ୱିଣ୍ଟାଲ ଧାନ ଏବେ ବି ରାସ୍ତା ଉପରେ ଗଦା ହୋଇଛି । ଥରେ ବର୍ଷା ପାଣି ଖାଇବା ପରେ ଧାନଗୁଡ଼ିକ ନଷ୍ଟ ହେବା ଆଶଙ୍କା ଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି ।

## ବଡ଼ ଦୁର୍ଘଟଣାରୁ ବର୍ତ୍ତିଲା

# ଦୁଇ ଭାଗ ହୋଇଗଲା 'ହୀରାଖଣ୍ଡ'

କୋରାପୁଟ/କୋଟପାଡ଼,୨୨।୬(ସମିସ): ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ୍ ରବିବାର ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଅପରାହ୍ନ ୪ଟା ୨୫ରେ ଜଗଦଲପୁର ଷ୍ଟେସନ୍ ଛାଡ଼ି ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା ହୀରାଖଣ୍ଡ ଏକ୍ସପ୍ରେସ୍। ମାତ୍ର କିଛି ଦୂର ଅତିକ୍ରମ କରିବା ପରେ ଛତିଶଗଡ଼-ଓଡ଼ିଶା ସୀମା ଆମ୍ବଗୁଡ଼ା ଷ୍ଟେସନ୍ ନିକଟରେ କୌଣସି କାରଣରୁ ଲିଙ୍କ୍ ଛିଡ଼ିଯିବାରୁ ଟ୍ରେନ୍‌ଟି ଦୁଇ ଭାଗ ହୋଇଯାଇଥିଲା। କିଛି ଦୂର ଗଡ଼ିବା ପରେ ଲୋକୋ-ପାଇଲଟ୍ ଟ୍ରେନ୍‌କୁ ଅଟକାଇ ଦେଇଥିଲେ। ଇଞ୍ଜିନ୍‌ଠାରୁ ଅଲଗା ହୋଇଥିବା ବଗିଗୁଡ଼ିକ ମଧ୍ୟ କିଛି ଦୂର ଗଡ଼ିବା ପରେ ଅଟକି ଯାଇଥିଲା। ଏଥିରେ କେହି ମୃତାହତ ହୋଇନଥିବା ଜଣାପଡ଼ିଛି। ଖବର ପାଇ କୋରାପୁଟ ରେଲୱେ ରେସ୍‌କ୍ୟୁ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମରାମତି କରିବା ପରେ ଟ୍ରେନ୍‌ଟି ସ୍ୱାଭାବିକ ଭାବେ ଯାତ୍ରାରମ୍ଭ କରିଛି। ଅପରପକ୍ଷେ, ଏହି ଅଘଟଣ ପାଇଁ ଟ୍ରେନ୍‌ଟି ପ୍ରାୟ ୩ଘଣ୍ଟା ବିଳମ୍ବରେ ଚାଲୁଥିବା ଜଣାପଡ଼ିଛି।



# ନବୀନଙ୍କ ଆରୋଗ୍ୟ କାମନା କରି ଦୀପଦାନ





ନୟାଗଡ଼/ଦଶପଲ୍ଲା/ଖଣ୍ଡପଡ଼ା/ଗଣିଆ,୨୨।୬(ସମିସ) : ବିଜୁ ଜନତା ଦଳ ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆରୋଗ୍ୟ କାମନା କରି ବିଭିନ୍ନ ସ୍ଥାନରେ ଦୀପଦାନ କରାଯାଇଛି। ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଙ୍ଗ ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନାଙ୍କ ସମେତ ସମସ୍ତ କାଉନ୍‌ସିଲର, ଜନପ୍ରତିନିଧି, ବୁଦ୍ଧିଜୀବୀ ସାମିଲ ହୋଇ ଦକ୍ଷିଣକାଳୀ ମନ୍ଦିରରେ ଦୀପଦାନ କରିଛନ୍ତି। ସମାନଭାବେ ଦଶପଲ୍ଲା ମହାବୀର ମନ୍ଦିରରେ ଜିଲ୍ଲା ବିଜେଡି ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଦୀପଦାନ କରାଯାଇଛି। ଦଶପଲ୍ଲା ଏନ୍‌ଏସି ଅଧ୍ୟକ୍ଷା ପୁନମ୍ ପ୍ରିୟଦର୍ଶିନୀ, ବ୍ଲକ୍ ଅଧ୍ୟକ୍ଷା ସୁନନ୍ଦା ସାହୁ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁଙ୍କ ସମେତ ଅନେକ ଜନପ୍ରତିନିଧି ଓ ବୁଦ୍ଧିଜୀବୀ ସାମିଲ ହୋଇ ସାମୂହିକ ଦୀପଦାନ କରିଛନ୍ତି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆରୋଗ୍ୟ ପାଇଁ ଶୁଭେଚ୍ଛୁ, ଦଳୀୟ ନେତା, କର୍ମୀ ଓ ସାଧାରଣ ଜନତା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଏହି ଅବସରରେ ଖଣ୍ଡପଡ଼ା ବ୍ଲକ୍ ବିଜେଡି ସଭାପତି ବିଜୟ କୁମାର ତ୍ରିପାଠୀଙ୍କ ଆବାହକତ୍ୱରେ ରବିବାର ପୂର୍ବାହ୍ଣରେ ଗଡ଼ିଆସାହିସ୍ଥିତ ସାଇ ମନ୍ଦିର ପ୍ରାଙ୍ଗଣରେ ଦୀପ ପ୍ରଜ୍ୱଳନ କରାଯାଇ ଶ୍ରୀ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବ୍ଲକ୍ ଅଧ୍ୟକ୍ଷା ଉପମା ବେହେରା ଓ ଭାପୁର ବ୍ଲକ୍ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ପରିଷଦ ନିରଞ୍ଜନ ବେହେରା, ବରିଷ୍ଠ ବିଜେଡି ନେତା ଅଖିଳ କୁମାର ପଣ୍ଡା, ନାରାୟଣ ଆଚାର୍ଯ୍ୟ, ସୂର୍ଯ୍ୟ ନାରାୟଣ ପ୍ରଧାନ, ବ୍ଲକ୍ ଯୁବ ସଭାପତି ମନୋରଞ୍ଜନ ବେହେରାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ସରପଞ୍ଚ ଓ ସମିତିସଭ୍ୟ ଯୋଗଦେଇଥିଲେ। ସେହିଭଳି ଗଣିଆ ରାମ ମନ୍ଦିରରେ ଦୀପ ପ୍ରଜ୍ୱଳନ ସହ ପୂଜାର୍ଚ୍ଚନା କରାଯାଇଛି। ଖୁବ୍ ଶୀଘ୍ର ସୁସ୍ଥ ହୋଇ ଫେରିଆସି ଓଡ଼ିଶାବାସୀଙ୍କ ସେବା କରିବା ପାଇଁ ଠାକୁରଙ୍କ ପାଖରେ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ବେହେରା, ପୂର୍ବତନ ଗଣିଆ ସରପଞ୍ଚ ବ୍ରଜମୋହନ ମିଶ୍ର, ପୂର୍ବତନ କିଶୋର ପ୍ରସାଦ ସରପଞ୍ଚ ପ୍ରଫୁଲ୍ଲ କୁମାର ବେହେରା, ବିଜୁ ଜନତା ଦଳର ଗଣିଆ ପଞ୍ଚାୟତ ସଭାପତି ଅଜୟ କୁମାର ଲେଙ୍କା, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ରାଉତ, ବରିଷ୍ଠ ବିଜେଡି ନେତା ପ୍ରମୋଦ କୁମାର ପୃଷ୍ଟି, ଦଣ୍ଡଧର ଦାସ, ପଞ୍ଚୁ ସାହୁ, ଲକି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ସମସ୍ତ ନବୀନ ପ୍ରେମୀ ପ୍ରଭୁ ମହାବୀରଙ୍କ ନିକଟରେ ଦୀପଦାନ କରିବା ସହିତ ଜନମାନସର ନେତା ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।



## ସ୍ତ୍ରୀକୁ ହତ୍ୟା ଘଟଣା; ଶଶୁର ଅଟକ

ଭାପୁର,୨୨।୬(ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ରାଣୀଛେଲି ପଞ୍ଚାୟତ ଗୋହିରିଆପଡ଼ା ଗ୍ରାମରେ ପରକୀୟା ପ୍ରିତି ଯୋଗୁଁ ସ୍ତ୍ରୀ ଚରିତ୍ର ଉପରେ ସନ୍ଦେହ କରି ସ୍ୱାମୀ କଟୁରୀରେ ହାଣି ହତ୍ୟା କରିଥିଲା। ହତ୍ୟାକାଣ୍ଡ ପରେ ପୁଲିସ ତଦନ୍ତ ଚାଲୁ ରଖିଛି ଓ ହତ୍ୟାକାଣ୍ଡ ଘଟାଇଥିବା ଯୁବକଙ୍କ ବାପାଙ୍କୁ ଥାନାରେ ଅଟକ ରଖିଛି।

ଗୋହିରିଆପଡ଼ା ଉପର ହରିଜନ ସାହିର ଅମର ନାଏକଙ୍କ ପୁଅ ପ୍ରତାପ ନାଏକ ତାଙ୍କ ପତ୍ନୀ ଅମୁଲିଙ୍କ ଚରିତ୍ରକୁ ସନ୍ଦେହ କରି ଶନିବାର ହତ୍ୟା କରି ଫେରାର୍ ହୋଇଯାଇଥିଲା। ଏନେଇ ଫତେଗଡ଼ ଥାନାରେ ହତ୍ୟା ମାମଲା ରୁଜୁ ହୋଇଛି। ପୁଲିସ ତଦନ୍ତ ସମୟରେ ଅଭିଯୁକ୍ତ ପ୍ରତାପର ବାପା ଅମରଙ୍କୁ ଅଟକ ରଖିଛି। ରାଣୀଛେଲି ପଞ୍ଚାୟତରେ ପରକୀୟା ପ୍ରିତି ଯୋଗୁଁ ୩ ବର୍ଷରେ ତିନିଟି ହତ୍ୟାକାଣ୍ଡ ଘଟି ତିନିଟି ପରିବାର ନଷ୍ଟ ହୋଇଯାଇଛି। ୨୦୨୨ ମାର୍ଚ୍ଚ ୨୦ ତାରିଖରେ ମର୍ଦ୍ଦରାଜପ୍ରସାଦ ଗ୍ରାମର ସୋମନାଥ ବେହେରା ନିଜ ଗ୍ରାମରେ ପ୍ରେମ ବିବାହ କରିଥିବା ସ୍ୱର୍ଣ୍ଣଲତାଙ୍କୁ ବିବାହର କିଛି ବର୍ଷ ମଧ୍ୟରେ ତଣ୍ଟିଚିପି ହତ୍ୟା କରିଥିଲା। ୨୦୨୩ରେ ଏହି ପଞ୍ଚାୟତ ଗୋହିରିଆପଡ଼ା ଗ୍ରାମର ସରୋଜ ଦାସ ତାଙ୍କ ସ୍ତ୍ରୀ ସୁଜାତା ଦାସଙ୍କୁ ହତ୍ୟା କରିଥିଲା। ଶନିବାର ହତ୍ୟାକାଣ୍ଡ ତୃତୀୟ ବୋଲି ଜଣାପଡ଼ିଛି। ସେହିପରି ନିକଟସ୍ଥ ଧାନଚାଙ୍ଗଡ଼ା ଗ୍ରାମରେ ପ୍ରେମ ପାଗଳ ପ୍ରକାଶ ମହାନ୍ତି ଦ୍ୱିତୀୟ ବିବାହ କରିବା ପାଇଁ ଗତ ମାର୍ଚ୍ଚ ମାସ ୧୦ ତାରିଖରେ ନିଜର ଦୁଇ ପୁଅଙ୍କୁ ହତ୍ୟା କରି ବର୍ତ୍ତମାନ ଜେଲ୍‌ରେ ଅଛି।

## ଆକ୍ରମଣର ଶିକାର ଆଶାକର୍ମୀଙ୍କୁ ଭେଟିଲା ଜିଲ୍ଲା ସଂଘ



ଭାପୁର,୨୨।୬(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଫତେଗଡ଼ ପଞ୍ଚାୟତ ପାର୍ବତୀପୁର ଗ୍ରାମର ଆଶାକର୍ମୀ ଟୁନି ମହାପାତ୍ରଙ୍କୁ ଗାଁ ଦାଣ୍ଡରେ ତିନିଜଣ ଯୁବକ ଶୁକ୍ରବାର ରାତିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଫତେଗଡ଼ ଥାନାରେ ଅଭିଯୋଗ ପରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ଫେରାର୍ ହୋଇଯାଇଛନ୍ତି। ଏ ନେଇ ଜିଲ୍ଲା ଆଶାକର୍ମୀ ସଂଘର କୋର୍ଡିନେଟର ସୀତାକାନ୍ତ ପଟ୍ଟନାୟକ ଶନିବାର ପାର୍ବତୀପୁର ଗ୍ରାମରେ ପହଞ୍ଚିଥିଲେ। ରବିବାର ଜିଲ୍ଲା ସଭାପତି ସୁରେଶ ସ୍ୱାଇଁ, ସମ୍ପାଦକ ଚାପଧାରୀ ରାଉତ, ବ୍ଲକ୍ ସଭାପତି ଶଶିକଳା ନାୟକ, ସମ୍ପାଦିକା ସରୋଜିନୀ ତ୍ରିପାଠୀଙ୍କ ସହ ଫତେଗଡ଼ର ୪ ଆଶାକର୍ମୀ, ପାଥପୁର, କରଡ଼ାପଲ୍ଲୀ ଗ୍ରାମର ଆଶାକର୍ମୀମାନେ ପାର୍ବତୀପୁର ଗ୍ରାମରେ ପହଞ୍ଚି ଆକ୍ରମଣର ଶିକାର ହୋଇଥିବା ଟୁନିଙ୍କୁ ଭେଟି ସଂଘର ସମର୍ଥନ ଜଣାଇଥିଲେ ଓ ଫତେଗଡ଼ ଥାନା ଅଧିକାରୀଙ୍କ ସହ ଆଲୋଚନା କରି ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ନେବାକୁ ସଂଘର କର୍ମକର୍ତ୍ତାମାନେ ଦାବି କରିଛନ୍ତି।

● ଶିକାରୀ ଗୁଳିରେ ଶିକାରୀ ମୃତ୍ୟୁ ଘଟଣା

## ୩ ସପ୍ତାହ ପରେ ବି ହତ୍ୟାକାରୀଙ୍କୁ ପାଉନି ପୁଲିସ

ନୟାଗଡ଼/ଶରଣକୁଳ,୨୨।୬(ସମିସ): ଗତ ମେ' ମାସ ୨୯ ତାରିଖ ରାତିରେ ନୟାଗଡ଼ ବନଖଣ୍ଡ ଅନ୍ତର୍ଗତ ପଞ୍ଚରିଡ଼ା ବନାଞ୍ଚଳ ଗୋଛା ସଂରକ୍ଷିତ ଜଙ୍ଗଲରେ ଶିକାରୀ ଗୁଳିରେ ଆଉ ଜଣେ ଶିକାରୀଙ୍କ ମୃତ୍ୟୁ ଘଟିଥିଲା। ମୃତକ ହେଲେ ଗୋଛା ଗ୍ରାମର ଆଦିବାସୀ ସୂର୍ଯ୍ୟମଣୀ ପ୍ରଧାନ ଓରଫ ହୀନ। ନିକଟସ୍ଥ ବଧିସାହି ଗ୍ରାମର ସନ୍ତୋଷ ସାହୁ ଓ ମିଟୁ ପ୍ରଧାନ ତାଙ୍କୁ ଜଙ୍ଗଲକୁ ଡାକି ନେଇଥିଲେ। ଏଥିରେ ଆପୋଷ ସମାଧାନ କରିବା ସହ ଜଙ୍ଗଲରେ ହୀନଙ୍କ ଶବକୁ ପୋଡ଼ିଦେଉଥିବାବେଳେ ଶରଣକୁଳ ପୁଲିସ ପହଞ୍ଚି ୮ ଜଣଙ୍କୁ ଗିରଫ କରିଥିଲା। କିନ୍ତୁ ମୁଖ୍ୟ ଅଭିଯୁକ୍ତ ସନ୍ତୋଷ ଓ ମିଟୁ ଫେରାର୍ ହୋଇଯାଇଛନ୍ତି। ୩ ସପ୍ତାହ ବିତିଯାଇଥିଲେ ମଧ୍ୟ ପୁଲିସ ସେମାନଙ୍କ ଟେର୍ ପାଉନଥିବା ଆଶ୍ଚର୍ଯ୍ୟଜନକ ଘଟଣା ପାଲଟିଛି। ଏଠାରେ ପୁଲିସର କାର୍ଯ୍ୟକଳାପ ଉପରେ ସାଧାରଣ ଲୋକଙ୍କ ଅଙ୍ଗୁଳି ଉଠିଛି।

ପ୍ରକାଶ ଯେ, ଗତ ମେ' ୨୯ ତାରିଖ ରାତିରେ ଶିକାର ଉଦ୍ଦେଶ୍ୟରେ ନିକଟସ୍ଥ ବଧିସାହି ଗ୍ରାମର ସନ୍ତୋଷ ସାହୁ, ମିଟୁ ପ୍ରଧାନ ଓ ଗୋଛା ଗ୍ରାମର ଆଦିବାସୀ ସୂର୍ଯ୍ୟମଣୀ ପ୍ରଧାନ ଓରଫ ହୀନ ଗୋଛା ସଂରକ୍ଷିତ ଜଙ୍ଗଲକୁ ଯାଇଥିଲେ। ଶିକାରବେଳେ ଅସାବଧାନତା କାରଣରୁ ଗୁଳି ହୀନଙ୍କ ମୁଣ୍ଡରେ ବାଜିଥିଲା। ଜଙ୍ଗଲ ଭିତରେ ସେ ଟଳି ପଡ଼ିଥିଲେ। ମୃତ୍ୟୁ ଖବର ସକାଳୁ ମିଳିବା ପରେ ଅଭିଯୁକ୍ତ ଶିକାରୀ ଗୋଛା ଗ୍ରାମବାସୀଙ୍କୁ ପ୍ରଲୋଭିତ କରିଥିଲେ। ଗୋଛା ଗ୍ରାମବାସୀ ଗାଁରେ ଡକରା ଦେଇ କଙ୍ଗାରୁକୋର୍ଟ କରିଥିଲେ। ଏହି ଘଟଣାକୁ ଚପାଇଦେବାକୁ ଉଦ୍ୟମ କରାଯାଇଥିଲା। ୪ ଲକ୍ଷ ଟଙ୍କା ଓ ୩ ମାଣ ଜମି ବଦଳରେ ଘଟଣାକୁ ଆପୋଷ ସମାଧାନ କରାଯାଇଥିଲା। ଶବକୁ ଜଙ୍ଗଲ ଭିତରକୁ ନେଇ ପୋଡ଼ି ଦିଆଯାଉଥିଲା। କାଠ ସଂଗ୍ରହ କରି ଗ୍ରାମବାସୀ ଶବକୁ ନିଆଁ ଲଗାଇ ସାରିଥିଲେ। ଖବରପାଇ ଶରଣକୁଳ ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନ ଓ ଥାନା ଅଧିକାରୀ ପରମାନନ୍ଦ ଦଳେଇ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ବହୁ ଖୋଜାଖୋଜି କରିବା ପରେ ଜଙ୍ଗଲ ଭିତରୁ ଦରପୋଡ଼ା ଶବ ଜବତ କରିଥିଲେ। ନିଆଁ ଲିଭାଇ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଏହି ଘଟଣାରେ କଙ୍ଗାରୁକୋର୍ଟ କରି ଶବ ସତ୍କାର କରୁଥିବା ଏବଂ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିବା ଗୋଛା ଗ୍ରାମର ୮ ଜଣଙ୍କୁ ପୁଲିସ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ରମେଶ ପ୍ରଧାନ, ଅଜୟ ପ୍ରଧାନ, ଶ୍ରୀନିବାସ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ସୁବାସ ପ୍ରଧାନ, ସୋମନାଥ ପ୍ରଧାନ, ନାରାୟଣ ପ୍ରଧାନ, ବିରଞ୍ଚି ପ୍ରଧାନ। ସେମାନେ ଏବେ ବିଚାର ବିଭାଗୀୟ କାରାଗାରରେ ରହିଛନ୍ତି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସନ୍ତୋଷ ପ୍ରଧାନ ଓ ମିଟୁ ପ୍ରଧାନଙ୍କୁ ପୁଲିସ ଆଜି ପର୍ଯ୍ୟନ୍ତ ଗିରଫ କରିପାରିନାହିଁ। ଏହି ଦୁଇ ଜଣ ନିୟମିତ ଭାବେ ଗୋଛା ସଂରକ୍ଷିତ ଜଙ୍ଗଲରେ କାଠ ଚୋରି ଏବଂ ଶିକାର କରି ଆସୁଥିବା ଅଭିଯୋଗ ରହିଛି।

ଉକ୍ତଦିନ ସୂର୍ଯ୍ୟମଣି ଓରଫ ହୀନଙ୍କ ମୃତ୍ୟୁ ପଛରେ ଏମାନେ ମୁଖ୍ୟ ବୋଲି ସ୍ପଷ୍ଟ ହୋଇଛି। ମାତ୍ର ଏହା ମଧ୍ୟରେ ୩ ସପ୍ତାହ ବିତିବାକୁ ବସିଥିବାବେଳେ ପୁଲିସ ସେମାନଙ୍କ ଟେର୍ ନ ପାଇବା ଭିନ୍ନ ବାର୍ତ୍ତା ଦେଉଛି। ଅଭିଯୁକ୍ତମାନେ ବିଜେପି ସମର୍ଥିତ ବୋଲି ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି। କିଛି ରାଜନୈତିକ ଚାପରେ ପୁଲିସ ସେମାନଙ୍କୁ ଗିରଫ କରୁ ନ ଥିବା ଶରଣକୁଳ ଅଞ୍ଚଳରେ ଜୋର୍‌ଦାର୍ ଚର୍ଚ୍ଚା ହେଉଛି। ଫଳରେ ସେମାନେ ବାହାରେ ଫେରାର୍ ରହି ଉଚ୍ଚ ନ୍ୟାୟାଳୟରୁ ଜାମିନ ଆଣିପାରିବେ ବୋଲି ଆଲୋଚନା ହେଉଛି। ଶରଣକୁଳ ପୁଲିସ ଶିକାରୀଙ୍କୁ ଗିରଫ କରିବ ନା ମାମଲା ଶୀଥିଳ ପଡ଼ିବା ଯାଏ ହାତ ବାନ୍ଧି ବସିବ ବୋଲି ପ୍ରଶ୍ନ ଉଠିଛି। ଶରଣକୁଳ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିବା ସୂଚନା ମିଳିଥିଲେ ବି ସନ୍ତୋଷ ଓ ମିଟୁଙ୍କ ଟେର୍ ପାଉ ନ ଥିବା ସୂଚନା ମିଳିଛି। ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଗିରଫ କରିବା ପାଇଁ ଦାବି ହେଉଛି।

## କଣ୍ଟିଲୋକୁ ରେଳ ସଂଯୋଗ ପାଇଁ ଦାବି



ନୟାଗଡ଼,୨୨।୬(ସମିସ): ନୟାଗଡ଼ ଜିଲ୍ଲା କଣ୍ଟିଲୋସ୍ଥିତ ନୀଳମାଧବ ପୀଠକୁ ରେଳ ସେବା ନେଇ ତାଳଚେର-ଗୋପାଳପୁର ରେଳପଥ ନିର୍ମାଣ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆବାହକ ସମାଜସେବୀ ପ୍ରମୋଦ ପଟ୍ଟନାୟକ, ବିନାୟକ ମିଶ୍ର, ରାମେଶ୍ୱର ଶତପଥୀ ଶନିବାର ସନ୍ଧ୍ୟାରେ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବଙ୍କୁ କଟକସ୍ଥିତ ପ୍ରଜାତନ୍ତ୍ର କାର୍ଯ୍ୟାଳୟରେ ସାକ୍ଷାତ୍ ସହ ଆଲୋଚନା କରିଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦେଇଥିବା ପ୍ରତିଶ୍ରୁତିକୁ ତ୍ୱରାନ୍ୱିତ କରିବା ଦିଗରେ ସାଂସଦ ତୁରନ୍ତ ପଦକ୍ଷେପ ନେବେ ବୋଲି କଥା ଦେଇଥିଲେ। ସୂଚନା ଯୋଗ୍ୟ, ବଡ଼ମ୍ବା-ନରସିଂହପୁର, କଣ୍ଟିଲୋ, ଖଣ୍ଡପଡ଼ା, ନୟାଗଡ଼ ଦେଇ ଏକ ସ୍ୱତନ୍ତ୍ର ଲାଇନ୍ କାଇପଦର ସହ ସଂଯୋଗ କରିବା ପାଇଁ ଡିପିଆର୍ ପ୍ରସ୍ତୁତ ନିମନ୍ତେ ରେଳ ବିଭାଗ ୩ କୋଟି ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି। କ୍ରିୟାନୁଷ୍ଠାନ କମିଟି ସଭ୍ୟଙ୍କୁ ଦିଲ୍ଲୀ ଆସିବା ପାଇଁ ସାଂସଦ ନିମନ୍ତ୍ରଣ ଜଣାଇଛନ୍ତି ବୋଲି ଆବାହକ ପ୍ରମୋଦ ପଟ୍ଟନାୟକଙ୍କଠାରୁ ପ୍ରକାଶ।

● ୨୫ରୁ ସହରରେ ଆମିଷ ବିକ୍ରି ନିଷେଧ

## କାର୍ଯ୍ୟକ୍ଷମ ହେବ ଅତ୍ୟାଧୁନିକ ଆମିଷ ବଜାର



ନୟାଗଡ଼,୨୨।୬(ସମିସ): ଆସନ୍ତା ୨୫ ତାରିଖରୁ ନୟାଗଡ଼ ସହରରେ ଆମିଷ ବିକ୍ରି ବନ୍ଦ। ଏହା ଉପରେ ରୋକ୍ ଲଗାଇଛି ନୟାଗଡ଼ ପୌର ପରିଷଦ। ସହରରେ ଆମିଷ ବିକ୍ରି କରୁଥିବା ବ୍ୟବସାୟୀଙ୍କୁ ଆଦର୍ଶ ମାଛ ବଜାର ତଥା ଆତ୍ୟାଧୁନିକ ଆମିଷ ମାର୍କେଟ୍‌କୁ ସ୍ଥାନାନ୍ତର କରିବା ପାଇଁ ପୌର ପରିଷଦ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଆମିଷ ବଜାରରେ ସମସ୍ତ ସୁବିଧା କରାଯିବା ପରେ ସହରରେ ଆମିଷ ବିକ୍ରି ଉପରେ କଟକଣା ଲଗାଯାଇଛି। ଆସନ୍ତା ବୁଧବାରଠାରୁ ସମସ୍ତ ବ୍ୟବସାୟୀ ସେମାନଙ୍କୁ ମିଳିଥିବା ପିଣ୍ଡିରେ ଆମିଷ ବିକ୍ରି କରିବାକୁ ସ୍ଥିର ହୋଇଛି। ଏନେଇ ସହରରେ ସମସ୍ତ ଆମିଷ ବ୍ୟବସାୟୀଙ୍କୁ ସଚେତନ କରାଯାଇଛି।

ଆମିଷ ବ୍ୟବସାୟୀଙ୍କ ପାଇଁ ନୟାଗଡ଼ ସହରରେ ସ୍ୱତନ୍ତ୍ର ସ୍ଥାନ ନ ଥିବାରୁ ବ୍ୟବସାୟୀମାନେ ଯେଉଁଠି ଇଛା ସେଠାରେ ବସି ବ୍ୟବସାୟ କରୁଛନ୍ତି। ନୟାଗଡ଼-ଓଡ଼ଗାଁ ରାସ୍ତା, କଲେଜ ରୋଡ୍, ପିଡବ୍ଲ୍ୟୁଡି ବଙ୍ଗଳା ପାଖ, ସିନ୍ଦୁରିଆ, କୋର୍ଟ ପାଖ ଅଞ୍ଚଳ, ନୀଳାଦ୍ରି ବିହାର ସମ୍ମୁଖ, ହରି-ଅର୍ଜୁନ ଢାବା ସମ୍ମୁଖ, ପିଟିଏସ୍ ଛକ ଭଳି ବିଭିନ୍ନ ସ୍ଥାନରେ ଆମିଷ ବ୍ୟବସାୟ ହେଉଛି। ଫଳରେ ରାସ୍ତାକଡ଼ରେ ଗ୍ରାହକଙ୍କ ଭିଡ଼ ଲାଗିବା ସହ ଦୁର୍ଗନ୍ଧ ଏବଂ ରାସ୍ତାଜାମ୍ ଭଳି ପରିସ୍ଥିତି ଉପୁଜୁଛି। ଏହି ସମସ୍ୟାକୁ ଦୂର କରିବା ଲାଗି ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଏକ ଆମିଷ ବଜାର ପାଇଁ ପରିକଳ୍ପନା କରିଥିଲେ। ବିଧାୟକ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ଗୋ-ପାଳନ ଏବଂ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ଦାୟିତ୍ୱରେ ରହିଥିବାବେଳେ ମତ୍ସ୍ୟ ବିଭାଗରୁ ଅନୁଦାନ ପ୍ରଦାନ କରି ନୟାଗଡ଼ ସହରରେ ଏକ ଅତ୍ୟାଧୁନିକ ଆମିଷ ବଜାର ନିର୍ମାଣ କରାଇଲେ। ୩ କୋଟି ୨୮ ଲକ୍ଷ ଟଙ୍କା ବ୍ୟୟରେ ନୟାଗଡ଼ ଆମିଷ ବଜାର ନିର୍ମାଣ ଲାଗି ୨୦୨୧ ଜୁନ୍ ୨୭ରେ ବିଧାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ନୟାଗଡ଼ର ପରିବା ଗୋଦାମଗୁଡ଼ିକ ଆର୍‌ଏମ୍‌ସି ପରିସରରେ ଖୋଲାଯାଇଥିବାରୁ, ଏହା ନିକଟରେ ଆମିଷ ବଜାର ଖୋଲିବାକୁ ନିଷ୍ପତ୍ତି ହୋଇଥିଲା। ଏଣୁ ଖଣ୍ଡପଡ଼ା ରୋଡ୍‌ସ୍ଥିତ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ନିକଟରେ ଖାଲିଥିବା ଏକ ସ୍ଥାନରେ ଆମିଷ ବଜାର ତଥା ମାଛ ମାର୍କେଟ୍ ନିର୍ମାଣ କରାଯାଇଛି। ୬୦ଜଣ ବ୍ୟବସାୟୀ ବସିବା ପାଇଁ ୬୦ଟି ପିଣ୍ଡି ରହିଥିବାବେଳେ ବର୍ଜ୍ୟଜଳ ନିଷ୍କାସନ ପାଇଁ ଡ୍ରେନ୍ ବ୍ୟବସ୍ଥା ରହିଛି। ଆଲୋକ, ଫ୍ୟାନ୍ ସମେତ ପ୍ରତ୍ୟେକ ପିଣ୍ଡିରେ ପାଣି ଟ୍ୟାପ୍ ଭଳି ବ୍ୟବସ୍ଥା କରାଯାଇଛି। ଏଥିସହ ସେଠାରେ ମାଛ ସଂରକ୍ଷଣ ପାଇଁ ଶୀତତାପ ନିୟନ୍ତ୍ରିତ କୋଠରି ମଧ୍ୟ କରାଯାଇଛି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ପୌର ପରିଷଦକୁ ଦିଆଯାଇଛି। ମାଂସ କାଟିବା ପାଇଁ ସେଡ୍ ମଧ୍ୟ ନିର୍ମାଣ ସରିଛି। ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ତତ୍ପରତା ପ୍ରକାଶ ପାଇଛି।

## ପିଏଚ୍‌ଡି ଲାଭ



ଶ୍ରୀ ଶ୍ରୀଧର ରଞ୍ଜନ ଦାସ Biju Patnaik University of Technology (BPUT), Rourkela ରୁ ଫାର୍ମାସି ବିଭାଗରେ କୃତିତ୍ୱ ସହ (Ph.D) ଉପାଧି ଲାଭ କରିଛନ୍ତି। Einstein College of Pharmacy, Khurda ର Prof. (Dr.) Bibhuti Bhusana Panigrahi ଏବଂ I.G.I.P.S, Bhubaneswar ର Prof. (Dr.) Manoj Kumar Paniଙ୍କ ତତ୍ତ୍ୱାବଧାନରେ "Formulation and Evaluation of Novel Bilayer Floating Tablet By Using Selective Drugs as GRDDS" ଉପରେ ଗବେଷଣା କରିଥିବା ସନ୍ଦର୍ଭଟି Examiner, Prof. (Dr.) Satyabrata Bhanja, RITEE college of Pharmacy, Raipur ଏବଂ Dr. Rakesh Gupta, Vaish institute of pharmaceutical education, Rohtak, Haryana ଙ୍କ ଦ୍ୱାରା ମୂଲ୍ୟାୟନ ଏବଂ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ଶ୍ରୀଧର ରଞ୍ଜନ ଦାସ ବର୍ତ୍ତମାନ S.I.P.E.R, Cuttack ଠାରେ Associate Professor ଭାବେ କାର୍ଯ୍ୟରତ ଥିବା ସହ ତାଙ୍କର ଗବେଷଣାତ୍ମକ କାର୍ଯ୍ୟ ପାଇଁ ବିଦେଶର ଅନେକେ ଗବେଷଣା ସଂସ୍ଥା ଦ୍ୱାରା ପ୍ରଶଂସିତ ହେବାରେ ସୌଭାଗ୍ୟ ଲାଭ କରିଛନ୍ତି। ସେ ଅନେକ ବହୁ ପ୍ରତିଷ୍ଠିତ ଗବେଷଣାତ୍ମକ ପତ୍ରିକା ପ୍ରକାଶକ ସଂସ୍ଥା ରେ ସମୀକ୍ଷକ ଭାବେ କାର୍ଯ୍ୟ କରି ଦେଶ ଏବଂ ବିଦେଶ ରେ ପ୍ରତିଷ୍ଠା ଲାଭ କରିଛନ୍ତି। ଡ. ଶ୍ରୀଧର ରଞ୍ଜନ ଦାସ କଟକ ଜିଲ୍ଲାର ଯଶପଡା ନିବାସୀ, ଭାରତୀୟ ଖାଦ୍ୟ ନିଗମର ଅବସରପ୍ରାପ୍ତ କର୍ମଚାରୀ ଶ୍ରୀଯୁକ୍ତ ସୁଦାମ ଚରଣ ଦାସ ଏବଂ ଶ୍ରୀମତୀ ବାସନ୍ତୀ ଦାସଙ୍କ ମଧ୍ୟମ ପୁତ୍ର ଅଟନ୍ତି। ସେ କୁନି ବେହେରାଙ୍କ ଏକମାତ୍ର ଜାମାତା ଅଟନ୍ତି। ସେ ଏହି କାର୍ଯ୍ୟର ସଫଳତାର ଶ୍ରେୟ ପ୍ରଭୁ ଶ୍ରୀ ଜଗନ୍ନାଥ, ଝଙ୍କଡ ବାସିନୀ ମା ଶାରଳା, ପିତାମାତା, ପରିବାର, ବନ୍ଧୁ, ପରିଜନ ତଥା ଗବେଷଣା ପାଇଁ ଉତ୍ସାହିତ କରିଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରିଛନ୍ତି।

● ଉପନ୍ୟାସ 'ସେଇ ଝିଅ ଶିବାନୀ' ଲୋକାର୍ପିତ

## 'ସମାଜର ଗତିପଥ ନିର୍ଣ୍ଣୟ କରୁଥିବା ସାହିତ୍ୟ ସୃଷ୍ଟି ଆବଶ୍ୟକ'




ଦଶପଲ୍ଲା,୨୨।୬(ସମିସ): ସାହିତ୍ୟ ବ୍ୟତିରେକ ସାମ୍ପ୍ରତିକ ସମୟକୁ ପ୍ରତିନିଧିତ୍ୱ ଓ ପ୍ରତିଫଳିତ କରିଥିବା ଭାଷା ବି ବିପ୍ଳବ ସୃଷ୍ଟି କରିପାରେ। ସାର୍ବଜନୀନ ସତ୍ୟ ପାଇଁ ସକ୍ରେଟିସ୍ ଓ ଗାଲିଲିଓଙ୍କୁ ବି ଦୁର୍ବାର ଦଣ୍ଡ ମିଳିଥିଲା ବୋଲି ଆବେଗିକ ଅଭିଭାଷଣ ରଖିଥିଲେ ବିଧାୟକ ଡ. ଅରୁଣ କୁମାର ସାହୁ। ବିଶିଷ୍ଟ ଲେଖକ କମ୍ରେଡ୍ ବିଶ୍ୱନାଥ ମହାପାତ୍ରଙ୍କ ଲିଖିତ ନୂଆ ଉପନ୍ୟାସ "ସେଇ ଝିଅ ଶିବାନୀ'ର ଲୋକାର୍ପଣ ଉତ୍ସବ ରଞ୍ଜୁବାଳା ପ୍ରକାଶନୀ ତରଫରୁ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ସମାଜସେବୀ ପ୍ରମୋଦ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲାବେଳେ ପ୍ରଥମେ ରଞ୍ଜୁବାଳା ପ୍ରକାଶନୀ ପକ୍ଷରୁ ପ୍ରକାଶକ ଶରତ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଦେଲା ପରେ ପୁସ୍ତକଟିକୁ ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡ. ଅରୁଣ କୁମାର ସାହୁ ଉନ୍ମୋଚନ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ମାଧବ ଚନ୍ଦ୍ର ମିଶ୍ର ପୁସ୍ତକର ସମ୍ପୂର୍ଣ୍ଣ ବିଷୟବସ୍ତୁକୁ ପ୍ରାଞ୍ଜଳଭାବରେ ଉପସ୍ଥାପନ କରିଥିଲେ। ଅନ୍ୟ ବିଶିଷ୍ଟ ଅତିଥିମାନଙ୍କ ଭିତରେ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ତଥା ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନର ଓଡ଼ିଶା ରାଜ୍ୟ ସଭାପତି ଲକ୍ଷ୍ମୀଧର ପଙ୍ଗାରୀ, ଶିକ୍ଷା ପ୍ରଦୀପ ମାଗାଜିନ୍‌ର ପୂର୍ବତନ ସମ୍ପାଦକ ତଥା ବିଶିଷ୍ଟ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ମହାନ୍ତି, ନୟାଗଡ଼ ଜିଲ୍ଲା ଲେଖକ ପରିଷଦର ସମ୍ପାଦକ ଏସ୍.ଏ. ଖାଲିକ ପ୍ରଭୃତି ବକ୍ତବ୍ୟ ରଖିଥିଲେ। ଏହି କ୍ରମରେ ବିଶିଷ୍ଟ ନାଟ୍ୟକାର ଗଦାଧର ନନ୍ଦ ଓ ଲେଖକ ପାଣ୍ଡବ ନାୟକଙ୍କୁ ରଞ୍ଜୁବାଳା ପ୍ରକାଶନୀ ପକ୍ଷରୁ ୨୦୨୫ ବର୍ଷ ପାଇଁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୁସ୍ତକର ମୁଦ୍ରାକର ପ୍ରିୟରଞ୍ଜନ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଲେଖକ ବିଶ୍ୱନାଥ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ନିଶା ନିବାରଣ ସଚେତନତା



ନୟାଗଡ଼,୨୨।୬(ସମିସ): ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଅବକାରୀ ବିଭାଗ ଓ ପୌର ପରିଷଦ ଆନୁକୂଲ୍ୟରେ ନିଶା ନିବାରଣ ସଚେତନତା କରାଯାଇଛି। ଏହି ସଚେତନତା ଶୋଭାଯାତ୍ରାକୁ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ ଉଦ୍‌ଘାଟନ କରିଥିଲେ। ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ପୌର ପରିଷଦରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଅବକାରୀ ଅଧୀକ୍ଷକ ଜ୍ଞାନରଞ୍ଜନ ପଣ୍ଡା, ଏସ୍‌ଆଇ ସୁଶାନ୍ତ ମହାପାତ୍ରଙ୍କ ସମେତ ପୌର ଓ ଅବକାରୀ ବିଭାଗ କର୍ମଚାରୀ ସାମିଲ୍ ହୋଇଥିଲେ।

**ଖଣ୍ଡପଡ଼ା:** ଖଣ୍ଡପଡ଼ା ଅବକାରୀ ବିଭାଗ ପକ୍ଷରୁ ନିଶା ନିବାରଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ରଥଗଡ଼ା ଛକଠାରୁ ସଚେତନତା ଶୋଭାଯାତ୍ରା ବାହାରି ଖଣ୍ଡପଡ଼ା ସହର ପରିକ୍ରମା କରିଥିଲା। ସଚେତନତା ଶୋଭାଯାତ୍ରାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଖଣ୍ଡପଡ଼ା ଅବକାରୀ ଏସ୍‌ଆଇ ଦୀପକ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅବକାରୀ ବିଭାଗର ସମସ୍ତ କର୍ମଚାରୀଙ୍କ ସମେତ ଖଣ୍ଡପଡ଼ା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର ଓ ସମସ୍ତ କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ଯୁବକମାନେ ଯୋଗଦେଇଥିଲେ। ଅବାଧ ନିଶା କାରବାର ଉପରେ ରୋକ୍ ଲଗାଇବା, ନିଶାଦ୍ରବ୍ୟର ସେବନ ବନ୍ଦ କରିବା ସହ ନିଶାଦ୍ରବ୍ୟ ପୂରା ବର୍ଜନ କରିବା ନେଇ ଜନସାଧାରଣଙ୍କୁ ଶୋଭାଯାତ୍ରା ମାଧ୍ୟମରେ ସଚେତନ କରାଯାଇଥିଲା। ହିଂସାମୁକ୍ତ ଓ ସୁସ୍ଥ ସମାଜ ଗଠନ କରିବା ନିମନ୍ତେ ଏଭଳି କାର୍ଯ୍ୟକ୍ରମ ଆୟୋଜନକୁ ବୁଦ୍ଧିଜୀବୀ ମହଲରୁ ପ୍ରଶଂସା କରାଯାଇଛି। ଓଡ଼ିଶାକୁ ସମ୍ପୂର୍ଣ୍ଣ ରୂପେ ନିଶାମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅବକାରୀ ବିଭାଗ ଜରିଆରେ ଏଭଳି ପ୍ରୟାସ ଜାରି ରହିଥିବା ଜଣାପଡ଼ିଛି।

**ଓଡ଼ଗାଁ:** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ସହିତ ଜିଲ୍ଲା ଅବକାରୀ ବିଭାଗ ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ଆମ ସଂକଳ୍ପ-ନିଶା ଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକଦ୍ରବ୍ୟ ବ୍ୟବହାରକୁ ବିରୋଧ ପାଇଁ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଓଡ଼ଗାଁର ଖେଳ ମଣିଷ ଦିବାକର ନାୟକଙ୍କ ନେତୃତ୍ୱରେ ରଘୁନାଥ ଆଥ୍‌ଲେଟିକ୍ ଆସୋସିଏସନ୍‌ର ଶତାଧିକ ଯୁବକ, ଏନ୍‌ସିସି ଶିକ୍ଷକଙ୍କ ଓ ୩୦ରୁ ଊର୍ଦ୍ଧ୍ୱ ଛାତ୍ରଙ୍କ ସମେତ ବୁଦ୍ଧିଜୀବୀ, ଖବରଦାତା ଅଂଶଗ୍ରହଣ କରିଥିଲେ। ମନ୍ଦିରରୁ ଆରମ୍ଭ ହୋଇଥିବା ଗଣଦୌଡ଼କୁ ମାତ୍ର ୬ ବର୍ଷର ଛାତ୍ର ଶୀତୁନ ସାହୁ ସ୍ୱତଃ ଆଗରେ ଦୌଡ଼ିଥିବାବେଳେ ଗଣଦୌଡ଼ କଦମ୍ବ ବଜାର, ଲକ୍ଷ୍ମୀ ବଜାର ଓ ଦଳକ ବଜାର ଅତିକ୍ରମ କରି କଲେଜ ପଡ଼ିଆଠାରେ ପହଞ୍ଚିଥିଲା। ନିର୍ବାହୀ ଅଧିକାରୀଙ୍କ ସମେତ ଉପସ୍ଥିତ ବୁଦ୍ଧିଜୀବୀମାନେ ସେମାନଙ୍କୁ ସ୍ୱାଗତ କରିଥିଲେ। ସମ୍ମିଳିତ ଯୁବକଙ୍କୁ ବରିଷ୍ଠ ଖବରଦାତା ଅଶୋକ ମହାପାତ୍ର ନିଶା ନିବାରଣ ନୁହେଁ ନିଶାମୁକ୍ତ ଭାରତ ଗଠନ କରିବାକୁ ମତ ରଖିଛନ୍ତି।

# ଶ୍ରୀକ୍ଷେତ୍ର ସିଟି

୨୨/୬/୨୦୨୫ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୨,୪୩,୧୩୧/- | ସୁନା: ୦୦.୦୦୦ ଗ୍ରାମ୍ | ରୁପା: ୦୦.୦୦୦ ଗ୍ରାମ୍





● ରଥଖଳାରୁ...

## ଚନ୍ଦ୍ରଶାଳୀରେ ଲାଗିଲା ଧ୍ୱଜ ବତା

ପୁରୀ,୨୨।୬(ସମିସ): ଆଉମାତ୍ର ୪ ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏଥିପାଇଁ ତିନିରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ତିନିରଥର ଆଗ ଏବଂ ପଛ ଦୁଆରବେଢ଼ା ରଥ ଉପରକୁ ଉଠିଥିଲା। ରବିବାର ପ୍ରତ୍ୟେକ ରଥର ଦୁଇଟି ଲେଖାଏଁ ପାର୍ଶ୍ୱ ଦୁଆରବେଢ଼ା ଉପରକୁ ଉଠି ସଂଯୋଗ ହୋଇଛି। ସେହିପରି ଦୁଆରବେଢ଼ାକୁ ମଜଭୁତ କରି ରଖିବା ପାଇଁ ଦୁଆରବେଢ଼ାଗୁଡ଼ିକର ଉପର ଭାଗ ଚନ୍ଦ୍ରଶାଳୀରେ ଧ୍ୱଜ ବତା ସଂଯୋଗ କରାଯାଇ ମଝି ଭୂଇଁ ଶେଣରେ କଣ୍ଟା ବସି ସେଟିଂ କରାଯାଇଛି। ଏଥିସହ ତିନି ରଥର ଦୁଆରବେଢ଼ାକୁ ବାନ୍ଧି ରଖିବା ପାଇଁ ପ୍ରତି



ଦୁଆରବେଢ଼ାର ନାଟଗୋଡ଼ି ସହ ଚଉଦ ନାହାକାରେ ଦୁଇଟି ଲେଖାଏଁ ସପୋର୍ଟ ବଟନ୍ ବା ଦୁଆରବାଣିଆ ପ୍ରତି ରଥରେ ୧୬ଟି ଲେଖାଏଁ ଫିଟିଂ କରାଯାଇଛି। ଏତଦ୍‌ବ୍ୟତୀତ ତିନି ରଥର ପ୍ରତି କୋଣଗୁଡ଼ିକରେ ଦୁଇଟି ଲେଖାଏଁ ଭଣି ଫାଉଡ଼ି ବସାଇ ପ୍ରତ୍ୟେକ ରଥର ଚାରି ପାର୍ଶ୍ୱରେ ଦୁଇଟି ଲେଖାଏଁ ମଣ୍ଡଣିବତା ପଡ଼ି ବଡ଼ଥଳ ପୋଟକଠାରୁ ଚନ୍ଦ୍ରଶାଳୀ ପର୍ଯ୍ୟନ୍ତ ଲାଗିଛି। ସୋମବାର 'ହାଓ୍ୱାଇଲ ମାଳ' ବା କାଠ ବଟନ୍ ଆଠଟି ଲେଖାଏଁ ବଡ଼ଥଳ ପୋଟକଠାରୁ ଦୁଆରବେଢ଼ା ପର୍ଯ୍ୟନ୍ତ ଫିଟ୍ କରାଯିବ। ଫଳରେ ରଥରେ କନା ପଡ଼ିବା ସୁବିଧା ହେବ ଏହା ସହ ରଥ ଗଠନ ଶୈଳୀ ସୁନ୍ଦର ଦେଖାଯିବ। ଅନ୍ୟ କାମ ମଧ୍ୟରେ ରୂପକାର ସେବକଙ୍କ ତିନିରଥର ପ୍ରଭାରେ ରୂପ ଯୋଗିବେ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ପ୍ରଭା ପାଇଁ ପ୍ରଭା ବିଡ଼ିଆ କଣ୍ଟା ନିର୍ମାଣ କରୁଛନ୍ତି। ଚିତ୍ରକାର ସେବକମାନେ ରଥର ବାହ୍ୟ ଅଂଶଗୁଡ଼ିକର ରଙ୍ଗ କାର୍ଯ୍ୟ ସହ ସାରଥି, ଘୋଡ଼ା ଇତ୍ୟାଦିର ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି।

### ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି

## ନିୟୋଜିତ ହେବେ ଅଧିକ ୩୭୮ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍

ପୁରୀ,୨୨।୬(ସମିସ): ଆଉମାତ୍ର ୪ ଦିନ ପରେ ରଥଯାତ୍ରା। ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏଥିପାଇଁ ସବୁ ବିଭାଗର ପ୍ରସ୍ତୁତି ପ୍ରାୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଯେହେତୁ ଲକ୍ଷ ଲକ୍ଷ ସଂଖ୍ୟାରେ ଭକ୍ତଙ୍କ ଭିଡ଼ ହେବ ତେଣୁ ସ୍ୱାସ୍ଥ୍ୟ ବିଭାଗର ଏଥିରେ ଗୁରୁଦାୟିତ୍ୱ ରହିଛି। କୌଣସି ପରିସ୍ଥିତିକୁ ମୁକାବିଲା କରିବା ଲାଗି ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ରବିବାର ଅନୁଷ୍ଠିତ ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ମନ୍ତ୍ରୀ କହିଛନ୍ତି, ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବିଭିନ୍ନ ସ୍ଥାନରେ ୬୯ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ର କରାଯିବ। ସେହିପରି ସେବାରେ ୬୪ଟି ଆମ୍ବୁଲାନ୍ସ ନିୟୋଜିତ ହେବ। ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଡାକ୍ତର ଏବଂ ପାରା ମେଡିକାଲ ଷ୍ଟାଫ୍‌ଙ୍କ ବ୍ୟତୀତ ଅଧିକ ୩୭୮ ଡାକ୍ତର ଏବଂ ପାରାମେଡିକାଲ ଷ୍ଟାଫ୍ ନିୟୋଜିତ ହେବେ। ଆଇସିୟୁ, ଏମ୍‌ସରୁ ବିଶେଷଜ୍ଞ ଡାକ୍ତର ଆସିବେ। ଗତବର୍ଷ ଜରୁରୀ ଚିକିତ୍ସା ପାଇଁ ୧୪୦ଟି ବେଡ୍ କରାଯାଇଥିଲା। ଏବର୍ଷ ଏହି ସଂଖ୍ୟା ୨୬୫କୁ ବୃଦ୍ଧି କରାଯାଇଛି। ଏଥିସହିତ ବର୍ଣ୍ଣ ୱାର୍ଡ ଏବଂ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ସବୁପ୍ରକାର ପରିସ୍ଥିତିକୁ ମୁକାବିଲା କରିବା ଲାଗି ପ୍ରସ୍ତୁତ ରହିଛି। ବର୍ତ୍ତମାନ ରାଜ୍ୟର କିଛି ଜିଲ୍ଲାରେ ଡାଇରିଆ ବ୍ୟାପିଛି। ଏହାକୁ ନିୟନ୍ତ୍ରଣ କରିବା ଲାଗି ସରକାର ଚେଷ୍ଟା କରୁଛନ୍ତି। ପୁରୀରେ ଯେପରି ସେଭଳି ପରିସ୍ଥିତି ନ ଉପୁଜେ ସେଥିନେଇ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ବୈଠକ ହୋଇଥିଲା ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ।

**ସେବା ଦେବେ ୬୯ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଓ ୬୪ଟି ଆମ୍ବୁଲାନ୍ସ**

### ଗଜପତିଙ୍କୁ ଜଣାଇଲେ ଦଇତାପତି

# ସୁସ୍ଥ ହେଲେ ମହାପ୍ରଭୁ




ପୁରୀ,୨୨।୬(ସମିସ): ମାନବୀୟ ଲୀଳା କରୁଛନ୍ତି ମହାପ୍ରଭୁ। ଦାରୁବିଗ୍ରହଙ୍କ ନୀତିକାନ୍ତି ଓ ଜୀବନଚର୍ଯ୍ୟା ସାଧାରଣ ମଣିଷଙ୍କ ଭଳି। ପବିତ୍ର ସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ ପରେ ଠାକୁର ଅସୁସ୍ଥ ହୋଇ ଅଣସର ଘରେ ରହିଛନ୍ତି। ଦଇତାପତି ସେବକମାନେ ମହାପ୍ରଭୁଙ୍କ ଗୁପ୍ତସେବା କରୁଛନ୍ତି। ଇତିମଧ୍ୟରେ ବଡ଼ଓଡ଼ିଆ ମଠରୁ ଆସିଥିବା ଫୁଲୁରୀ ତେଲ, ଶୁଦ୍ଧସୁଆର ଦେଇଥିବା ଓଷୁଅ ଲାଗି ହେବା ପରେ ଶ୍ରୀବିଗ୍ରହ ଚକାବିଜେ କରିଛନ୍ତି। ଖଳିଲାଗି ଏକାଦଶୀରେ ଦଶମୂଳ ମୋଦକ ସେବନ କରିବା ପରେ ମହାପ୍ରଭୁ ସୁସ୍ଥ ହୋଇଛନ୍ତି। ପତି ମହାପାତ୍ର ଓ ଦଇତାପତି ସେବକମାନେ ଶ୍ରୀନଅରକୁ ଯାଇ ଗଜପତି ମହାରାଜା ଦିବ୍ୟସିଂହଦେବଙ୍କୁ ଦାରୁବିଗ୍ରହଙ୍କ ସୁସ୍ଥ ଖବର ଜଣାଇଛନ୍ତି। ଏଥିସହିତ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ପ୍ରସାଦ ପ୍ରଦାନ କରିଛନ୍ତି। ସୋମବାର ତ୍ରୟୋଦଶୀ ତିଥିରେ ଘଣାଲାଗି କରାଯିବ।

ଆଷାଢ଼ କୃଷ୍ଣ ଦ୍ୱାଦଶୀ ତିଥିରେ ଅଣସରରେ ଥିବା ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ପ୍ରସାଦ ରାଜନଅର ବିଜେ ହେବାର ପରମ୍ପରା ରହିଛି। ରବିବାର ଶ୍ରୀମନ୍ଦିରରେ ଭୋଗମଣ୍ଡପ ନୀତି ସମ୍ପନ୍ନ ହେବା ପରେ ଦଇତାପତି ଅଣସର ଘର ଖୋଲି ଭିତରକୁ ଯାଇଥିଲେ। ଭଣ୍ଡାର ମେକାପ ପ୍ରଦତ୍ତ ପାଟବସ୍ତ୍ର ପଡ଼ିଥିବା ରୂପାଥାଳି ଅଣସର ଘରକୁ ନେଇ ଠାକୁରଙ୍କ ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, କରାଳ, ପାଟଡୋରି ସଜେଇ ରଖିଥିଲେ। ବେହେରଣ ଦ୍ୱାରରେ ଆସ୍ଥାନ ପଡ଼ିଆରୀ ପକାଇଥିବା ପାହାଡ଼ା (କପଡ଼ା) ଉପରେ ଏହି ଥାଳିକୁ ସଜାଇ ରଖିଥିଲେ। ଘଣ୍ଟ, ଛତା, କାହାଳୀ ଆସିବା ପରେ ତଲୁଛ ମହାପାତ୍ର, ପ୍ରଧାନୀ ସେବକ ହାତ ପଇଠ ପକାଇ ଆଗେ ଆଗେ ଚାଲିଥିଲେ। ଥାଳିଗୁଡ଼ିକୁ ବାଡ଼ଗ୍ରାହୀ ଓ ଦଇତାପତିମାନେ ଗଜପତି ମହାରାଜାଙ୍କ ଉଦ୍ଦେଶ୍ୟରେ ଶ୍ରୀନଅରକୁ ନେଇଯାଇଥିଲେ। ରାଜବାଟୀରେ ପଡ଼ିଥିବା ଚାରିବାଡ଼ର ପାହାଡ଼ା ଉପରେ ଥାଳିମାନ ରଖିଥିଲେ। ରାଜଗୁରୁଙ୍କ ସହିତ ଗଜପତି ମହାରାଜା ଦିବ୍ୟସିଂହ ଦେବ ଆସିଥିଲେ। ଏହାପରେ ଥାଳିଗୁଡ଼ିକୁ ସଂସ୍କାର କରି ରାଜଗୁରୁ ଗଜପତି ମହାରାଜାଙ୍କ ମୁଣ୍ଡରେ ଲଗାଇଥିଲେ। ଗଜପତି ମହାରାଜା ଦଇତାପତିମାନଙ୍କୁ ଶାଢ଼ି ବନ୍ଧାଇବା ଲାଗି ରାଜଗୁରୁଙ୍କୁ ଆଜ୍ଞା ପ୍ରଦାନ କରିଥିଲେ। ଦଇତାପତିମାନେ ଶାଢ଼ି ବନ୍ଧାଇବା ପରେ ଗଜପତିଙ୍କ ସହ ଠାକୁରଙ୍କ ଅଣସର ଘର ସେବା ବିଷୟରେ ଆଲୋଚନା କରିଥିଲେ। ଏଥିସହ ମହାପ୍ରଭୁଙ୍କ ସୁସ୍ଥ ହେବା ଖବର ମଧ୍ୟ ଦେଇଥିଲେ। ଆଗାମୀ ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହ ଶେଷ ହେବ ସେ ବିଷୟରେ ମଧ୍ୟ ଗଜପତି ଦଇତାପତିଙ୍କ ସହ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ଅଣସର ଘରେ ଏବେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ସପ୍ତାବରଣ କାର୍ଯ୍ୟ ଚାଲିଛି। ସେଥିମଧ୍ୟରେ ରବିବାର ଘଣାକଟା ହୋଇଛି। ସୋମବାର ଦାରୁବିଗ୍ରହଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଘଣାଲାଗି କରାଯିବ। ଘଣାଲାଗି ସରିବା ପରେ ଜୟ ବିଜୟ ଦ୍ୱାର ଫିଟି ପଟିଦିଅଁଙ୍କ ମଙ୍ଗଳ ଆଳତି ହେବ।

## ରଥଯାତ୍ରାରେ 'ଜୈବିକ' ଅମୃତ ଅନ୍ନରେ ପ୍ରସ୍ତୁତ ହେବ କୋଠଭୋଗ

ପୁରୀ,୨୨।୬(ସମିସ): ଚଳିତବର୍ଷ ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପ ବିଜେ ସମୟରେ ମହାପ୍ରଭୁଙ୍କୁ କୋଠଭୋଗରେ ଲାଗି ହେବ ଅମୃତ ଅନ୍ନ (ଜୈବିକ ଚାଉଳ)। ଏ ନେଇ ପୂର୍ବରୁ ଆଲୋଚନା ହୋଇଥିବାବେଳେ ରବିବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବଡୁ ସୁଆର ଏବଂ ସୁଆର ମହାସୁଆର ନିଯୋଗ ପ୍ରତିନିଧିମାନେ ବୈଠକରେ ଉପସ୍ଥିତ ଥିଲେ। ସେହିପରି ସୁଆର ମହାସୁଆରଙ୍କ ପକ୍ଷରୁ ଭୋଗମଣ୍ଡପରେ ମଧ୍ୟ ଅମୃତ ଅନ୍ନ ବ୍ୟବହାର ନେଇ ଯୋଜନା ହୋଇଛି। ମହାପ୍ରଭୁଙ୍କ ଭୋଗ ପ୍ରସ୍ତୁତିରେ ଅମୃତ ଅନ୍ନ ଉପଯୋଗ ନେଇ ପୂର୍ବରୁ ଆଲୋଚନା ହେବା ସହିତ ପରୀକ୍ଷାମୂଳକ ଭାବେ ଲାଗି ମଧ୍ୟ ହୋଇଥିଲା। ଏବେ କୋରାପୁଟର ପ୍ରଗତି ଅନୁଷ୍ଠାନ ଅମୃତ ଅନ୍ନ ଯୋଗାଣ ସକାଶେ ସହଯୋଗର ହାତ ବଢ଼ାଇଛି। ରବିବାର ବୈଠକରେ ଏହି ଅନୁଷ୍ଠାନର ପ୍ରତିନିଧି ମଧ୍ୟ ଉପସ୍ଥିତ ଥିଲେ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଅଘଟଣଶୂନ୍ୟ ରଥଯାତ୍ରା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ



ପୁରୀ,୨୨।୬(ସମିସ): ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଆମ ସଂସ୍କୃତିର ସବୁଠାରୁ ଗୌରବମୟ ପରିଚୟ। କୋଟି କୋଟି ଲୋକଙ୍କ ଭାବାବେଗ ଏଥିରେ ଜଡ଼ିତ ଅଛି। ତେଣୁ ଏହାର ସୁପରିଚାଳନା କେବଳ ଏକ ସରକାରୀ ଦାୟିତ୍ୱ ନୁହେଁ ବରଂ ଏକ ପବିତ୍ର କର୍ତ୍ତବ୍ୟ। ତେଣୁ ସମସ୍ତ ବିଭାଗର ଅଧିକାରୀ, କର୍ମଚାରୀ ଏବଂ ବିଭିନ୍ନ ବେସରକାରୀ ସଂସ୍ଥା ସମସ୍ତେ ସମନ୍ୱୟ ରଖି ଏହାର ସଫଳ ପରିଚାଳନା ପାଇଁ ସହଯୋଗ ଲୋଡ଼ିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରବିବାର ଟାଉନ ହଲ୍ ପରିସରରେ ଅନୁଷ୍ଠିତ ହୋଇଥିଲା ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା ବୈଠକ। ଏଥିରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ସମସ୍ତଙ୍କ ସହଯୋଗ ଓ ସକ୍ରିୟ ସମ୍ପୃକ୍ତି ହିଁ ଏହି ମହାନ ସାଂସ୍କୃତିକ ଉତ୍ସବକୁ ସଫଳ କରିବ। ରଥଯାତ୍ରାର ସୁପରିଚାଳନା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛି। ତେବେ ରଥଯାତ୍ରାକୁ ସମ୍ପୂର୍ଣ୍ଣ ଭାବେ ଅଘଟଣମୁକ୍ତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ପୁଲିସ ନିୟୋଜନ, ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା, ଅଗ୍ନିଶମ ସୁରକ୍ଷା ବ୍ୟବସ୍ଥା ଆଦି ସମସ୍ତ କାର୍ଯ୍ୟଗୁଡ଼ିକୁ ସଠିକ୍ ଭାବେ ପରିଚାଳନା କରି ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ରଥଯାତ୍ରାରେ ଭାଗନେଇ ପାରିବେ ସେଥିପ୍ରତି ଧ୍ୟାନଦେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

ବିଭିନ୍ନ ଜିଲ୍ଲାରେ ଡାଇରିଆ ପରିସ୍ଥିତି ଥିବା ଯୋଗୁଁ ସ୍ୱାସ୍ଥ୍ୟ ବିଭାଗ ସହିତ ଅନ୍ୟ ସମସ୍ତ ସମ୍ପୃକ୍ତ ବିଭାଗ ରଥଯାତ୍ରା ପୂର୍ବରୁ ସ୍ଥାନାବେଶ ପର୍ଯ୍ୟନ୍ତ ଏହା ଉପରେ ସମ୍ପୂର୍ଣ୍ଣ ନଜର ରଖିବା ଆବଶ୍ୟକ। କୌଣସି ସ୍ଥାନରେ ଯେପରି ଅସ୍ୱାସ୍ଥ୍ୟକର ଖାଦ୍ୟ କିମ୍ବା ପାଣି ବିକ୍ରି ନ ହୁଏ ତାହା ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ। ଏଥିସହିତ ସବୁ ସ୍ଥାନରେ ବିଶୁଦ୍ଧ ପାନୀୟଜଳ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଉପଲବ୍ଧ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ଯେପରି ସୁରୁଖୁରୁରେ ଏବଂ ଠିକ୍ ସମୟରେ ହେବ ସେଥିପାଇଁ ମୁଖ୍ୟମନ୍ତ୍ରୀ ସେବାୟତମାନଙ୍କ ସହଯୋଗ କାମନା କରିଥିଲେ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରଥଯାତ୍ରା ସୁରୁଖୁରୁରେ ସମ୍ପାଦିତ ହେବା ପାଇଁ ନିଆଯାଇଥିବା ପଦକ୍ଷେପ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହୋଇଥିବା ପ୍ରସ୍ତୁତି ଏବଂ ପୁଲିସ୍ ମହାନିର୍ଦ୍ଦେଶକ ଆଇନ ଶୃଙ୍ଖଳା ବ୍ୟବସ୍ଥା ବିଷୟରେ ସୂଚନା ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ଅତିଥିମାନେ ପୁରୀ ଜିଲ୍ଲା ପ୍ରଶାସନର ସୂଚନା ପୁସ୍ତିକା 'ରୂପରେଖ' ଉନ୍ମୋଚନ କରିଥିଲେ।

**ସୂଚନା ପୁସ୍ତିକା 'ରୂପରେଖ' ଉନ୍ମୋଚିତ**

ଏହି ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୁରୀ ସାଂସଦ ସମ୍ବିତ୍ ପାତ୍ର, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ବିଧାୟକଗଣ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଗଣ, ଜିଲ୍ଲା ପ୍ରଶାସନର ଅଧିକାରୀଗଣ, ସେବାୟତ ଓ ମଠାଧୀଶଗଣ ଯୋଗଦେଇଥିଲେ। ସମୀକ୍ଷା ବୈଠକ ପରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟମାନେ ଗୁଣ୍ଡିଚା ମନ୍ଦିର ଯାଇ ସେଠାରେ ହୋଇଥିବା ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବୁଲି ଦେଖିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ଜନ୍ମସ୍ଥାନ ଗୁଣ୍ଡିଚା ମନ୍ଦିରର ସୁରକ୍ଷା ତଥା ସୌନ୍ଦର୍ଯ୍ୟକରଣ ପାଇଁ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସମ୍ପର୍କରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ବିସ୍ତୃତ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ତଥା ମନ୍ତ୍ରୀପରିଷଦର ସଦସ୍ୟଗଣ ଏହି ପ୍ରକଳ୍ପର ସଫଳ ରୂପାୟଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ତଥା ଏଥିରେ ସଂଶ୍ଳିଷ୍ଟ ବ୍ୟକ୍ତିଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ। ମୁଖ୍ୟ ଶାସନ ସଚିବ ଓ ଜିଲ୍ଲାର ସାଂସଦ ଓ ବିଧାୟକଗଣ ଉପସ୍ଥିତ ଥିଲେ।

# ପହଣ୍ଡିରେ ରହିବେ ଅଭିଜ୍ଞ ସେବକ: ଗଜପତି

ପୁରୀ,୨୨।୬(ସମିସ): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଆବଶ୍ୟକ କାଠ ସମସ୍ୟା ଦୂର କରିବା ନିମନ୍ତେ ରାଜ୍ୟ ସରକାର ଏବେଠାରୁ ଉଦ୍ୟମ ନ କଲେ ସମସ୍ୟା ଉପୁଜିପାରେ। ଶ୍ରୀଜଗନ୍ନାଥ ବନ ପ୍ରକଳ୍ପର କ'ଣ ସ୍ଥିତି ରହିଛି ସେ ନେଇ ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ଏ ଯାଏଁ ଜଙ୍ଗଲ ଓ ପରିବେଶ ବିଭାଗ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିନାହିଁ। ପୂର୍ବରୁ ପର୍ଯ୍ୟାପ୍ତ ଜଙ୍ଗଲ ଥିଲା ଓ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ କାଠର ସମସ୍ୟା ନ ଥିଲା। ରଥଯାତ୍ରାରେ କାଠ ବ୍ୟତୀତ ଅନ୍ୟ କୌଣସି ସାମଗ୍ରୀ ବ୍ୟବହାର କରାଯାଇପାରିବ ନାହିଁ। ତେଣୁ ରଥ କାଠ ଅଭାବକୁ ପୂରଣ କରିବା ପାଇଁ ଏବେଠାରୁ ରାଜ୍ୟ ସରକାର ତତ୍ପର ହେବା ଆବଶ୍ୟକ ବୋଲି କହିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ରବିବାର ରାଜନଅର ବିଜେ ନୀତି ପରେ ଶ୍ରୀନଅରଠାରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି ଗଜପତି କହିଛନ୍ତି, ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁରୁଖୁରୁରେ ସମ୍ପନ୍ନ କରିବା ଲାଗି ନୀତିକାନ୍ତି ସମ୍ପାଦନ ଉପରେ ଗୁରୁତ୍ୱ ଦିଆଯାଇଛି। ମହାପ୍ରଭୁଙ୍କ ଅଣସର ନୀତି ଠିକ୍ ଭାବେ ସରିଛି। ଅଣସର ତ୍ରୟୋଦଶୀଠାରୁ ନବଯୌବନ ଦର୍ଶନ ଓ ରଥଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ସୁରୁଖୁରୁରେ ସାରିବା ପାଇଁ ସେ ଦଇତାପତି ସେବାୟତଙ୍କ ସହ ଆଲୋଚନା କରି ପରାମର୍ଶ ଦେଇଛନ୍ତି। ଚଳିତ ବର୍ଷ ଗୋଟିଏ ଦିନରେ ନେତ୍ର ଉତ୍ସବ ଓ ନବଯୌବନ ଦର୍ଶନ ପଡୁଥିବାରୁ ଠିକ୍ ଭାବେ ନୀତି ସରି କିଭଳି ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେ ନେଇ ଆଲୋଚନା କରିଛନ୍ତି।

**ରଥକାଠ ଅଭାବ ପୂରଣ ପାଇଁ ଏବେଠୁ ଉଦ୍ୟମ ହେବା ଆବଶ୍ୟକ**

ଗତବର୍ଷ ଆଡ଼ପ ମଣ୍ଡପ ପହଣ୍ଡି ସମୟରେ ବଡ଼ଠାକୁର ଶ୍ରୀବଳଭଦ୍ର ପଡ଼ିଯାଇଥିଲେ। ଏ ସମ୍ପର୍କରେ ଗଜପତି ମହାରାଜା କହିଛନ୍ତି, ଏହି ଘଟଣାକୁ ନେଇ ଗଠିତ କମିଟି ନିଷ୍ପତ୍ତି ଆଧାରରେ ଚାରମାଳ ଲମ୍ବ ବୃଦ୍ଧି କରାଯାଇଛି। ପହଣ୍ଡିରେ ଅଭିଜ୍ଞ ସେବକ ରହି ଦାୟିତ୍ୱ ନିର୍ବାହ କରିବେ। ପ୍ରତି ପହଣ୍ଡିରେ କମ୍ ସଂଖ୍ୟକ ସେବକ ସାମିଲ ହେବେ। ରଥ ଉପରକୁ ମୋବାଇଲ୍ ଫୋନ୍ ନେବା ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। ଗୁଣ୍ଡିଚା ମନ୍ଦିରର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କରାଯାଇଛି। ଗୁଣ୍ଡିଚା ମନ୍ଦିର ଭିତର ଓ ପଛପଟ ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ରଥଯାତ୍ରା ପରେ ଏକ ଦୀର୍ଘମିଆଦି ଯୋଜନା କରାଯିବ ବୋଲି ଗଜପତି କହିଛନ୍ତି।

### ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା

# ରାସ୍ତା ଅବରୋଧ, ଘରୋଇ ହସ୍ପିଟାଲ ସିଲ୍



ପୁରୀ,୨୨।୬(ସମିସ): ଚିକିତ୍ସା ଅବହେଳାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗରେ ଅଠରନଳାସ୍ଥିତ ଶ୍ୟାମାଶ୍ରୀ ହସ୍ପିଟାଲରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମୃତ ମହିଳା ହେଉଛନ୍ତି ଚାରିନଳାର ରବୀନ୍ଦ୍ର ସ୍ୱାଇଁଙ୍କ ପତ୍ନୀ ପୂଜାରାଣୀ ଦଳେଇ(୩୨)। ଏହି ଘଟଣାକୁ ନେଇ ତାଙ୍କ ପରିବାର ସଦସ୍ୟ ଏବଂ ସମ୍ପର୍କୀୟ ହସ୍ପିଟାଲ ସମ୍ମୁଖ ରାସ୍ତା ଅବରୋଧ କରିଥିଲେ। ଫଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ରାସ୍ତା ଉପରେ ଟାୟାର ଜାଳି ଲୋକେ ଧାରଣାରେ ବସିଥିଲେ। ଖବର ପାଇ ଜିଲ୍ଲାପାଳ, ଏସ୍‌ପି, ଡିଜିପି, ଲୋକସଭା ସାଂସଦ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଚିକିତ୍ସା ଅବହେଳା ଓ ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିବା ପରେ ସିଡିଏମ୍‌ଓଙ୍କ ଅଧ୍ୟକ୍ଷତାରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଚିକିତ୍ସା ଅବହେଳା ନେଇ ପ୍ରମାଣ ମିଳିଲେ ସମ୍ପୃକ୍ତ ହସ୍ପିଟାଲ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ହସ୍ପିଟାଲକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

ସମ୍ପର୍କୀୟଙ୍କ ଅଭିଯୋଗ ଅନୁଯାୟୀ, ଗ୍ୟାଷ୍ଟିକ୍ ଯୋଗୁଁ ଗତ ୨୦ ତାରିଖରେ ପୂଜାରାଣୀଙ୍କୁ ପରିବାର ଲୋକେ ଶ୍ୟାମାଶ୍ରୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାରେ ଅବହେଳା କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କ ଅବସ୍ଥା ଗୁରୁତର ଥିବା କହି ହସ୍ପିଟାଲ ପକ୍ଷରୁ ପୂଜାରିଣୀଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ପହଞ୍ଚୁ ପହଞ୍ଚୁ ଡାକ୍ତର ଦେଖି ତାଙ୍କର ମୃତ୍ୟୁ ଘଟିଥିବା କହିଥିଲେ। ପୂଜାରାଣୀଙ୍କ ମୃତ୍ୟୁ ଶ୍ୟାମାଶ୍ରୀରେ ହୋଇଥିବା ତାଙ୍କ ପରିବାର ଏବଂ ସମ୍ପର୍କୀୟ ଅଭିଯୋଗ କରିବା ସହ ମୃତଦେହ ଧରି ପୁରୀରେ ପହଞ୍ଚିଥିଲେ। ଶ୍ୟାମାଶ୍ରୀ ହସ୍ପିଟାଲରେ ପହଞ୍ଚି ମୃତଦେହ ରଖି ଧାରଣାରେ ବସିଥିଲେ। ଘଟଣାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରିବାର ଓ ସମ୍ପର୍କୀୟ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଏହା ପୁରୀର ପ୍ରମୁଖ ପ୍ରବେଶ ପଥ ହୋଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇବା ପରେ ଜିଲ୍ଲା ପ୍ରଶାସନିକ ଅଧିକାରୀ ଏବଂ ପୁଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ବାହାରକୁ ଡାକନ୍ତୁ ବୋଲି ସେମାନେ ଜିଦ୍ ଧରିଥିଲେ। ଅପ୍ରୀତିକର ପରିସ୍ଥିତି ଆଶଙ୍କା କରି ପୁଲିସ ପକ୍ଷରୁ ସୁରକ୍ଷା କର୍ମୀ ବଢ଼ାଯାଇଥିଲା। ଦୀର୍ଘ ସମୟ ପରେ ପୁଲିସ ସୁରକ୍ଷାରେ ହସ୍ପିଟାଲ କର୍ତ୍ତୃପକ୍ଷ ବାହାରକୁ ଆସୁଥିଲେ। ଏହି ସମୟରେ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ଦେଖି ମାଡ଼ି ଯାଇଥିଲେ। ଫଳରେ ସେ ଆକ୍ରୋଶର ଶିକାର ହୋଇଥିଲେ। ପୁଲିସ ଘେରାବନ୍ଦୀରୁ ତାଙ୍କୁ ଟଣାଘୋଷରା କରିଥିଲେ। ଏହାପରେ ପୁଲିସ ତାଙ୍କୁ ଭିତରକୁ ନେଇଯାଇଥିବା ବେଳେ କିଛି ଲୋକ ହସ୍ପିଟାଲ ଭିତରେ ପଶି ପାଟିତୁଣ୍ଡ କରିଥିଲେ। ପରେ ଲୋକମାନଙ୍କୁ ବାହାରକୁ ବାହାର କରିଥିଲା ପୁଲିସ।

ଅନ୍ୟପକ୍ଷରେ ରାସ୍ତା ଅବରୋଧ ଚାଲିଥିବାରୁ ପ୍ରଶାସନର ମୁଣ୍ଡବ୍ୟଥା ବଢ଼ିଯାଇଥିଲା। କାରଣ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପୁରୀ ଗସ୍ତ ଥିଲା। ପୂର୍ବାହ୍ଣ ୧୧ଟାରେ ମୁଖ୍ୟମନ୍ତ୍ରୀ ଟାଉନ୍ ହଲ୍‌ରେ ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ଯୋଗଦେବାକୁ ଥିବାରୁ ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ପୁଲିସ ଡିଜି ୱାଇ.ବି ଖୁରାନିଆ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ୍ ଅଗ୍ରୱାଲ, ସିଡିଏମ୍‌ଓ ପ୍ରମୁଖ ପହଞ୍ଚି ବୁଝାସୁଝା କରିଥିଲେ। ଉକ୍ତ ହସ୍‌ପିଟାଲରେ ଥିବା କିଛି ରୋଗୀଙ୍କୁ ଆମ୍ବୁଲାନ୍ସ ଯୋଗେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ହସ୍ପିଟାଲକୁ ସିଲ୍ କରାଯାଇ ଉପଯୁକ୍ତ ନ୍ୟାୟ ମିଳିବ ବୋଲି ପରିବାର ସଦସ୍ୟ ଏବଂ ସମ୍ପର୍କୀୟଙ୍କୁ ପ୍ରତିଶ୍ରୁତି ଦିଆଯିବା ପରେ ପୂର୍ବାହ୍ଣ ପ୍ରାୟ ସାଢ଼େ ୧୧ଟାରେ ରାସ୍ତା ଅବରୋଧ ହଟିଥିଲା। ଏ ସମ୍ପର୍କରେ ଜିଲ୍ଲାପାଳ କହିଛନ୍ତି, ଘଟଣାର ତଦନ୍ତ ପାଇଁ ସିଡିଏମ୍‌ଓଙ୍କୁ ଦାୟିତ୍ୱ ଦିଆଯାଇଛି। ଚିକିତ୍ସାରେ ଅବହେଳା ଏବଂ ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ମହିଳାଙ୍କ ମୃତ୍ୟୁ ହୋଇଥିବା ପ୍ରମାଣ ଆସିଲେ ସମ୍ପୃକ୍ତ ହସ୍ପିଟାଲ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଉକ୍ତ ହସ୍ପିଟାଲକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଥିବା ବେଳେ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ଜିଲ୍ଲପାଳ ସୂଚନା ଦେଇଥିଲେ।

## ନିଆରା ଢଙ୍ଗରେ ସ୍ୱାମୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିଲେ ଶିକ୍ଷୟିତ୍ରୀ


ପୁରୀ,୨୨।୬(ସମିସ): ଶିକ୍ଷୟିତ୍ରୀଙ୍କ ମହାନତା। ନିଆରା ଢଙ୍ଗରେ ସ୍ୱାମୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିଛନ୍ତି। ମେଧାବୀ ଛାତ୍ରଙ୍କୁ ଅର୍ଥରାଶି ପ୍ରଦାନ କରି ସ୍ୱାମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ପୁରୀ ବଳଗଣ୍ଡି ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅର୍ଣ୍ଣଦା ମହାନ୍ତି। ତାଙ୍କ ସ୍ୱାମୀ ସ୍ୱର୍ଗତ ଶାରଦା ପ୍ରସନ୍ନ ପଟ୍ଟନାୟକଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅବସରରେ ବଳଗଣ୍ଡି ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ର ସାହିଲ୍ ଦାସଙ୍କୁ ପାଠପଢ଼ା ନିମନ୍ତେ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସ୍ୱାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଷ ମେଧାବୀ ଛାତ୍ର କିମ୍ବା ଛାତ୍ରୀଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରିଥା'ନ୍ତି।

## ଲାୟନ୍ସ କ୍ଲବ୍ ପୁରୀର ସେବା କାର୍ଯ୍ୟ

ପୁରୀ,୨୨।୬(ସମିସ)

ଲାୟନ୍ସ କ୍ଲବ ପୁରୀ ପକ୍ଷରୁ ତିନିଦିନ ଧରି ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୀ ରକ୍ତଭଣ୍ଡାରଠାରେ ୪୫ ଜଣ ରକ୍ତଦାନ କରିଥିଲେ। ମାଗଣା ମଧୁମେହ ପରୀକ୍ଷା ଶିବିରରେ ପ୍ରାୟ ୮୮ ଜଣଙ୍କର ପରୀକ୍ଷା କରାଯାଇଥିବା ବେଳେ ମହିଳାମାନଙ୍କ ପାଇଁ ଅଗ୍ନି ନିରାପତ୍ତା କାର୍ଯ୍ୟକ୍ରମ ଅଠରନଳା ନିକଟସ୍ଥ ସାଇ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ କ୍ଲବ୍‌ର ଅଧ୍ୟକ୍ଷା ଲାୟନ୍ ବିଷ୍ଣୁପ୍ରିୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଲାୟନ୍ ରୁଦ୍ର ନାରାୟଣ ରଥ, ଲାୟନ୍ ଅଜୟ ଦାସ, କୋଷାଧ୍ୟକ୍ଷ ଲାୟନ୍ ସୁବ୍ରତ କୁମାର ପାଲ୍, ଲାୟନ୍ ସଞ୍ଜୟ କୁମାର ପ୍ରଧାନ ଏବଂ କ୍ଲବ୍‌ର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସମ୍ପାଦକୀୟ



ଉପଯୁକ୍ତ ବୌଦ୍ଧିକ ଓ ଆର୍ଥିକ ସହାୟତା ମିଳିଲେ କୃଷି କ୍ଷେତ୍ର ନିଯୁକ୍ତିଭିତ୍ତିକ ଅର୍ଥନୈତିକ ପ୍ରଗତିରେ ଉଲ୍ଲେଖନୀୟ ଯୋଗଦାନ ଦେଇପାରିବ।
-ଏମ୍ ଏସ୍ ସ୍ୱାମୀନାଥନ୍

ସକାଳ
THE SAKALA

## ଶ୍ରମିକ ମାରଣ ନୀତି

ଦେଶରେ ବେରୋଜଗାରୀ ହାର ଗତ ମେ' ମାସରେ ପୂର୍ବ ମାସ ତୁଳନାରେ ୦.୫ ପ୍ରତିଶତ ବୃଦ୍ଧି ପାଇଛି। ୧୪୫ କୋଟି ଜନସଂଖ୍ୟା ବିଶିଷ୍ଟ ଏକ ଦେଶ ପାଇଁ ଏହି ପରିସଂଖ୍ୟାନ କେତେ ଉଦ୍‌ବେଗଜନକ ତାହା ବୁଝାଇ କହିବା ଆବଶ୍ୟକ ନାହିଁ। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳକୁ ମିଶାଇ ଏହି ପରିସଂଖ୍ୟାନ ପ୍ରକାଶ ପାଇଥିବା ବେଳେ ଅମଳ ପରେ କୃଷି ଶ୍ରମିକମାନଙ୍କ ହାତରେ ଆଉ କାମ ନଥିବାରୁ ତାହାର ପ୍ରଭାବ ସାମଗ୍ରିକ ଭାବେ ଦେଶର ବେରୋଜଗାରୀ ସୂଚକାଙ୍କ ଉପରେ ପଡ଼ିଛି ବୋଲି ସରକାରୀ ଭାବେ କୁହାଯାଇଛି। ଅଥଚ କେନ୍ଦ୍ର ସରକାର ରୋଜଗାରର ନିଶ୍ଚିତ ଓ ନିର୍ଭରଯୋଗ୍ୟ ପନ୍ଥା 'ଏମ୍‌ନରେଗା'ର ପାଣ୍ଠି ପ୍ରଦାନକୁ ସାମୟିକ ସ୍ଥଗିତ କରିଦେଇଛନ୍ତି। ଏହି ଦୁଇ ବିପରୀତଧର୍ମୀ ତଥ୍ୟକୁ ମିଶାଇ ଦେଖିଲେ ଯୋଜନା ପ୍ରଣୟନ ଓ ରୂପାୟନ ମଧ୍ୟରେ ଯେ ତ୍ରୁଟି ରହିଛି ତାହା ଅସ୍ୱୀକାର କରାଯାଇପାରିବ ନାହିଁ।

ଗ୍ରାମୀଣ ଭାରତରେ ଶ୍ରମଜୀବୀଙ୍କ ହାତକୁ ଅଧିକରୁ ଅଧିକ କାମ ଦେଇ ବେରୋଜଗାରୀ ସମସ୍ୟାର ସମାଧାନ ଲକ୍ଷ୍ୟରେ ଯୁଗାନ୍ତକାରୀ 'ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ନିଶ୍ଚିତ ଯୋଜନା(ଏମ୍‌ନରେଗା)' ଆରମ୍ଭ କରାଯାଇଥିଲା। ବିଶେଷକରି ବେଉଷଣ ଓ ଅମଳ ପରବର୍ତ୍ତୀ ସମୟରେ ଶ୍ରମଜୀବୀଙ୍କ ପାଖରେ ଆଉ ବିଶେଷ କାମ ରହୁ ନଥିବାରୁ ସେମାନଙ୍କ ରୋଜଗାରର ପନ୍ଥା ସଂକୁଚିତ ହୋଇଯାଏ। ତେଣୁ ସେହି ସମୟରେ ଭିତ୍ତିଭୂମି ବିକାଶ ଓ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଶ୍ରମଜୀବୀଙ୍କୁ ଅନ୍ତତଃ ପରବର୍ତ୍ତୀ ଚାଷବାସ ପର୍ଯ୍ୟନ୍ତ ଶହେ ଦିନର କାମ ଯୋଗାଇ ଦେବାର ପ୍ରତିଶ୍ରୁତି ଏହି ଯୋଜନାରେ ରହିଛି। ଉପା ସରକାର ଅମଳରେ ଆରମ୍ଭ ହୋଇଥିବା ଏହି ଯୋଜନା ପ୍ରତି ଏନ୍‌ଡିଏ ସରକାର ସମୟୋପଯୋଗୀ ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହୋଇଆସୁଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି କାର୍ଯ୍ୟଦିବସ ଓ ବଜେଟ୍ ବ୍ୟୟବରାଦ ବୃଦ୍ଧି ପାଇବା ବଦଳରେ ଦୀର୍ଘବର୍ଷ ଧରି ଏହା ଅପରିବର୍ତ୍ତିତ ରହିବା ଦ୍ୱାରା ସ୍ୱାଭାବିକ ଭାବେ କେନ୍ଦ୍ର ସରକାରଙ୍କ ଶ୍ରମିକ ରୋଜଗାର ପ୍ରସଙ୍ଗରେ ଥିବା ଆନ୍ତରିକତା ଓ ଅଙ୍ଗୀକାରବଦ୍ଧତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଆହୁରି ମଧ୍ୟ ଯନ୍ତ୍ରଚାଳିତ କାମ ଉପରେ ଅଧୁନା ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ଶ୍ରମଜୀବୀମାନଙ୍କ ହାତକୁ ଆଉ ସେପରି ଆଖିଦୃଶିଆ କାମ ଆସୁନି। ଏହି ପୃଷ୍ଠଭୂମିରେ କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷର ପ୍ରଥମ ଛଅ ମାସ ପାଇଁ ଏମ୍‌ନରେଗା ବାବଦ ମୋଟ ବ୍ୟୟବରାଦର କେବଳ ୬୦% ଅର୍ଥ ମଞ୍ଜୁର କରିବାକୁ କଟକଣା ଜାରି କରିଛନ୍ତି। ଏମ୍‌ନରେଗାରେ ପ୍ରଥମ ଥର ପାଇଁ ଏଭଳି କଟକଣା ଜାରି ହେବା ପଛରେ ନିର୍ଦ୍ଦିଷ୍ଟ ଯୁକ୍ତିଯୁକ୍ତତା ମଧ୍ୟ ନାହିଁ।

ସମସ୍ତ ଯୋଜନା, ପ୍ରକଳ୍ପର ବ୍ୟୟମଞ୍ଜୁରୀକୁ ମାସିକ ଓ ତ୍ରୈମାସିକ ଭିତ୍ତିକ କରିବା ଲାଗି ୨୦୧୭ ମସିହାରେ କେନ୍ଦ୍ର ସରକାର ଏମ୍‌ଇପି ଓ କ୍ୟୁଏପି ନାମକ ସରକାରୀ ବ୍ୟବସ୍ଥା ଆରମ୍ଭ କରିଥିଲେ। ଏମ୍‌ନରେଗାକୁ ଏହି ବ୍ୟବସ୍ଥାରୁ ବାଦ୍ ଦିଆଯାଇଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ସାମିଲ୍ କରାଯାଇଛି। ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ବିଭିନ୍ନ ଯୋଜନା ଓ ପ୍ରକଳ୍ପର ବ୍ୟୟବରାଦ ଅର୍ଥ ଖର୍ଚ୍ଚ ନ ହୋଇପାରି ପଡ଼ି ରହୁଥିବାରୁ ତାହା ଅତିରିକ୍ତ ବଜେଟ୍ ଓ ପରବର୍ତ୍ତୀ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ପ୍ରସ୍ତୁତ କରିବା ବେଳେ ସମସ୍ୟା ସୃଷ୍ଟି କରୁଛି। ଏଥିରେ ସମାନୁପାତିତା ଆଣିବା ପାଇଁ ଉପରୋକ୍ତ ଏମ୍‌ଇପି ଓ କ୍ୟୁଏପି ବଜେଟ୍ ପରିଚାଳନାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇପାରେ। କିନ୍ତୁ ଏହା ଅଧୀନକୁ ଗ୍ରାମୀଣ ଗରିବ ଲୋକଙ୍କ ପେଟପାଟଣା ସହିତ ଜଡ଼ିତ ଜନକଲ୍ୟାଣ ଯୋଜନାଗୁଡ଼ିକୁ ଆଣିବା ଠିକ୍ ନୁହେଁ ବୋଲି ମତ ପ୍ରକାଶ ପାଇଛି। ଏମ୍‌ନରେଗାରେ କାର୍ଯ୍ୟ ଚାହିଦା ଏପ୍ରିଲ୍‌ରୁ ଜୁନ୍ ମାସରେ ସର୍ବାଧିକ ହୋଇଥିବା ବେଳେ ସେହି ସମୟରେ ହିଁ ବଜେଟ୍ କଟକଣା ଲାଗୁ ହେବାରୁ ବିଭିନ୍ନ ମହଲରୁ ସମାଲୋଚନା ଆରମ୍ଭ ହୋଇଛି।

ଏମ୍‌ନରେଗାରେ କାର୍ଯ୍ୟଦିବସ ବଣ୍ଟନ ସରକାରଙ୍କ ଏକ ବୈଧାନିକ ଦାୟିତ୍ୱ। ଏଥିରୁ ହିତାଧିକାରୀଙ୍କୁ ବଞ୍ଚିତ କରିବା ସମ୍ବିଧାନର ଧାରା ୨୧ର ଉଲ୍ଲଙ୍ଘନ ବୋଲି ଧରାଯିବ। ଅତୀତରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ସରକାର ପାଣ୍ଠି ଅଭାବ କିମ୍ବା ଅନ୍ୟ କୌଣସି ଆର୍ଥିକ ଦୁରବସ୍ଥା ଆଳରେ ଲୋକମାନଙ୍କ ରୋଜଗାର ଉତ୍ସକୁ ବନ୍ଦ କରିପାରିବେ ନାହିଁ। ଏମ୍‌ନରେଗାର ଧାରା ୩ ଅନୁଯାୟୀ ହିତାଧିକାରୀମାନେ କାମ ମାଗିବାର ୧୫ ଦିନ ଭିତରେ ସରକାର ସେମାନଙ୍କୁ କାମ ଦେବାକୁ ବାଧ୍ୟ ଏବଂ କାମ ସରିବାର ୧୫ ଦିନ ମଧ୍ୟରେ ସେମାନେ ନିଜର ପାଉଣା ବା ପାରିଶ୍ରମିକ ପାଇବାକୁ ହକ୍‌ଦାର। ଏବେ କେନ୍ଦ୍ର ସରକାର ଏହା ଉପରେ କଟକଣା ଜାରି କରିଥିବାରୁ ରାଜ୍ୟମାନେ ଅସୁବିଧା ଓ ଆଇନଗତ ଆହ୍ୱାନର ସମ୍ମୁଖୀନ ହୋଇପାରନ୍ତି। ଏମ୍‌ନରେଗାରେ ଦାବି କରିବା ସତ୍ତ୍ୱେ ଧାର୍ଯ୍ୟ ସମୟରେ କାମ ନ ମିଳିଲେ ହିତାଧିକାରୀମାନଙ୍କୁ ରାଜ୍ୟ ସରକାରମାନେ ବେକାରୀ ଭତ୍ତା ଦେବାକୁ ବାଧ୍ୟ ହେବେ ଏବଂ ପାରିଶ୍ରମିକ ବାବଦ ପାଉଣା ଦେବାରେ ବିଳମ୍ବ ହେଲେ ସୁଧ ବୋଝ ମଧ୍ୟ ରାଜ୍ୟ ରାଜକୋଷମାନଙ୍କ ଉପରେ ବଢ଼ି ଚାଲିବ।

କେନ୍ଦ୍ର ସରକାରଙ୍କ ନୀତି ନିର୍ଦ୍ଧାରକ ଓ ନିଷ୍ପତ୍ତି ନେଉଥିବା ଅଧିକାରୀମାନେ ଯେ ଏ ବିଷୟରେ ଅଜ୍ଞ ଥିବେ ତାହା ନୁହେଁ। ତଥାପି ଏମ୍‌ଇପି ଓ କ୍ୟୁଏପି ପ୍ରକ୍ରିୟାରେ ଏମ୍‌ନରେଗାକୁ ଅନ୍ତର୍ଭୁକ୍ତ କରିବା ପଛର କାରଣ ସେମାନେ ହିଁ କହିପାରିବେ। କିନ୍ତୁ ଯାହା ଆଖିକୁ ଦେଖାଯାଉଛି ତାହା ସାଧାରଣ ଭାଷାରେ ଶ୍ରମିକ ମାରଣ ନୀତି ଭାବରେ ଅଭିହିତ କରାଗଲେ ଭୁଲ୍ ହେବ ନାହିଁ। କେନ୍ଦ୍ର ସରକାର କେବଳ ମାଗଣା ରାସନ୍ ଯୋଗାଣର ଦ୍ୱାହି ଦେଇ ଏ କ୍ଷେତ୍ରରେ ନିଜ ଦାୟିତ୍ୱରୁ ଓହରି ଯାଇପାରିବେ ନାହିଁ। କାରଣ ମାଗଣା ରାସନ୍ ଯୋଜନାରେ ଯେତିକି ଚାଉଳ ଓ ଗହମ ମିଳୁଛି ସେଥିରେ ଖାଦ୍ୟ ସୁରକ୍ଷା ସମ୍ପୂର୍ଣ୍ଣ ନିଶ୍ଚିତ କରିହେବ ନାହିଁ, ତାହାକୁ କେବଳ ଏକ ସହାୟକ ରୂପେ ଗ୍ରହଣ କରାଯାଇପାରିବ। ଅଧିକନ୍ତୁ ବର୍ତ୍ତମାନ ବଜାରରେ ଖାଦ୍ୟ ଶସ୍ୟର ଦରଦାମ ଯେଭଳି ବଢ଼ି ଚାଲିଛି ସେଥିରେ କେବଳ ମାଗଣା ରାସନ୍ ଲୋକଙ୍କ ଜୀବନକୁ ଧାରଣଯୋଗ୍ୟ କରିବାରେ ସକ୍ଷମ ହେବ ନାହିଁ।

ଶୀତତାପ ନିୟନ୍ତ୍ରିତ କୋଠରିରେ ବସି ନିଆଯାଉଥିବା ନିଷ୍ପତ୍ତି ଏବଂ ତୃଣମୂଳସ୍ତରର ବାସ୍ତବତା ଭିତରେ ଆକାଶପାତାଳ ଫରକ ଅଛି। ତେଣୁ ସରକାର ବାସ୍ତବତାକୁ ହୃଦୟଙ୍ଗମ କରନ୍ତୁ। ନୀତି ନିର୍ଦ୍ଧାରକମାନେ କ୍ଷେତ୍ର ପରିଦର୍ଶନ କରନ୍ତୁ। ଖୋଦ୍ ସରକାରଙ୍କ ବେରୋଜଗାରୀ ପରିସଂଖ୍ୟାନକୁ ଆଧାର ଭାବେ ଗ୍ରହଣ କରି ନୀତି ନିର୍ଦ୍ଧାରକମାନେ ଏଭଳି ଶ୍ରମିକ ମାରଣ ନିଷ୍ପତ୍ତିର ପୁନର୍ବିଚାର କରନ୍ତୁ।

## ଜିଜ୍ଞାସା ପ୍ରେରିତ ବନାମ ବଜାର ପରିଚାଳିତ ବିଜ୍ଞାନ

ଡକ୍ଟର ଚିତ୍ତରଞ୍ଜନ ମିଶ୍ର

୧୮୭୬ରେ କୋଲକାତାରେ ପ୍ରତିଷ୍ଠିତ 'ଦି ଇଣ୍ଡିଆନ ଆସୋସିଏସନ୍ ଫର ଦି କଲ୍‌ଟିଭେସନ ଅଫ ସାଇନ୍ସ'ରେ ଗବେଷଣା କରି ସାର୍ ଚନ୍ଦ୍ରଶେଖର ଭେଙ୍କଟ ରମଣ ଭାରତବର୍ଷ ଏବଂ ଏସିଆ ମହାଦେଶର ପ୍ରଥମ ନୋବେଲ ପୁରସ୍କାର ବିଜେତା ଭାବେ ଅଦ୍ୱିତୀୟ ଗୌରବର ଅଧିକାରୀ ହୋଇଥିଲେ। ଏଠାରେ ପ୍ରଶ୍ନ ଉଠିପାରେ ରମଣଙ୍କ ମୂଳ ଲକ୍ଷ୍ୟ କ'ଣ ଥିଲା? ସେ କ'ଣ ତାତ୍କାଳିକ ସାମାଜିକ ସମସ୍ୟା ସମାଧାନର ସମ୍ଭାବନା ଦ୍ୱାରା ଅଭିପ୍ରେରିତ ହୋଇଥିଲେ ନା ବିଜ୍ଞାନ ପଛରେ ଅଣନିଃଶ୍ୱାସୀ ହୋଇ ଅନୁଧାବନ କରିବାର ଅଦମ୍ୟ ନିଶା ତାଙ୍କୁ ଘାରିଥିଲା ? ନା ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ଗଭୀର ଅନୁଧ୍ୟାନ ଓ ଅନୁସନ୍ଧାନ ପାଇଁ ସେ ଅମଡ଼ାବାଟର ପଥିକଟିଏ ହେବା ପାଇଁ ଅଧିକ ପସନ୍ଦ ମଣିଥିଲେ?

ରମଣଙ୍କ ଉଦ୍‌ଭାବନ କୌଣସି ବାଣିଜ୍ୟିକ ଲାଭ କିମ୍ବା ତୁରନ୍ତ ବ୍ୟବହାର ଲକ୍ଷ୍ୟରେ ପରିଚାଳିତ ହୋଇନଥିଲା। ଏହା ଜନ୍ମ ନେଇଥିଲା ମାନବୀୟ ଜିଜ୍ଞାସା ଓ କଳ୍ପନାର ଗର୍ଭାଶୟରୁ। କିନ୍ତୁ ଆଜି ବୈଜ୍ଞାନିକ ଅନ୍ୱେଷଣର ଧର୍ମ ଅର୍ଥନୈତିକ ଓ ବଜାର ସମ୍ବନ୍ଧୀୟ ଚିନ୍ତାଧାରା ଦ୍ୱାରା ବହୁଳ ପ୍ରଭାବିତ ହେଉଥିବା ଲକ୍ଷ୍ୟ କରାଯାଉଛି। ଭାରତ ସମେତ ସମଗ୍ର ବିଶ୍ୱରେ ଗବେଷଣା ପ୍ରକଳ୍ପ ପାଇଁ ପାଣ୍ଠି ସହାୟତା ପ୍ରଦାନ କରୁଥିବା ସଂସ୍ଥାମାନେ ବ୍ୟାବସାୟିକ ରୂପରେ ସଂଚାଳିତ ଅନୁସନ୍ଧାନକୁ ପ୍ରାଥମିକତା ଦେଉଛନ୍ତି। ଫଳତଃ ଗବେଷଣାର ଫଳାଫଳ ପେଟେଣ୍ଟ, ଉଦ୍ୟମଶୀଳତା, ବାଣିଜ୍ୟିକ ଉପକ୍ରମ, ଷ୍ଟାର୍ଟଅପ୍ ଏବଂ କନ୍‌ସଲ୍‌ଟ୍ୟାନ୍ସି, ଇଣ୍ଡଷ୍ଟ୍ରି ପାର୍ଟନରସିପ୍ ଆଧାରରେ ଦ୍ରୁତଗତିରେ ମୂଲ୍ୟାଙ୍କନ କରାଯାଉଛି। 'ଆପ୍ଲାଏଡ ରିସର୍ଚ୍ଚ' ବା ବ୍ୟାବହାରିକ ଗବେଷଣା ସଂପ୍ରତି ପ୍ରମୁଖ ପ୍ରତିମାନ ପାଲଟିଯାଇଛି।

ଥରେ ବିଶ୍ୱ ପ୍ରସିଦ୍ଧ ପ୍ରାୟୋଗିକ ବୈଜ୍ଞାନିକ ମାଇକେଲ ଫାରାଡେ ଜଣେ ଉଚ୍ଚ ପଦସ୍ଥ ବ୍ରିଟିଶ ଅଧିକାରୀଙ୍କୁ ଇଲେକ୍‌ଟ୍ରୋ- ମ୍ୟାଗ୍ନେଟିଜିମ୍ ଉପରେ ତାଙ୍କ ଆବିଷ୍କାରକୁ ପ୍ରଦର୍ଶିତ କରାଉଥିଲେ। ଏକ କୁଣ୍ଡଳିତ ସ୍ପ୍ରିଙ୍ଗ୍ ମଧ୍ୟରେ ଏକ ଚୁମ୍ବକକୁ ଘୂରାଇଲେ କିଭଳି ଭାବେ ତାହା ବିଦ୍ୟୁତ ତରଙ୍ଗ ସୃଷ୍ଟି କରୁଛି ତାହା ସେ ପରୀକ୍ଷା କରି ବୁଝାଉଥିଲେ। ବରିଷ୍ଠ ବ୍ରିଟିଶ ଅଧିକାରୀଜଣକ ଏହି ପରୀକ୍ଷା ନିରୀକ୍ଷା ଦ୍ୱାରା ପ୍ରଭାବିତ ନହୋଇ ମାଇକେଲ୍ ଫାରେଡଙ୍କୁ ପଚାରିଲେ- ଇଲେକ୍‌ଟ୍ରିସିଟି ଉତ୍ପାଦନରେ ତୁମର ଏ ପରୀକ୍ଷା ନିରୀକ୍ଷା ରାଷ୍ଟ୍ରକୁ କ'ଣ ବ୍ୟାବହାରିକ ଲାଭ ପହଞ୍ଚାଇବ? ଉତ୍ତରରେ ଫାରାଡ଼େ କହିଥିଲେ - ସାର୍, ମୁଁ ଜାଣିନାହିଁ। ହେଲେ ମୁଁ ଏତିକି ଜାଣିଛି ଯେ ଦିନେ ଆପଣଙ୍କ ସରକାର ଏହା ଉପରେ ଟିକସ ଲଗାଇପାରନ୍ତି।

ଯଦିଓ ବିଜ୍ଞାନର ବ୍ୟାବହାରିକ ଉପଯୋଗ ନିଃସନ୍ଦେହରେ ମହତ୍ତ୍ୱପୂର୍ଣ୍ଣ, କିନ୍ତୁ ଏହି ଉପଯୋଗିତାବାଦୀ ଦୃଷ୍ଟିକୋଣ ବୈଜ୍ଞାନିକ ଅନୁସନ୍ଧାନର ପ୍ରକୃତ ଧର୍ମର ଅବକ୍ଷୟ ହେବାର ଆଶଙ୍କା ସୃଷ୍ଟି କରିଥାଏ। ଅନ୍ୟ ଅର୍ଥରେ କହିଲେ ବୈଜ୍ଞାନିକ ଗବେଷଣା ବଜାର ଶକ୍ତି ଦ୍ୱାରା ନିର୍ଦ୍ଧାରିତ, ପ୍ରଭାବିତ ଓ ପରିଚାଳିତ ହେଲେ ମୁକ୍ତ ଅନ୍ୱେଷଣ ବହୁଳ ବାଧାପ୍ରାପ୍ତ ହେବା ସହ ଉଦ୍‌ଭାବନ ଅଧୋଗତିର ସମ୍ମୁଖୀନ ହେବ। ବୈଜ୍ଞାନିକ ପ୍ରଗତିକୁ କେବଳ ମାତ୍ର ପ୍ରୌଦ୍ୟୋଗିକୀ ନବାଚାର ସହ ସମୀକୃତ କରିବା ଦ୍ୱାରା ବିଜ୍ଞାନର ଗଭୀର ବୌଦ୍ଧିକ ଓ ଅନ୍ୱେଷଣାତ୍ମକ ଅନୁସନ୍ଧାନ ଉପେକ୍ଷିତ ହୋଇଯାଏ। ଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଅଭୂତପୂର୍ବ ସଫଳତା ହାସଲ କରିପାରିଛି ଏବଂ କୃତ୍ରିମ ବୁଦ୍ଧିମତ୍ତା ବିପ୍ଳବ ଅସାଧାରଣ ଗତିରେ ତା'ର ରୂପ ଲାବଣ୍ୟ ଆମ ସମ୍ମୁଖରେ ଉନ୍ମୋଚନ କରିଚାଲିଛି। ସ୍ୱାସ୍ଥ୍ୟ ସେବାଠୁଁ ଆରମ୍ଭ କରି ଅଣପାରମ୍ପରିକ ଶକ୍ତି ଉତ୍ସର ବିକାଶ ପର୍ଯ୍ୟନ୍ତ ଏକାଧିକ ଆହ୍ୱାନର ମୁକାବିଲା କରିବା କ୍ଷେତ୍ରରେ ବିଜ୍ଞାନ ପ୍ରମୁଖ ଭୂମିକା ସୁଚାରୁରୂପେ ସଂପାଦିତ ହୋଇଚାଲିଛି। ଯଦିଓ ଏହି ସବୁ ନବଉନ୍ମେଷର ବାସ୍ତବିକ ମୂଲ୍ୟ ରହିଛି ତଥାପି ଆମ ମନରେ ଏକ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ ଉତ୍ଥାପନ ହୋଇଥାଏ ଯେ ବିଜ୍ଞାନକୁ କ'ଣ ବାସ୍ତବିକ ସମସ୍ୟାର ସମାଧାନ ଓ ପୋଷଣୀଣ ବିକାଶ ପାଇଁ ପରିଚାଳିତ କରାଯାଇଥାଏ? ଜିଜ୍ଞାସା, ଗଭୀର ଅନୁଧ୍ୟାନ, ଅନୁସନ୍ଧାନ ଓ ଅନ୍ୱେଷଣ ମାଧ୍ୟମରେ ଜ୍ଞାନର ଦିଗ୍‌ବଳୟକୁ ସଂପ୍ରସାରଣ କରିବା ମଧ୍ୟ ଏକ ମହତ୍ତର କାର୍ଯ୍ୟ, ଯାହାକୁ ବିଜ୍ଞାନ ସମ୍ପାଦିତ କରିଥାଏ।

ସଂଗୀତ, ସାହିତ୍ୟ, କଳା ପରି ବିଜ୍ଞାନ ମଧ୍ୟ ଏକ ରଚନାତ୍ମକ ପ୍ରୟାସ। ଏହା ସଦାସର୍ବଦା ବାସ୍ତବତା ସମ୍ବନ୍ଧୀୟ ମୌଳିକ ପ୍ରଶ୍ନକୁ ନେଇ ଅନ୍ୱେଷଣ କରିବା ପାଇଁ ଇଚ୍ଛା ପ୍ରକଟ କରିଥାଏ। ଆଇନଷ୍ଟାଇନଙ୍କ ଆପେକ୍ଷିତ ତତ୍ତ୍ୱ ହେଉ କିମ୍ବା ରମଣଙ୍କ ଆଲୋକର ବିଛୁରଣକୁ ନେଇ ହେଉ, ବିଜ୍ଞାନ କ୍ଷେତ୍ରରେ ଏକାଧିକ ସର୍ବଶ୍ରେଷ୍ଠ ଆବିଷ୍କାର ତାହା ବ୍ୟାବହାରିକ ସମାଧାନର ଦାବି ଦ୍ୱାରା ନୁହେଁ, ବରଂ ଭୌତିକ ବ୍ରହ୍ମାଣ୍ଡ ବିଷୟରେ ଅନିର୍ବଚନୀୟ ଜିଜ୍ଞାସା ବା ଅତୃପ୍ତ ଜିଜ୍ଞାସା ଦ୍ୱାରା ସଂଚାଳିତ ହୋଇଥାଏ। ଏକାଧିକ କ୍ଷେତ୍ରରେ ଏ ସମସ୍ତ ଆବିଷ୍କାର ବର୍ଷ ବର୍ଷ ପରେ କିମ୍ବା ଦଶନ୍ଧି ଦଶନ୍ଧି ପରେ ତାହାର ବ୍ୟାବହାରିକ ଉପଯୋଗକୁ ଖୋଜି ପାଇଥିଲା। କ୍ୱାଣ୍ଟମ୍ ମେକାନିକ୍ସର କାହାଣୀ,ଯାହାକି ଏବେ ଆଧୁନିକ ଇଲେକ୍‌ଟ୍ରୋନିକ୍ସ ଓ କମ୍ପ୍ୟୁଟିଂ କ୍ଷେତ୍ରକୁ ସମୃଦ୍ଧ କରିଛି କିମ୍ବା ସାଧାରଣ ଆପେକ୍ଷିକ ତତ୍ତ୍ୱର ସିଦ୍ଧାନ୍ତ ଯାହାକି ସଠିକ ଜି.ପି.ଏସ୍ ନାଭିଗେସନ୍ ବା ମାର୍ଗଦର୍ଶନକୁ ସକ୍ଷମ କରିଛି, ତାହା ବିଳମ୍ବରେ ହେଲେ ମଧ୍ୟ ମୌଳିକ ବିଜ୍ଞାନର ଗଭୀର ପ୍ରଭାବ ସଂପର୍କରେ ଅନନ୍ୟ ଉଦାହରଣ ସୃଷ୍ଟି କରିଛି।

ଯେଉଁ ମନଟି ସଦାସର୍ବଦା ଲାଭ କ୍ଷତିର ହିସାବ ନିକାଶ କରୁଥାଏ ତାହା ଆବଶ୍ୟକତାର ସଂକୀର୍ଣ୍ଣ ଗଳିରେ ଛନ୍ଦି ହୋଇ ପଡ଼ିଯାଇଥାଏ। ରଚନାତ୍ମକ ବା ସୃଜନଶୀଳ ମନଟି ହିଁ ସଦାସର୍ବଦା ମାନବତାକୁ ଆଡ଼କୁ ବାଟ କଢ଼େଇ ନେଇଥାଏ। ଯେଉଁ ମୁହୂର୍ତ୍ତରେ ଆମେ ଆମର ଅସ୍ତିତ୍ୱକୁ କ୍ରିୟାଶୀଳ କରିବାର ପ୍ରକ୍ରିୟା ପ୍ରତି ଉଦାସୀନ ହୋଇପଡୁ, ସେତେବେଳେ ଆମେ ନିଜକୁ ଏକ ଯନ୍ତ୍ରରେ ପରିଣତ କରିଦେଇଥାଉ। ବିସ୍ତୀର୍ଣ୍ଣ ଆକାଶର ଛାତି ଉପରେ ଏକ ଇନ୍ଦ୍ରଧନୁ ତା'ର ରୂପ ଲାବଣ୍ୟର ଅମୂଲ୍ୟ ପସରା ମେଲେଇ ଦେଇଥିଲେ ବି ତାହା ବ୍ୟସ୍ତବହୁଳ ଜୀବନ ବିତାଉଥିବା ସହରୀ ମଣିଷ ପାଇଁ କୌଣସି ବ୍ୟାବାହାରିକ ମୂଲ୍ୟ ରଖିନଥାଏ, ପରନ୍ତୁ ଜଣେ କୋମଳମତି ପିଲା ଓ ଜଣେ କବି ସେହି ଇନ୍ଦ୍ରଧନୁର ଅପରୂପ ସୌନ୍ଦର୍ଯ୍ୟରେ ବିମୁଗ୍ଧ ହୋଇ ତା'ର ବିଦଗ୍ଧ ମନକୁ ଶୀତଳ କରିଥାଏ।

ଜ୍ୟୋତିର୍ବିଜ୍ଞାନ ବିନା ଏକ ବିଶ୍ୱର ଚିନ୍ତା କରନ୍ତୁ, ଯେଉଁଠାରେ କି ମଣିଷମାନେ କେବେ ବି ଥରେ ନିଜ ମୁଣ୍ଡ ଟେକି ଉପରକୁ ଚାହିଁ ନଥିବେ। କେବେ କୌଣସି ପ୍ରଶ୍ନ ପଚାରି ନଥିବେ ବା କେବେ କୌଣସି ସ୍ୱପ୍ନ ବି ଦେଖି ନ ଥିବେ। ନକ୍ଷତ୍ରମାନଙ୍କ ଅବସ୍ଥିତି ବାସ୍ତବତା ବା ଉପଯୋଗିତା ଦୃଷ୍ଟିକୋଣରୁ ଯାହା ଖଗୋଳ ବିଜ୍ଞାନୀଙ୍କ ପାଇଁ ତାହା ଜ୍ୟୋତିଷକାରଙ୍କ ପାଇଁ ନୁହେଁ। ଆମେ କିଏ? ଆମେ କେଉଁଠୁ ଆସିଲୁ? ଏହି ବିଶ୍ୱ ବ୍ରହ୍ମାଣ୍ଡରେ ଆମର ସ୍ଥାନ କେଉଁଠି? ଏହା ସେହି ପ୍ରଶ୍ନ ନୁହେଁ, ଯାହାର ଉତ୍ତର ଗୋଟେ ହିସାବ ଖାତା ଦେଇପାରିବ। ଏହା ହେଉଛି ସେହି ପ୍ରଶ୍ନ, ଯାହାକି ଆମେ ଜଣେ ଜଣେ ମଣିଷ ବୋଲି ଆମକୁ ପରିଭାଷିତ କରିଥାଏ, ନିର୍ଦ୍ଧାରିତ କରିଥାଏ, ନିରୂପଣ କରିଥାଏ। ଆମେ ସତ୍ୟ, ଶିବ ଓ ସୁନ୍ଦରର ପୂଜାରୀ, ଅନ୍ୱେଷକ ଓ ଜିଜ୍ଞାସୁ ବୋଲି ଆମକୁ ପରିଚିତ କରାଇଥାଏ। କବିଟିଏ, ଚିତ୍ରକରଟିଏ, ସଂଗୀତଜ୍ଞଟିଏ, ରହସ୍ୟବାଦୀଟିଏ ଯେ କି ଈଶ୍ୱରଙ୍କର ସାକ୍ଷାତ ଦର୍ଶନର ଅଭିଳାଷୀଟିଏ, ଆଧ୍ୟାତ୍ମିକବାଦୀଟିଏ କିମ୍ବା ଜଣେ ବୈଜ୍ଞାନିକଟିଏ ଏମାନେ ସମସ୍ତେ ଅନନ୍ତ, ଅସୀମିତ ଓ ଅପରିମିତର ଜଣେ ଜଣେ ସନ୍ଧାନୀ। ଏହା ସାଂସାରିକତାର ବହୁ ଊର୍ଦ୍ଧ୍ୱରେ ଅନନ୍ତ ଅସୀମର ଉପଲବ୍ଧି ପାଇଁ ସଦା ଉନ୍ମୁକ୍ତ ହୋଇଥିବା ଏକ ଦ୍ୱାରଦେଶ।

(ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି, କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ)
ଭୁବନେଶ୍ୱର, ମୋ: ୯୩୩୮୨୦୪୯୯୩

## ଅବିଶ୍ରାନ୍ତ ସବୁଜ ଅଭିଯାନର ନାୟିକା

ମିନାକ୍ଷୀ ଦ୍ୱିବେଦୀ

ପୃଥିବୀର ମଙ୍ଗଳ ପାଇଁ ବୃକ୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱ ତାପମାନ ବୃଦ୍ଧି ନିୟନ୍ତ୍ରଣରେ ଗଛଗୁଡ଼ିକ ପ୍ରକୃତିର ସୈନିକ। ସେମାନେ ପ୍ରାକୃତିକ ବାୟୁ ବିଶୋଧକ ଭାବରେ କାର୍ଯ୍ୟ କରନ୍ତି; ଅଙ୍ଗାରକାମ୍ଳ ଶୋଷଣ କରି ଅମ୍ଳଜାନ ତ୍ୟାଗ କରନ୍ତି। ଏହା ସହିତ ସେମାନେ ମୃତ୍ତିକା ସ୍ୱାସ୍ଥ୍ୟ ଓ ମୃତ୍ତିକା ସଂରକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଏହାବ୍ୟତୀତ, ବୃକ୍ଷଗୁଡ଼ିକ ଅଗଣିତ ପ୍ରଜାତି ପାଇଁ ବାସସ୍ଥାନ ଓ ସମ୍ପଦ ପ୍ରଦାନ କରନ୍ତି, ଜୈବ ବିବିଧତା ଏବଂ ପରିବେଶ ସନ୍ତୁଳନରେ ଅବଦାନ ରଖନ୍ତି।

ପରିବେଶ ସୁରକ୍ଷାରେ ବୃକ୍ଷଲତାଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ମହତ୍ତ୍ୱକୁ ଉପଲବ୍ଧି କରିଥିବା 'ମଦର ଅଫ୍ ଟ୍ରି' ବା 'ଗଛର ମାଆ' ଭାବେ ପରିଚିତ ସାଲୁମାରାଦା ଥିମ୍ମାକା ସମଗ୍ର ବିଶ୍ୱ ପାଇଁ ଏକ ଆଦର୍ଶ। କର୍ଣ୍ଣାଟକର ଗ୍ରାମୀଣ ଜିଲ୍ଲାର ମାଗାଡ଼ି ତାଲୁକ ଅନ୍ତର୍ଗତ ହୁଲିକାଲ ନାମକ ଏକ ଗ୍ରାମରେ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା ଏହି ଅସାଧାରଣ ମହିଳା ପରିବେଶ ସୁରକ୍ଷା ନିମନ୍ତେ ଅତ୍ୟନ୍ତ ମୂଲ୍ୟବାନ ଅଂଶଦାନ କରିଛନ୍ତି। ସେ କୌଣସି ଆନୁଷ୍ଠାନିକ ଶିକ୍ଷା ପାଇ ନଥିଲେ। ବାଲ୍ୟକାଳରୁ ଘର ପାଖରେ ଏକ ପଥର ଖଣିରେ ଶ୍ରମିକ ଭାବରେ କାମ କରୁଥିଲେ। ତାଙ୍କର ବିବାହ ହୁଲିକାଲ ଗାଁର ଶ୍ରୀବିକ୍କାଲା ଚିକ୍କାୟାଙ୍କ ସହିତ ହୋଇଥିଲା। ବିବାହର ୨୫ ବର୍ଷ ପରେ ମଧ୍ୟ ସନ୍ତାନସନ୍ତତି ଜନ୍ମ ନ ହେବାରୁ ଦିନ କାଟିବା ପାଇଁ ଦମ୍ପତି ଗଛ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ନିଃସନ୍ତାନ ଦମ୍ପତିଙ୍କ ଦୁଃଖ ଓ ନିଃସଙ୍ଗତା ଦୂର ଲକ୍ଷ୍ୟରୁ ଅରମ୍ଭ ହୋଇଥିବା ଏହି ପ୍ରୟାସ ପରବର୍ତ୍ତୀ ସମୟରେ ଏକ ଅସାଧାରଣ ଅଭିଯାନର ରୂପ ନେଇଥିଲା।

ଥିମ୍ମାକ୍କା ଓ ତାଙ୍କ ସ୍ୱାମୀ ରାସ୍ତା ପାର୍ଶ୍ୱରେ ଗଛ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ ଏବଂ ପରବର୍ତ୍ତୀ ସମୟରେ ବୃକ୍ଷଶୂନ୍ୟ ଗ୍ରାମ କୁଦୁରକୁ ବାଛିଥିଲେ। ସେମାନେ ବର ଗଛରୁ ଚାରା କଲମୀ କରିବା ଆରମ୍ଭ କରିଥିଲେ। ପ୍ରଥମ ବର୍ଷ ୧୦ଟି ଚାରା କଲମୀ କରି ରାସ୍ତାରେ ୪ କିଲୋମିଟର ପର୍ଯ୍ୟନ୍ତ ରୋପଣ କରିଥିଲେ। ଦ୍ୱିତୀୟ ବର୍ଷରେ ୧୫ଟି ଏବଂ ତୃତୀୟ ବର୍ଷରେ ୨୦ଟି ଗଛ ଲଗାଇଥିଲେ। ଏହିକ୍ରମରେ ପ୍ରତି ବର୍ଷ ଚାରାରୋପଣ ସଂଖ୍ୟା ବୃଦ୍ଧି କରିଚାଲିଲେ। ସେମାନେ ଚାରା ଲଗାଇବା ସହିତ ସନ୍ତାନସନ୍ତତିଙ୍କ ପରି ସେଗୁଡ଼ିକର ଯତ୍ନ ମଧ୍ୟ ନେଲେ। ଚାରାଗୁଡ଼ିକ ବଡ଼ ଗଛରେ ପରିଣତ ହେବା ପରେ ସେମାନଙ୍କର ଅକ୍ଳାନ୍ତ ପରିଶ୍ରମ ଫଳ ଦେବା ଆରମ୍ଭ କରିଥିଲା। ଏହି ଦମ୍ପତି ପ୍ରାୟତଃ ବର୍ଷା ଋତୁରେ ଚାରା ରୋପଣ କରୁଥିଲେ। ଥିମ୍ମାକ୍କା ତାଙ୍କ ସ୍ୱାମୀଙ୍କ ସହିତ ମିଶି ୮, ୦୦୦ ରୁ ଅଧିକ ଗଛ ଲଗାଇ ଯତ୍ନ ନେବା ଫଳରେ ଏକ ବୃକ୍ଷଶୂନ୍ୟ ଜମି ସବୁଜ ପ୍ରାନ୍ତରେ ପରିଣତ ହୋଇଗଲା।



୧୯୯୧ ମସିହାରେ ସ୍ୱାମୀଙ୍କ ଦେହାନ୍ତ ପରେ ଥିମ୍ମାକ୍କା ଏକାକୀ ନିରନ୍ତର ଭାବରେ ତାଙ୍କର ଅଭିଯାନ ଜାରିଲେ। ସେ ଆଲା ମାରାଦା ଥିମ୍ମାକ୍କା ନାମରେ ମଧ୍ୟ ପରିଚିତ ଥିଲେ। ୩୮୫ ବର ଗଛ ସମେତ ୮୦୦୦ରୁ ଅଧିକ ଗଛ ଲଗାଇ ଯତ୍ନ ନେବାର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ 'ସାଲୁମାର୍ଦା ଥିମ୍ମାକ୍କା' କୁହାଯାଉଥିଲା। କନ୍ନଡ ଭାଷାରେ 'ସାଲୁମାର୍ଦା' ଅର୍ଥ ଗଛର ଧାଡ଼ି। ରାସ୍ତାରେ ସେ ଓ ତାଙ୍କ ସ୍ୱାମୀଙ୍କୁ ସମ୍ମୁଖୀନ ହେବାକୁ ପଡ଼ିଥିବା ଅନେକ କଷ୍ଟ ସତ୍ତ୍ୱେ ଚାରା ରୋପଣ ଏବଂ ପରିବେଶ ସଂରକ୍ଷଣ ପ୍ରତି ତାଙ୍କର ଉତ୍ସର୍ଗକୁ ସମ୍ମାନ ଜଣାଇବା ପାଇଁ ତାଙ୍କୁ ଏହି ନାମ ଦିଆଯାଇଥିଲା।

ସାଲୁମାର୍ଦା ଥିମ୍ମାକ୍କା କେବଳ ଗଛ ଲଗାଇ ନଥିଲେ। ସେ ତାଙ୍କ ଗ୍ରାମର ବାର୍ଷିକ ମେଳା ପାଇଁ ବର୍ଷା ଜଳ ସଂରକ୍ଷଣ କରିବା ପାଇଁ ଏକ ଟାଙ୍କି ନିର୍ମାଣ ଭଳି ବିଭିନ୍ନ ସାମାଜିକ କାର୍ଯ୍ୟକଳାପରେ ସାମିଲ ହୋଇଥିଲେ। ତାଙ୍କର ଜୀବନର ସରଳ ଦର୍ଶନ ହେଉଛି ଯେ ଏହି ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ମାନବତା ପାଇଁ କିଛି ସମ୍ପତ୍ତି ଛାଡ଼ିଯିବା ଉଚିତ। ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା। ବିଭିନ୍ନ ପୁରସ୍କାର ଓ ଅତ୍ୟଳ୍ପ ମାସିକ ପେନସନରୁ କୌଣସି ପ୍ରକାରେ ଜୀବିକା ନିର୍ବାହ କରୁଥିଲେ। କିନ୍ତୁ ଆର୍ଥିକ ଦୁରବସ୍ଥା କେବେବି ମାନବଜାତି ପାଇଁ ଭଲ କାମ କରିବାରେ ତାଙ୍କ ଆଗ୍ରହକୁ ଭାଙ୍ଗି ପାରି ନାହିଁ। ସାଲୁମାର୍ଦା ଥିମ୍ମାକ୍କା ଆଜି ପ୍ରତ୍ୟେକ ପରିବେଶବିତଙ୍କ ଆଦର୍ଶ। ସେ ବିଶ୍ୱକୁ ଦେଖାଇଛନ୍ତି ଯେ ଜଣେ ନିରକ୍ଷର ମହିଳା ତାଙ୍କ କଠିନ ପରିଶ୍ରମ ଏବଂ ଧୈର୍ଯ୍ୟ ବଳରେ ସମାଜରେ ଏକ ବିରାଟ ପରିବର୍ତ୍ତନ ଆଣିପାରନ୍ତି।

ଯଦିଓ ଥିମ୍ମାକ୍କା କୌଣସି ଆନୁଷ୍ଠାନିକ ଶିକ୍ଷା ପାଇ ନଥିଲେ, ତାଙ୍କ କାର୍ଯ୍ୟକୁ ଭାରତର ଜାତୀୟ ନାଗରିକ ପୁରସ୍କାରରେ ସମ୍ମାନିତ କରାଯାଇଛି। ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ଦିଆଯାଇଛି ଏବଂ ତାଙ୍କୁ ୨୦୧୯ରେ 'ପଦ୍ମଶ୍ରୀ'ରେ ସମ୍ମାନିତ କରାଯାଇଛି। ଆମେରିକାରେ ତାଙ୍କ ନାମରେ 'ଥିମ୍ମାକ୍କାର ରିସୋର୍ସ ଫର୍ ଏନଭାର୍ନାମେଣ୍ଟାଲ୍ ଏଜୁକେସନ୍' ନାମରେ ଏକ ପରିବେଶ ସଂଗଠନ ମଧ୍ୟ ଅଛି। ସେ ମଧ୍ୟ ବନମିତ୍ର, ନିସର୍ଗରତ୍ନ, ବୃକ୍ଷପ୍ରେମୀ ଓ ବୃକ୍ଷଶ୍ରୀ ଭଳି ଉପାଧିରେ ସମ୍ମାନିତ ହୋଇଛନ୍ତି। ପରିବେଶ ରକ୍ଷା ଦିଗରେ ତାଙ୍କର ଅବିଶ୍ରାନ୍ତ ପ୍ରୟାସ ପାଇଁ ତାଙ୍କୁ ଅନେକ ପୁରସ୍କାର ଏବଂ ପ୍ରଶଂସାପତ୍ରରେ ସମ୍ମାନିତ କରାଯାଇଛି।

୧୧୩ ବର୍ଷ ବୟସରେ ଆଜି ମଧ୍ୟ ସେ ଅଧିକ ଗଛ ଲଗାଇବାର ସ୍ୱପ୍ନକୁ ଦେଖି ତାହାକୁ ବାସ୍ତବତାରେ ରୂପାୟନ କରୁଛନ୍ତି। ଯୁଗରେ ଦ୍ରୁତଜଙ୍ଗଲ କ୍ଷୟ ଏବଂ ଜଳବାୟୁ ପରିବର୍ତ୍ତନ ପାଇଁ ଥିମ୍ମାକାଙ୍କ ବାର୍ତ୍ତା ଆଜି ବହୁ ଅଧିକ ପ୍ରାସଙ୍ଗିକ। ତାଙ୍କ କାହାଣୀ ଆମକୁ ଶିଖାଏ 'ଗୋଟିଏ ମଣିଷ ମଧ୍ୟ ପରିବର୍ତ୍ତନ ଆଣିପାରେ। ଆଜି ଗଛ ଲଗାଇଲେ, ଆସନ୍ତା କାଲି ଉଜ୍ଜ୍ୱଳ ହେବ। ସମୁଦାୟ ଉଦ୍‌ଯୋଗ ଭୂଦୃଶ୍ୟର ପରିବର୍ତ୍ତନ କରିପାରେ।'

ଆମେ ଯଦି ସମସ୍ତେ ତାଙ୍କ ଉଦାହରଣକୁ ଅନୁସରଣ କରିବା ଆମ ଜଗତ ସତରେ କେତେ ସବୁଜ, ସୁନ୍ଦର, ଶ୍ୟାମଳ ହୋଇ ଗଢ଼ି ଉଠିବ। ପ୍ରକୃତି ସଂରକ୍ଷଣ ହେଉଛି ଆମର କର୍ତ୍ତବ୍ୟ। ଗଛ ଲଗାନ୍ତୁ, ପରିବେଶ ସୁରକ୍ଷିତ ରଖନ୍ତୁ। ଏକ ସବୁଜ ଓ ସୁସ୍ଥ ଭବିଷ୍ୟତ ପାଇଁ ଆଜିଠାରୁ ପଦକ୍ଷେପ ନିଅନ୍ତୁ। ସବୁଜ ଥିଲେ ସ୍ୱାସ୍ଥ୍ୟ ମିଳିବ, ପରିବେଶ ସୁନ୍ଦର ରହିବ। ଏକ ଗଛ ଏକ ପ୍ରାଣ, ଗଛ ବଞ୍ଚାଏ ଜୀବନ। ପ୍ରତି ଘରେ ଗଛ ହେଉ, ପୃଥିବୀ ସବୁଜ ହେଉ।

ଗୁରୁଗ୍ରାମ, ମୋ: ୭୯୭୮୦୮୨୮୩୪

## ଆମ ବୃକ୍ଷଲତା ଆମ ଜୀବନ

### ଅଗ୍ନିଶିଖା

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ଅଗ୍ନିଶିଖାକୁ ଓଡ଼ିଶାରେ ସାଧାରଣତଃ ଲଙ୍ଗଲଙ୍ଗଳିଆ, ଟାଙ୍ଗି ଫୁଲ, ଦଶହରା ଫୁଲ, ଶିବଲିଙ୍ଗି, ପାଞ୍ଚ ଆଙ୍ଗୁଳିଆ, ଗର୍ଭ ଘଟନ, ଖଣ୍ଡାଫୁଲ, ଡାଙ୍ଗଗହଣା ଭାବରେ ଜଣାଯାଏ। ଭାରତୀୟ ଉପମହାଦେଶ ଓ ଦକ୍ଷିଣପୂର୍ବ ଏସିଆର ମୂଳଜାତ ଏହି ସୁନ୍ଦର ତୃଣଜାତୀୟ ଆରୋହୀ ଉଦ୍ଭିଦ ଦକ୍ଷିଣ-କେନ୍ଦ୍ରୀୟ ଚୀନ୍ ଓ ଆଫ୍ରିକାର ଅଧିକାଂଶ ସ୍ଥାନ, ପୂର୍ବ ଅଷ୍ଟ୍ରେଲିଆ, ଆମେରିକାର ଆଲାବାମା, ସୁରିନାମ, କାରିବିଆନର କିଛି ଅଂଶ ଏବଂ ବିଭିନ୍ନ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜରେ ଦେଖିବାକୁ ମିଳେ। ଏହା ତାମିଲନାଡୁର 'ରାଜ୍ୟ ଫୁଲ'। ଏହା ଜିମ୍ବାୱେର ମଧ୍ୟ ଜାତୀୟ ଫୁଲ। ୧୯୪୭ ମସିହାରେ ରାଣୀ ଏଲିଜାବେଥ(ଦ୍ୱିତୀୟ) ରୋଡେସିଆରେ (ବର୍ତ୍ତମାନ ଜିମ୍ବାୱେ) ଯାତ୍ରା କରିବା ସମୟରେ ତାଙ୍କର ଏକବିଂଶତମ ଜନ୍ମଦିନ ପାଳନ ପାଇଁ ଏହି ଫୁଲ ଆକୃତିର ଏକ ହୀରା ବ୍ରୁଚ୍ ତାଙ୍କୁ ଉପହାର ଦିଆଯାଇଥିଲା।

ପ୍ରାୟ ୬ ମିଟର ପର୍ଯ୍ୟନ୍ତ ବଢ଼ିପାରୁଥିବା ଏହି ବୃକ୍ଷର ପତ୍ରଗୁଡ଼ିକ ଡେମ୍ଫ ବିହୀନ, ପ୍ରତ୍ୟେକ ଗଣ୍ଠିରୁ ଗୋଟିଏ ଲେଖାଏଁ ପତ୍ର ବିପରୀତ ଭାବରେ ସଜାଯାଇଥାଏ, ପତ୍ର ଅଗ୍ରରୁ ସରୁ ତାର ଭଳି ଡଙ୍କ ସୃଷ୍ଟି ହୋଇଥାଏ, ଯାହା ସାହାଯ୍ୟରେ ଏହା ଅନ୍ୟାନ୍ୟ ଗଛଲତା ଉପରେ ଆରୋହଣ କରେ। ୫ ରୁ ୭ ସେମି ପର୍ଯ୍ୟନ୍ତ ଲମ୍ବା ଛଅଟି ପାଖୁଡ଼ା ବିଶିଷ୍ଟ ଫୁଲଗୁଡ଼ିକ ପ୍ରଥମେ ସବୁଜ, ପରେ ହଳଦିଆ ଏବଂ ଶେଷରେ ଲାଲ ରଙ୍ଗର ହୋଇଥାଏ। ୬ ରୁ ୧୨ ସେମି ପର୍ଯ୍ୟନ୍ତ ଲମ୍ବ ଫଳଟି ଏକ ମାଂସଳ କ୍ୟାପସୁଲ୍, ଯେଉଁଥିରେ ଅନେକ ଲାଲ ରଙ୍ଗର ବିହନ ଥାଏ। ଗଛରେ ସେପ୍ଟେମ୍ବର - ଅକ୍ଟୋବର ମାସରେ ଫୁଲ ଫୁଟେ।

ଆୟୁର୍ବେଦରେ ଅଗ୍ନିଶିଖା ବହୁଳ ବ୍ୟବହୃତ ଔଷଧି, ଯାହା ମାଂସପେଶୀ ଯନ୍ତ୍ରଣା, ଗଣ୍ଠିବାତ, ସନ୍ଧି ପ୍ରଦାହ, କାନ ଓ ଚର୍ମ ରୋଗ, କୋଲିକ୍, ଦୀର୍ଘକାଳୀନ ଅଳସର, ପାଇଲ୍ସ, ଗନୋରିଆ, ଶ୍ୱାସରୋଗ, ଉକୁଣୀ, କୁଷ୍ଠ, ଆଘାତ, ଅର୍ଶ, କୃମି, କର୍କଟ, ନପୁଂସକତା, ଯୌନ ସଂକ୍ରମିତ ରୋଗ ଉପଶମ ପାଇଁ ବ୍ୟବହାର କରାଯାଏ। ଏହାର ରାଇଜୋମଗୁଡ଼ିକୁ ଏକ ଟନିକ୍, ସାମୟିକ-ପ୍ରତିରୋଧୀ, କୃମି-ପ୍ରତିରୋଧୀ ଏବଂ ସାପ କାମୁଡ଼ା ଏବଂ ବିଛା ଦଂଶନ ଚିକିତ୍ସା, ପ୍ରସବ ଯନ୍ତ୍ରଣାକୁ ପ୍ରୋତ୍ସାହିତ କରିବା ସହିତ ଗର୍ଭପାତ ପାଇଁ ବ୍ୟବହାର କରାଯାଏ। ଉଦ୍ଭିଦର ଔଷଧୀୟ ଗୁଣ ମୁଖ୍ୟତଃ କୋଲଚିସିନ୍ ଓ ଗ୍ଲୋରିଓସିନ୍ ଆଲକାଲଏଡ୍ ଉପସ୍ଥିତି ଯୋଗୁଁ ହୋଇଥାଏ।

ବିହନରେ କୋଲଚିସିନ୍ ବ୍ୟତୀତ ଆଇସୋପରଲୋଲିରିନ୍ ଓ ସମ୍ପର୍କିତ ଟ୍ରୋପୋଲେନ୍ ଆଲକାଲଏଡ୍, ଶୁଖିଲା ରାଇଜୋମ୍‌ରେ- ସିଟୋଷ୍ଟେରୋଲ୍, ଗ୍ଲୁକୋସାଇଡ୍, ୨-ହାଇଡ୍ରୋକ୍ସି, ୬-ମେଥୋକ୍ସି ବେଞ୍ଜୋଇକ୍ ଏସିଡ୍ ଥାଏ। ଉଦ୍ଭିଦର ପ୍ରତ୍ୟେକ ଅଂଶ ବିଷାକ୍ତ। କନ୍ଦକୁ ମିଠା ଆଳୁ କିମ୍ବା କନ୍ଦମୂଳ ଭାବି ଭୁଲ୍‌ବଶତଃ ଖାଇଲେ କିମ୍ବା ଏହା ପ୍ରତ୍ୟକ୍ଷ ପେଟକୁ ଗଲେ ମଣିଷ ଓ ପଶୁଙ୍କ ପ୍ରାଣହାନି ଘଟିପାରେ। ପାର୍ଶ୍ୱ ପ୍ରଭାବରେ ବାନ୍ତି, ପାଟି ଚାରିପାଖରେ ଝିମ୍ଝିମ୍, ଗଳାରେ ଜଳାପୋଡ଼ା, ପେଟ ଯନ୍ତ୍ରଣା ଏବଂ ରକ୍ତାକ୍ତ ଡାଇରିଆ, ଚର୍ମ ଛଡ଼ାଇ ଦେବା ଏବଂ ମହିଳାମାନଙ୍କ ଦୀର୍ଘକାଳୀନ ଯୋନି ରକ୍ତସ୍ରାବ ହୋଇପାରେ। ତେଣୁ ନାଇଜେରିଆରେ ତୀରରେ ବିଷ ଏବଂ ଭାରତରେ ସାପ ପାଇଁ ବିଷ ଦେବାରେ ଏହା ବ୍ୟବହାର କରାଯାଏ। ତେଣୁ ଆୟୁର୍ବେଦ ଶାସ୍ତ୍ର ଅନୁଯାୟୀ ଏହାର ଅନୁପାନ ବାଞ୍ଛନୀୟ।

ସାଧାରଣତଃ, ଏହି ଗଛ ଜଙ୍ଗଲରେ ପ୍ରାକୃତିକ ଭାବରେ ବଢ଼ିଥାଏ। ଔଷଧୀୟ ବ୍ୟବହାର ପାଇଁ ଏହାର ବହୁତ ଚାହିଦା ଅଛି। ତେଣୁ ଏହାକୁ ଭାରତରେ ଫାର୍ମଗୁଡ଼ିକରେ ଚାଷ କରାଯାଏ। କିନ୍ତୁ ଔଷଧ ବାଣିଜ୍ୟରେ ବିକ୍ରି ହେଉଥିବା ଅଧିକାଂଶ ଉଦ୍ଭିଦ ସାମଗ୍ରୀ ଜଙ୍ଗଲୀ ପରିସଂସ୍ଥାରୁ ଆସିଥାଏ। ଫୁଲଗୁଡ଼ିକ ଧାର୍ମିକ ରୀତିନୀତିର ଏକ ଅଂଶ। ଓଡ଼ିଶାରେ ଏହା ବିଲୁପ୍ତ ହେବାକୁ ଯାଉଛି ଏବଂ ଶ୍ରୀଲଙ୍କାରେ ଏହା ବିରଳ ହୋଇଯାଇଛି। ଅନ୍ୟପକ୍ଷରେ ଏହା ଅଷ୍ଟ୍ରେଲିଆ, ସିଙ୍ଗାପୁର ଏବଂ ଅନ୍ୟ କିଛି ଦେଶରେ ଏକ ଆକ୍ରମଣାତ୍ମକ ଜାତୀୟ ଲତା ବୋଲି କୁହାଯାଉଛି। ପ୍ରାକୃତିକ ସଂରକ୍ଷଣ ପାଇଁ ଆନ୍ତର୍ଜାତିକ ସଂଘ ଏହି ଲତାକୁ ଲାଲ୍ କିତାବରେ ସଙ୍କଟାପନ୍ନ ଉଦ୍ଭିଦ ବର୍ଗରେ ସ୍ଥାନିତ କରିଥିବା ଜଣାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## +୩ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା

# ନାମଲେଖା ପାଇଁ ୪୫,୫୦୨ ଚୟନ

- ପ୍ରଥମ ରାଉଣ୍ଡରେ ଦୂରେଇ ରହିଲେ ୪୩,୮୪୪
- ଖାଲି ପଡ଼ିବ ୫୪ ହଜାର ସିଟ୍

ଭୁବନେଶ୍ୱର,୨୨।୬(ସମିସ): ପ୍ରଥମ ପର୍ଯ୍ୟାୟ +୩ ନାମଲେଖା ପାଇଁ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା ରବିବାର ପ୍ରକାଶ ପାଇଛି। ସମୁଦାୟ ୪୫,୫୦୨ ପିଲା ନାମଲେଖା ପାଇଁ ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୨୦,୦୩୧ ଛାତ୍ର ଥିବା ବେଳେ ୨୫,୪୬୮ ଛାତ୍ରୀ ଓ ୩ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି। ବଡ଼ କଥା ହେଲା, ୪୩,୮୪୪ଜଣ ଚୟନ ହୋଇଥିଲେ ମଧ୍ୟ ନାମଲେଖା ପ୍ରକ୍ରିୟାରେ ଆଦୌ ସାମିଲ ହୋଇନାହାନ୍ତି। ଫଳରେ ଅବଶିଷ୍ଟ ପ୍ରକ୍ରିୟାରୁ ସେମାନେ ବାଦ୍ ପଡ଼ିଛନ୍ତି। ପ୍ରଥମ ରାଉଣ୍ଡରେ ୭୯,୭୫୨ଜଣ ନାମ ଲେଖାଇଥିବା ବେଳେ ୫୨,୧୨୬ ଜଣ ସ୍ଲାଇଡ୍ ଅପସନ୍ ଦେଇଛନ୍ତି। ସମୁଦାୟ ୧,୭୫,୭୨୨ ଜଣଙ୍କୁ ନାମଲେଖା ପାଇଁ ଚୟନ କରାଯାଇଥିବାରୁ ପ୍ରାୟ ୪୪ ହଜାର ସିଟ୍ ଖାଲି ପଡ଼ିବା ସୁନିଶ୍ଚିତ ହୋଇଛି। ପ୍ରାୟ ୧୦ ହଜାର ପିଲା କମ୍ ଆବେଦନ କରିଥିବାରୁ ୫୪ ହଜାର ସିଟ୍ ଖାଲି ପଡ଼ିବ।

ଏହି ରାଉଣ୍ଡରେ ଚୟନ ହୋଇଥିବା ପିଲାମାନେ ୨୫ତାରିଖ ମଧ୍ୟରେ ନାମଲେଖାଇ ପାରିବେ। ଜୁଲାଇ ୧ରେ ତୃତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବ ଓ ୪ ତାରିଖ ମଧ୍ୟରେ ନାମଲେଖା ହେବ। ଏହାପରେ ୱେଟିଂଲିଷ୍ଟ ରାଉଣ୍ଡ ପାଇଁ ଜୁଲାଇ ୭ରୁ ୧୦ତାରିଖ ମଧ୍ୟରେ ଆବେଦନ ହେବ। ୧୨ତାରିଖରେ ଇ-ସ୍ପେସ୍‌ରେ ଓ ୧୩ ତାରିଖରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନର ନୋଟିସ୍ ବୋର୍ଡରେ ମେଧା ତାଲିକା ପ୍ରକାଶ ପାଇବ। ୧୫ ତାରିଖରେ ନାମଲେଖା ହେବ। +୨ ଇନ୍‌ଷ୍ଟାଣ୍ଟ ଓ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ବାହାରିବା ପରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହେବ।

ଅପରପକ୍ଷେ, ପୂର୍ବରୁ ଦିନ ୧୧ଟାରେ ମେଧା ତାଲିକା ପ୍ରକାଶ କରିବାକୁ ବିଜ୍ଞପ୍ତିରେ ଦର୍ଶାଯାଇଥିଲେ ମଧ୍ୟ ବିଭାଗ ବିଫଳ ହୋଇଛି। ସନ୍ଧ୍ୟା ୭ଟାରେ ମେଧା ତାଲିକା ପ୍ରକାଶ ପାଇଥିବାରୁ ନାମଲେଖା ପାଇଁ ପ୍ରକ୍ରିୟା ସାମାନ୍ୟ ବିଳମ୍ବ ହୋଇଛି। ବିଳମ୍ବର କାରଣ ସମ୍ପର୍କରେ ବୈଷୟିକ କାର୍ଯ୍ୟ କରୁଥିବା ଫାର୍ମର ଜଣେ କର୍ମଚାରୀ କହିଛନ୍ତି ଯେ ପୂର୍ବ ସୂଚୀରେ ପରିବର୍ତ୍ତନ କରି ନାମଲେଖା ପାଇଁ ଦୁଇଦିନ ଅତିରିକ୍ତ ସମୟ ଦିଆଯାଇଥିଲା। ଶନିବାର ଅପରାହ୍ଣ ୩ଟାରେ ନାମଲେଖା ଅବଧି ସରିବା ପରେ ରାତିଦିନ କାମ କରିଛନ୍ତି। ଆଗକୁ ପ୍ରକ୍ରିୟା ମଝିରେ ପରିବର୍ତ୍ତନ କରାଗଲେ ବିଳମ୍ବ ହୋଇପାରେ ଏବଂ ସମ୍ପୂର୍ଣ୍ଣ ପ୍ରକ୍ରିୟା ନିର୍ଭୁଲ୍ ହେବା ନେଇ ମଧ୍ୟ ସେ ଆଶଙ୍କା ପ୍ରକାଶ କରିଛନ୍ତି।

## ବାହାରୁନି ଉଚ୍ଚଶିକ୍ଷା ବିଭାଗ ଏଚ୍‌ପିସି ପ୍ରୋସିଡିଂ

# ନୂତନ ଶିକ୍ଷାନୁଷ୍ଠାନ ଖୋଲିବାକୁ ଡିଲ୍!

ଭୁବନେଶ୍ୱର,୨୨।୬(ସମିସ): ଉଚ୍ଚଶିକ୍ଷା ବିଭାଗର ଉଚ୍ଚକ୍ଷମତା ସଂପନ୍ନ କମିଟି (ଏଚ୍‌ପିସି) ବୈଠକ ଗତ ୧୧ତାରିଖରେ ଅନୁଷ୍ଠିତ ହୋଇଛି। ନୂତନ ଉଚ୍ଚଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ହୋଇଥିବା ସମସ୍ତ ଆବେଦନ ଉପରେ ଆଲୋଚନା ହୋଇଛି। ସାଧାରଣ ପାଠ୍ୟକ୍ରମ ସହ ଏମ୍‌ବିଏ, ଏମ୍‌ସିଏ ପାଠ୍ୟକ୍ରମ ପାଇଁ ଅନୁମତି ଦେବା ସମ୍ପର୍କରେ ବିଚାରବିମର୍ଷ ହୋଇଛି। ହେଲେ ବୈଠକକୁ ୧୨ଦିନ ଅତିକ୍ରମ କରିଥିଲେ ମଧ୍ୟ ଏହାର ଚୂଡ଼ାନ୍ତ ନିଷ୍ପତ୍ତି (ପ୍ରୋସିଡିଂସ୍) ବାହାରିନାହିଁ। ଚୂଡ଼ାନ୍ତ ନିଷ୍ପତ୍ତି ନ ବାହାରିବା ପଛରେ ଯେଉଁ କାରଣଟି କୁହାଯାଉଛି, ତାହା ଅତ୍ୟନ୍ତ ସାଂଘାତିକ। ଏବେ କିଛି ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନ ନୂତନ ପାଠ୍ୟକ୍ରମ ଖୋଲିବା ପାଇଁ ଆଗ୍ରହୀ ଥିବାରୁ ଶିକ୍ଷା ବିଭାଗ ସହ ସେମାନଙ୍କର ଡ଼ିଲ୍ ଚୂଡ଼ାନ୍ତ ହୋଇ ପାରୁନାହିଁ। ଯାହା ଫଳରେ ସମସ୍ୟା ସୃଷ୍ଟି ହୋଇଛି ବୋଲି କୁହାଯାଉଛି।

ପୂର୍ବରୁ ଏଚ୍‌ପିସି ବୈଠକ ସରିବାର ଅଳ୍ପ ଦିନ ମଧ୍ୟରେ ନିଷ୍ପତ୍ତି ସମ୍ପର୍କରେ ପ୍ରୋସିଡିଂସ୍ ପ୍ରକାଶ ପାଇଥାଏ। ନୂତନ ଶିକ୍ଷାନୁଷ୍ଠାନ ପାଇଁ ହୋଇଥିବା ସମସ୍ତ ଆବେଦନକାରୀଙ୍କ ତଥ୍ୟ ସଦସ୍ୟମାନଙ୍କ ପାଖରେ ଥାଏ। ବିଭିନ୍ନ ଦିଗକୁ ଯାଞ୍ଚ କରିବା ପରେ ଅନୁମୋଦନ କିମ୍ବା ନାକଚ ସମ୍ପର୍କରେ ନିଷ୍ପତ୍ତି ହୋଇଥାଏ। ବୈଠକରେ ଅଧକ୍ଷତା କରୁଥିବା ଅଧିକାରୀଙ୍କ ଅନୁମୋଦନ ପରେ ବିଜ୍ଞପ୍ତି ପ୍ରକାଶ ପାଏ। କେବେ ପ୍ରୋସିଡିଂ ପ୍ରକାଶ କରାଯିବ ସେନେଇ ନିର୍ଦ୍ଦିଷ୍ଟ ନିୟମ ନ ଥିବାବେଳେ ଅତିବେଶୀରେ ସପ୍ତାହେ ମଧ୍ୟରେ ବାହାରିବା କଥା। ହେଲେ ଚଳିତଥର ୧୦ଦିନ ବିତିଥିଲେ ମଧ୍ୟ ପ୍ରୋସିଡିଂ ପ୍ରକାଶ ପାଇନଥିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅପରପକ୍ଷରେ ନୂତନ ଶିକ୍ଷାନୁଷ୍ଠାନ ପାଇଁ ଆବେଦନ କରିଥିବା ଜଣେ ଆବେଦନକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ସେମାନେ ନୂତନ ଶିକ୍ଷାନୁଷ୍ଠାନ ପାଇଁ ସମସ୍ତ ପ୍ରକାର ମାନଦଣ୍ଡ ପୂରଣ କରୁଛନ୍ତି। ହେଲେ ଅନୁମତି ସୁନିଶ୍ଚିତ କରିବା ପାଇଁ ୟୁନିଟ୍-୬ ଅଞ୍ଚଳରେ ରହୁଥିବା ଜଣେ ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ସାକ୍ଷାତ କରିବାକୁ କୁହାଯାଉଛି। ଉଚ୍ଚଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀଜଣକ ଆବେଦନରେ ବିଭିନ୍ନ ତ୍ରୁଟି ରହିଥିବା ଦର୍ଶାଇବା ସହ ଅନୁମତି ପାଇଁ ପରୋକ୍ଷ ଭାବେ ଅର୍ଥ ଦାବି କରୁଛନ୍ତି। ଏପରିକି ସେ ଅଗ୍ରୀମ ମଧ୍ୟ ଦେଇସାରିଛନ୍ତି। ଏଚ୍‌ପିସି ନିଷ୍ପତ୍ତିକୁ ବିଳମ୍ବ କରି ଅର୍ଥ ଆଦାୟ କରିବାକୁ ଏହା ଏକ ନୂଆ ବ୍ୟବସ୍ଥା ବୋଲି ମଧ୍ୟ ସେ ଅଭିହିତ କରିଛନ୍ତି। ଅପରପକ୍ଷରେ ଆବେଦନକାରୀଙ୍କ ଡିପିଆର୍ ସମେତ ଭିତ୍ତିଭୂମି ଯାଞ୍ଚ କରିବାକୁ ଏକ ସବ୍-କମିଟି ଗଠନ କରାଯାଇଛି। ତାଙ୍କ ରିପୋର୍ଟ ଆଧାରରେ ନିଷ୍ପତ୍ତି ନିଆଯିବ। ଏଣୁ ପ୍ରେସିଡିଂ ପ୍ରକାଶରେ ବିଳମ୍ବ ହେଉଥିବା ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି।

# ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣା: ଡିଆଇଜିଙ୍କ ତନାଘନା

ଭଦ୍ରକ, ୨୨।୬(ସମିସ): ଭଦ୍ରକ ସହରର ଚରମ୍ପାଠାରେ ହୋଇଥିବା ଗୁଳିକାଣ୍ଡ ଘଟଣା ପରେ ପୁଲିସର ତନାଘନା ଆରମ୍ଭ ହୋଇଛି। ପୂର୍ବାଞ୍ଚଳ ଡିଆଇଜି ଓ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପ୍ରକ୍ରିୟା ଯାଞ୍ଚ କରିଛନ୍ତି। ଶନିବାର ଚରମ୍ପା ଛକ ନିକଟରୁ କିଛି ଦୂରରେ ବ୍ୟବସାୟୀ ବିଦ୍ୟାଧର ପାତ୍ରଙ୍କୁ କେତେକ ଦୁର୍ବୃତ୍ତ ଦୁଇରାଉଣ୍ଡ ଗୁଳି ଚଳାଇଥିଲେ। ପରେ ସ୍ଥାନୀୟ ଲୋକେ ବିଦ୍ୟାଧରଙ୍କୁ ଗୁରୁତର ଭାବେ ପ୍ରଥମେ ଭଦ୍ରକ ମେଡିକାଲ ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ବିଦ୍ୟାଧରଙ୍କ ଦେହରୁ ଅପରେସନ ପରେ ଗୁଳି ବାହାର କରାଯାଇଛି ବୋଲି ସୂଚନା ମିଳିଛି। ତେବେ ଘଟଣା ପରେ ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ, ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କ ସହ ଅନ୍ୟ ଅଧିକାରୀମାନେ ଗୁଳିକାଣ୍ଡ ହୋଇଥିବା



ସ୍ଥାନକୁ ଯାଇ ତଦନ୍ତ କରିଛନ୍ତି। ବିଦ୍ୟାଧରଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଛନ୍ତି ଡିଆଇଜି। ଏପର୍ଯ୍ୟନ୍ତ ଗୁଳିକାଣ୍ଡର କାରଣ ଅସ୍ପଷ୍ଟ ହୋଇଥିବା ବେଳେ ସିସିଟିଭି ଯାଞ୍ଚ ସହ ବିଭିନ୍ନ ସ୍ଥାନରେ ବ୍ଲକିଂ ଓ ଚଢ଼ଉ ଚାଲିଥିବା କହିଛନ୍ତି ଡିଆଇଜି। ଘଟଣା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଖୁବ୍‌ଶୀଘ୍ର ଅପରାଧୀଙ୍କୁ ପୁଲିସ ଧରିବ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଭଦ୍ରକ ସହରର ଚରମ୍ପା ଛକ ନିକଟରେ ବ୍ୟବସାୟୀଙ୍କୁ ଗୁଳିମାଡ ହୋଇଥିଲା। ଗୁଳିମାଡର ଶିକାର ହୋଇଥିଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ବେଲାମଳା ଗ୍ରାମର ବିଦ୍ୟାଧର ପାତ୍ର। ଚରମ୍ପା ସ୍ଥିତ ନିଜ ଦୋକାନ ବନ୍ଦ କରି ଘରକୁ ଯାଉଥିବା ସମୟରେ କେତେକ ଦୁର୍ବୃତ ଆସି ଗୁଳି ଫୁଟାଇଥିଲେ। ଲୁଟ୍ ଉଦ୍ଦେଶ୍ୟରେ ବିଦ୍ୟାଧରଙ୍କୁ ଗୁଳି ମାଡ଼ କରାଯାଇଥିବା ସନ୍ଦେହ କରାଯାଉଥିଲା। ପରେ ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଦୌଡ଼ି ଆସିଥିଲେ। ଦୁର୍ବୃତ୍ତ ମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପ୍ରତ୍ୟେକ୍ଷଦର୍ଶୀଙ୍କ ଅନୁଯାୟୀ ଦୁଇ ରାଉଣ୍ଡ ଗୁଳି ଫୁଟିଥିଲା। ବାଇକରେ ଯାଉଥିବା ବିଦ୍ୟାଧର ରାସ୍ତାରେ ଟଳି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଗୁରୁତର ଭାବେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

# ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ୧୯ ଲକ୍ଷର ଚୂନ

ବାରିପଦା, ୨୨।୬ (ସମିସ): ବାରିପଦା ମଧୁବନ ଅଞ୍ଚଳର ଜଣେ ଯୁବକଙ୍କୁ ସାଇବର୍ ଠକ ୧୯ ଲକ୍ଷ ଟଙ୍କାର ଚୂନ ମାରିଛନ୍ତି। ଠକେଇର ଶିକାର ହୋଇଥିବା ଯୁବକଜଣଙ୍କ ହେଲେ, ଶିବେନ୍ଦୁ ସୁରଜିତ ଜେନା। ଏ ସଂପର୍କରେ ସେ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ୍ ଆସିଥିଲା। ଘରେ ବସି ଅନ୍‌ଲାଇନ ଜରିଆରେ କାମ କରିବାକୁ ତାଙ୍କୁ ଠକମାନେ ପ୍ରବର୍ତ୍ତାଇଥିଲେ। ଏଥିପାଇଁ ମୋଟା ଅଙ୍କର ଟଙ୍କା ମିଳିବ ବୋଲି ପ୍ରଲୋଭନ ମଧ୍ୟ ଦେଖାଇଥିଲେ। ଅଧିକ ଅର୍ଥ ଉପାର୍ଜନ ଆଶାରେ ସୁରଜିତ୍ ସେମାନଙ୍କ କଥାରେ ରାଜି ହୋଇ କାମ ଆରମ୍ଭ କରିଥିଲେ। ତାଙ୍କ ବିଶ୍ୱାସ ଜିତିବା ପାଇଁ ଠକ ପ୍ରଥମେ ପ୍ରଥମେ ତାଙ୍କୁ ଟଙ୍କା ପ୍ରଦାନ କରିଥିଲେ। ପରେ ତାଙ୍କ ରୋଜଗାର ଟଙ୍କାକୁ ଅନ୍‌ଲାଇନ୍ ଟ୍ରେଡିଂରେ ବିନିଯୋଗ କରିବାକୁ ଠକ ପ୍ରବର୍ତ୍ତାଇଥିଲେ। ଠକଙ୍କ କହିବା ମୁତାବକ ସେ ଅନ୍‌ଲାଇନ୍ ଟ୍ରେଡିଂରେ ଟଙ୍କା ବିନିଯୋଗ କରିବା ଆରମ୍ଭ କରିଥିଲେ। ବିଭିନ୍ନ ପର୍ଯ୍ୟାୟରେ ସୁରଜିତ୍ ସମୁଦାୟ ୧୯,୯୭,୦୭୩ ଟଙ୍କା ବିନିଯୋଗ କରିବା ପରେ ଠକମାନେ ଆଉ ଧରାଛୁଆଁ ଦେଇନଥିଲେ। ସୁରଜିତ୍ ବାରମ୍ବାର ଯୋଗାଯୋଗ କରିଥିଲେ ହେଁ ସଫଳ ହୋଇନଥିଲେ। ତେଣୁ ଠକେଇର ଶିକାର ହୋଇଥିବା ଜାଣିବା ପରେ ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଯୁବତୀଙ୍କ ଭିଡିଓ ଭାଇରାଲ

ବାରିପଦା,୨୨।୬(ସମିସ): ଜଣେ ଯୁବତୀଙ୍କ ଆପତ୍ତିଜନକ ଭିଡିଓ ଭାଇରାଲ କରିବାକୁ ନେଇ ଭଞ୍ଜପୁର ଥାନାରେ ଅଭିଯୋଗ ହୋଇଛି। ପରିବାରଲୋକଙ୍କ ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନହେବାରୁ ପୁନଃ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଜଣେ ଯୁବକ ତାଙ୍କ ଝିଅର ଭିଡିଓ ମୋବାଇଲରେ ଉତ୍ତୋଳନ କରି ସୋସିଆଲ ମିଡିଆରେ ଭାଇରାଲ କରିଛି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ସୁଦ୍ଧା ଅଭିଯୁକ୍ତ ଗିରଫ ହୋଇନାହିଁ। ଫଳରେ ଯୁବତୀ ଓ ତାଙ୍କ ପରିବାରକୁ ନାନାଦି ଅପବାଦ ଶୁଣିବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଯୁଦ୍ଧକୁ ଡେଇଁଲା...

ତିନିଟି ପରମାଣୁ କେନ୍ଦ୍ର ଧ୍ୱଂସ ହୋଇଥିବା ଆମେରିକା ଦାବି କରିଛି। ୧୯୭୯ରେ ଇରାନ ବିପ୍ଳବ ପରେ ପ୍ରଥମ ଥର ଲାଗି ଇରାନ ଭିତରେ ଆକ୍ରମଣ କରିଛି ଆମେରିକା। ରାଷ୍ଟ୍ରପତି ଟ୍ରମ୍ପ ଏହି ଆକ୍ରମଣ ସଫଳ ହୋଇଛି ଏବଂ ଇରାନର ପରମାଣୁ କ୍ଷମତା ଶୂନ ହୋଇଯାଇଛି ବୋଲି କହିଛନ୍ତି। ଏବେ ମଧ୍ୟପ୍ରାଚ୍ୟ ଓ ଇସ୍ରାଏଲ ବିପଦମୁକ୍ତ ବୋଲି ସେ କହିଛନ୍ତି। ଇରାନ ତୁରନ୍ତ କଥାବାର୍ତ୍ତା କରୁ, ନହେଲେ ଆହୁରି ଭୟଙ୍କର ଆକ୍ରମଣ କରାଯିବ ବୋଲି ସେ ଧମକ ଦେଇଛନ୍ତି। ଆମେରିକାର ପ୍ରତିରକ୍ଷା ସଚିବ କହିଛନ୍ତି ଯେ 'ମିଡନାଇଟ୍ ହାମର' ନାମରେ ହୋଇଥିବା ଆକ୍ରମଣରେ ୧୨୫ଟି ଲଢୁଆ ବିମାନ ମଧ୍ୟ ସାମିଲ ହୋଇଥିଲେ। ଏହାସହିତ ଆମେରିକା ନୌସେନାର ସବମେରିନରୁ ୨୪ଟି ଟୋମହକ୍ କ୍ଷେପଣାସ୍ତ୍ର ମଧ୍ୟ ମାଡ଼ କରାଯାଇଛି।

ଏହି ଆକ୍ରମଣ ନେଇ ଇରାନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ କହିଛନ୍ତି ଯେ ଇରାନ ଉପରେ ଆକ୍ରମଣ କରି ଆମେରିକା ସବୁ ସୀମା ଅତିକ୍ରମ କରିଛି। ଇରାନ ଏହାର ଦୃଢ଼ ଜବାବ ଦେବ। ଇରାନ ମଧ୍ୟ ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରିବ ବୋଲି ସେ କହିଛନ୍ତି। ଏସଂପର୍କରେ ଅଧିକ ବିଚାରବିମର୍ଶ ଲାଗି ଆଜି ସେ ମସ୍କୋ ଯାଉଛନ୍ତି। ସେଠାରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହିତ ଆଲୋଚନା କରିବେ। ଇରାନ ଉପରେ ଆମେରିକାର ଆକ୍ରମଣକୁ ଜାତିସଂଘ ମହାସଚିବ ନିନ୍ଦା କରିବା ସହିତ ତୁରନ୍ତ ଯୁଦ୍ଧ ବନ୍ଦ କରିବାକୁ ପରାମର୍ଶ ଦେଇଛନ୍ତି। ରୁଷ ଏବଂ ଚୀନ ମଧ୍ୟ ଏହାର ନିନ୍ଦା କରି କହିଛନ୍ତି ଯେ ଏହାଦ୍ୱାରା ମଧ୍ୟପ୍ରାଚ୍ୟ ସ୍ଥିତି ଆହୁରି ବିଗିଡ଼ିଯିବ। ରୁଷ ରାଷ୍ଟ୍ରପତି ପୁତିନଙ୍କ ବରିଷ୍ଠ ପରାମର୍ଶଦାତା ତଥା ପୂର୍ବତନ ରାଷ୍ଟ୍ରପତି ଡୁମିଟ୍ରି ମେଦଭେଦେଭ କହିଛନ୍ତି ଯେ ଆମେରିକାର ଆକ୍ରମଣ ସଫଳ ହୋଇନାହିଁ। ଏହା ଆମେରିକା ପାଇଁ ମହଙ୍ଗା ପଡ଼ିବ। ରୁଷ ସମେତ ଅନେକ ଦେଶ ଇରାନକୁ ପରମାଣୁ ଅସ୍ତ୍ର ଯୋଗାଇବାକୁ ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଛନ୍ତି। ଅନନ୍ୟପକ୍ଷରେ ବ୍ରିଟେନ ଓ ଇସ୍ରାଏଲ ଏହି ଆକ୍ରମଣକୁ ସମର୍ଥନ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏସଂପର୍କରେ ଇରାନ ରାଷ୍ଟ୍ରପତିଙ୍କ ସହିତ ଫୋନରେ କଥା ହୋଇଛନ୍ତି। ମଧ୍ୟପ୍ରାଚ୍ୟ ସ୍ଥିତି ନେଇ ଉଦବେଗ ପ୍ରକାଶ କରିବା ସହିତ ତୁରନ୍ତ ଉତ୍ତେଜନା ଦୂର କରିବା ସପକ୍ଷରେ ମତ ରଖିଛନ୍ତି। ଦୁଇ ନେତାଙ୍କ ମଧ୍ୟରେ ୪୫ ମିନିଟ୍ ଧରି କଥାବାର୍ତ୍ତା ହୋଇଥିଲା।

ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦେବାପାଇଁ ଅଭିଯାନ ଚଳାଇଥିବା ପାକିସ୍ତାନର ଆଜିର ଆମେରିକୀୟ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଇରାନ ଉପରେ ଆମେରିକା ଆକ୍ରମଣକୁ ନିନ୍ଦା କରି କହିଛନ୍ତି ଯେ ଏହା ମଧ୍ୟପ୍ରାଚ୍ୟରେ ଉଦବେଗଜନକ ପରିସ୍ଥିତି ସୃଷ୍ଟି କରିଛି।

ଆମେରିକା ଆକ୍ରମଣ ପରେ ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଆହୁରି ଭୟଙ୍କର ରୂପ ଧାରଣ କରିଛି। ଆମେରିକା ଆକ୍ରମଣର କିଛି ସମୟ ମଧ୍ୟରେ ଇସ୍ରାଏଲ ଉପରେ ପ୍ରଚଣ୍ଡ କ୍ଷେପଣାସ୍ତ୍ର ମାଡ଼ କରିଛି। ଇସ୍ରାଏଲର ୪ଟି ସହରକୁ ଟାର୍ଗେଟ କରି ଇରାନ ଏହାର ସବୁଠାରୁ ଶକ୍ତିଶାଳୀ କ୍ଷେପଣାସ୍ତ୍ର ମାଡ଼ କରିଛି। ଇସ୍ରାଏଲ ମଧ୍ୟ ଏହା ଯୁଦ୍ଧବିମାନ ଜରିଆରେ ଇରାନର ଅନେକ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିଥିବା କହିଛି।

### ବଢ଼ିବ ତୈଳ...

ହୋଇଯାଏ ତେବେ ତାହାର ପ୍ରଭାବ ବିଶ୍ୱ ଅର୍ଥ ବ୍ୟବସ୍ଥା ଉପରେ ପଡ଼ିବ। ମଧ୍ୟ ପ୍ରାଚ୍ୟକୁ ସାମଗ୍ରୀ ଯୋଗାଣ ପାଇଁ ଏହି ମାର୍ଗ ଗୁରୁତ୍ୱପୂର୍ଣ୍ଣ। ଏହାର ପ୍ରଭାବରେ ଭାରତରେ ମଧ୍ୟ ତୈଳ ଦର ବୃଦ୍ଧି ପାଇପାରେ। ଭାରତର ପ୍ରାୟ ୫୦ ପ୍ରତିଶତ ତୈଳ ଏବଂ ଗ୍ୟାସ ହର୍ମୁଜ ଦେଇ ଆସୁଛି।

### ଅସ୍ତ୍ରୋପଚାର ସଫଳ...

ମଧ୍ୟରେ ଅସ୍ତ୍ରୋପଚାର ଶେଷ ହୋଇଛି। ଡାକ୍ତର ରମାକାନ୍ତ ପଣ୍ଡା କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନବୀନ ପଟ୍ଟନାୟକଙ୍କ ସଫଳତା ସହ ଅପରେସନ ହୋଇଛି। ବୟସ ବଢିଲେ ସର୍ଭିକାଲ୍ ଆର୍ଥ୍ରାଇଟିସ୍ ହୁଏ। ଏଥିପାଇଁ ସେ (ନବୀନ) ଟିକିଏ କଷ୍ଟ ଅନୁଭବ କରୁଥିଲେ। ଏବେ ଚିକିତ୍ସା ପରେ ଆଉ ତାଙ୍କୁ କଷ୍ଟ ହେବ ନାହିଁ। ଦୁଇ ଘଣ୍ଟା ଅପରେସନ ହୋଇଛି ଓ ଗୋଟେ ଛୋଟ ଷ୍ଟିଚ ପଡିଛି। ୫ ରୁ ୭ ଦିନ ପରେ ଷ୍ଟିଚ ଖୋଲାଯିବ ବୋଲି ସେ କହିଛନ୍ତି। ଅପରେସନ ସମୟରେ ଏହି ସମୟରେ ନବୀନଙ୍କ ଭାଇ ପ୍ରେମ୍ ପଟ୍ଟନାୟକ ଓ ଭାଉଜ, ନବୀନଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର ମଧ୍ୟ ଉପସ୍ଥିତ ରହିଥିଲେ। ଶ୍ରୀ ମିଶ୍ର କହିଛନ୍ତି ଯେ ନବୀନ ବାବୁ ଅବଜରଭେସନରେ କେତେ ସମୟ ରହିବେ, ଡାକ୍ତରଙ୍କ ମତାମତ ଉପରେ ନିର୍ଭର କରେ। ସେ ଏବେ ଆଇସିୟୁରେ ଅଛନ୍ତି। ଅନେକ ପ୍ରତିଷ୍ଠିତ ଲୋକ ନବୀନ ପଟ୍ଟନାୟକଙ୍କୁ ଦେଖା କରିବାକୁ ଚାହୁଁଛନ୍ତି। ଅପରେସନ ପରେ ସଂକ୍ରମଣର ଭୟ ରହିଥାଏ। ତେଣୁ ଆଇସିୟୁରୁ କ୍ୟାବିନ୍‌କୁ ସ୍ଥାନାନ୍ତର ହେବା ପର୍ଯ୍ୟନ୍ତ ସମସ୍ତଙ୍କୁ ଅପେକ୍ଷା କରିବାକୁ ଆମେ ବିନମ୍ର ଭାବରେ ଅନୁରୋଧ କରିଛୁ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ଦୀର୍ଘ ବର୍ଷ ଧରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ନବୀନ ପଟ୍ଟନାୟକ ନିରଳସ ଓ ନିସ୍ୱାର୍ଥପର ଭାବରେ ରାଜ୍ୟବାସୀଙ୍କ ପାଇଁ କାର୍ଯ୍ୟ କରିଛନ୍ତି। ବିରୋଧୀଦଳ ନେତା ଭାବରେ ମଧ୍ୟ ସମର୍ପିତ ଭାବରେ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରି ଚାଲିଛନ୍ତି। ନବୀନଙ୍କ ସ୍ୱାସ୍ଥ୍ୟ ଖବର ଶୁଣି ସାରା ରାଜ୍ୟବାସୀ ତାଙ୍କର ସୁସ୍ୱାସ୍ଥ୍ୟ କାମନା କରିଛନ୍ତି। ଉପବାସ, ପୂଜାର୍ଚ୍ଚନା ସହ ଦୀପଦାନ କରି ନବୀନଙ୍କ ଶୀଘ୍ର ଆରୋଗ୍ୟ ଲାଭ ପାଇଁ ପ୍ରାର୍ଥନା କରିଛନ୍ତି। ଆଜି ତାଙ୍କର ଅସ୍ତ୍ରୋପଚାର ସଫଳ ହେବା ସୂଚନା ମିଳିବା ପରେ ରାଜ୍ୟବାସୀ ଆଶ୍ୱସ୍ତ ହୋଇଛନ୍ତି।

### ୨ ଦଳିତଙ୍କୁ...

ସୂଚନା ଅନୁଯାୟୀ, ଝିଅକୁ ଯୌତୁକ ଦେବାକୁ ଦୁହେଁ ହରିପୁରରୁ ତିନୋଟି ଗାଈ ଧରି ସିଙ୍ଗିପୁର ଯାଉଥିଲେ। ଖାରିଗୁମ୍ମାଠାରେ ତାଙ୍କୁ କିଛି ଲୋକ ଅଟକାଇବା ସହ ଗୋ-ଚାଲାଣ କରୁଥିବା କହି ଟଙ୍କା ମାଗିଥିଲେ। କିନ୍ତୁ ଦୁହେଁ ଟଙ୍କା ଦେବାକୁ ରାଜି ନ ହେବାରୁ ସେମାନେ ତାଙ୍କୁ ମାଡ଼ ମାରିବା ସହ ସେଲୁନ୍‌ରେ ଅଧାଲଣ୍ଡା କରାଇଥିଲେ। ପରେ ସେମାନଙ୍କୁ ଖାରିଗୁମ୍ମାଠାରୁ ଜାହାଡ଼ା ପର୍ଯ୍ୟନ୍ତ ପାଖାପାଖି ଦୁଇ କିଲୋମିଟର ପାଦରେ ଚଲାଇ ଚଲାଇ ନେଇଥିଲେ। ପରେ ଜାହାଡା ଗାଁ ଦାଣ୍ଡରେ ଦୁହିଁଙ୍କୁ ଆଣ୍ଠେଇ ଆଣ୍ଠେଇ ଚଲାଇଥିଲେ। ନିର୍ଯାତନା ସେତିକିରେ ସରିନଥିଲା; ପରେ ଅଭିଯୁକ୍ତମାନେ ସେମାନଙ୍କୁ ଘାସ ଖାଇବାକୁ ଦେବା ସହ ନର୍ଦ୍ଦମା ପାଣି ପିଆଇଥିଲେ। ତେବେ, ସୁଯୋଗ ପାଇ ଦୁଇଜଣ ଯାକ ସେଠାରୁ ଖସି ଆସି ଧରାକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତଙ୍କ ମୁଣ୍ଡ ଆଉ ପିଠିରେ ଆଘାତ ଲାଗିଥିବା ବେଳେ ଧରାକୋଟ ପୁଲିସ୍ ତାଙ୍କୁ ମେଡିକାଲରେ ଭର୍ତ୍ତି କରି ଘଟଣାରେ ତଦନ୍ତ କରୁଛି। ଏହି ଘଟଣାରେ ୭ ରୁ ୮ ଜଣଙ୍କ ସଂପୃକ୍ତି ଥିବା ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଗଞ୍ଜାମ ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଲାଣି। ପୁଲିସ୍‌କୁ ଅପରାଧୀଙ୍କ ଭୟ ରହୁନଥିବାରୁ ପ୍ରତିଦିନ ଏଭଳି ହୃଦୟବିଦାରକ ଘଟଣା ଘଟୁଛି। ଫଳରେ ସରକାର ଓ ପୁଲିସ ପ୍ରତି ଲୋକଙ୍କ ବିଶ୍ୱାସ ତୁଟିବାରେ ଲାଗିଛି ଓ ଜିଲ୍ଲାବାସୀ ନିଜକୁ ନିରାପଦ ମଣୁନାହାନ୍ତି।

## ଓଡ଼ିଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ନିର୍ବାଚନ

# ପ୍ରଫେସର୍ ଧର୍ମବ୍ରତ ସଭାପତି ନିର୍ବାଚିତ




ଭୁବନେଶ୍ୱର,୨୨।୬(ସମିସ): ଓଡ଼ିଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ ରେଭେନ୍ସା ବିଶ୍ୱବିଦ୍ୟାଳୟ ସେଭେନ୍ ପିଲାର୍ସ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର୍ ଧର୍ମବ୍ରତ ମହାପାତ୍ର ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ପ୍ରଫେସର୍ ମଧୁସ୍ମିତା ପତି, ବିଶ୍ୱଜିତ ପ୍ରସାଦ ଛାଟୋଇ, ଏକାମ୍ରର କରେଇଲା, ପ୍ରସନ୍ନ କୁମାର ପାତ୍ର ଓ ଈଶ୍ୱର ଚନ୍ଦ୍ର ନାୟକ ଉପ-ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ସମ୍ପାଦକ ଭାବେ ମନୋରଞ୍ଜନ ମିଶ୍ର, ଯୁଗ୍ମ ସମ୍ପାଦକ ଭାବେ ସଂଯୁକ୍ତା ପାଢ଼ୀ ଓ ପ୍ରିୟଙ୍କା ଚକ୍ରବର୍ତ୍ତୀ ଏବଂ କୋଷାଧକ୍ଷ ଭାବେ ପରେଶ କୁମାର ଲେଙ୍କା ନିର୍ବାଚିତ ହୋଇଛନ୍ତି।


ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ପ୍ରାୟ ଦୁଇଶହରୁ ଅଧିକ ଅଧାପକ/ଅଧାପିକା ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରଣ କରିବା ସହ ଉଚ୍ଚଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହାସହ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧିତ ଅଧିନିୟମ-୨୦୨୪ କାର୍ଯ୍ୟକାରୀ କରିବା, ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ୱାୟତ୍ତତା ଉପରେ ଆଲୋଚନା ହୋଇଥିଲା। ବିଶ୍ୱବିଦ୍ୟାଳୟରେ ଆରମ୍ଭ କରାଯାଇଥିବା ଶିକ୍ଷକ ପଦ ସଂଗତୀକରଣ (ସ୍କୁଲ୍ ଗଠନ)କୁ ବିରୋଧ କରିବା ସହ ତୁରନ୍ତ ବନ୍ଦ କରିବାକୁ ସଦସ୍ୟମାନେ ଦାବି କରିଛନ୍ତି।

# କମୁଛି ବନ୍ୟା; ବଢୁଛି ଦୁର୍ଦ୍ଦଶା

## ତିନି ଦିନ ପରେ ମିଳିଲା ମୁଠେ ଶୁଖିଲା ଖାଦ୍ୟ

■ ବାଲେଶ୍ୱର(ଉତ୍ତର)/ ଭୋଗରାଇ/ବାଲିଆପାଳ/ କାଳୀପଦା, ୨୨।୬ (ସମିସ): ସୁବର୍ଣ୍ଣରେଖା ନଦୀରେ ବନ୍ୟାକୁ ତିନି ଦିନ ବିତିଛି। ବିପଦ ସଂକେତ ତଳେ ଏବେ ବନ୍ୟାଜଳ ପ୍ରବାହିତ ହେଉଥିଲେ ହେଁ ଭୋଗରାଇ ଓ ବାଲିଆପାଳରେ ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି।

ଭୋଗରାଇ ବ୍ଲକ୍‌ର ୮ ଟି ପଞ୍ଚାୟତର ପ୍ରାୟ ୪୦ରୁ ଅଧିକ ଗାଁର ଲୋକେ ଏବେବି ପାଣିଘେରରେ ଅଛନ୍ତି। ତିନି ଦିନ ପରେ ଆଜି ବ୍ଲକ ପ୍ରଶାସନ ପକ୍ଷରୁ ଅଳ୍ପ କେତେକ ଗାଁରେ ଶୁଖିଲା ଖାଦ୍ୟ ଓ ପାଣି ବୋତଲ ବଣ୍ଟନ କରାଯାଇଛି। ମାତ୍ର ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳର ଆବଶ୍ୟକତା ଥିବା ବେଳେ ପ୍ରଶାସନ ଯୋଗାଇବାରେ ଫେଲ୍ ମାରିଥିବା ଅଭିଯୋଗ ହୋଇଛି। ଏବେ ବି ବ୍ଲକ୍‌ର ଖରିଦପିପଳ, ଆରୁହାବୃତ୍ତି-୧, ନାଚିନ୍ଦା, କୁସୁଡ଼ା, ଗବ ଗାଁ, ପୁଟିଣା, କୁମ୍ଭୀରଗଡ଼ି ଓ ଜୟରାମପୁର ପଞ୍ଚାୟତର



ଅନେକ ଗାଁ ବନ୍ୟା ବନ୍ୟାଜଳ ଘେରରେ ରହିଛି। ମାତ୍ର ପ୍ରଶାସନ ପକ୍ଷରୁ ସେମାନଙ୍କୁ ଏ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇନାହିଁ। ପ୍ରଶାସନ ପକ୍ଷରୁ ଭୋଗରାଇ ବ୍ଲକ୍‌ର ମାତ୍ର ୮ ଟି ଗ୍ରାମରେ ଚୁଡା ଗୁଡ଼, ପାଣି ବୋତଲ ବଣ୍ଟନ କରାଯାଇଛି। ଅପରପକ୍ଷେ, ବନ୍ୟା ପାଣି ସ୍ରୋତରେ ଗତକାଲି ଭାସି ଯାଇଥିବା କୁମ୍ଭୀରଗଡ଼ି ପଞ୍ଚାୟତର କୁହ୍ଲା ଗ୍ରାମର ନବକୃଷ୍ଣ ପିଲାଙ୍କ ପୁଅ ମହେଶ୍ୱର ପିଲାଙ୍କ ମୃତଦେହ ଆଜି ଉଦ୍ଧାର ହୋଇଛି। ସକାଳେ ସ୍ଥାନୀୟ ଲୋକେ ନଦୀରେ ଏକ ଶବ ଭାସୁଥିବା ଦେଖି ପ୍ରଶାସନକୁ ଖବର ଦେବା ପରେ ଓଡ୍ରାଫ ଟିମ ପହଁଚି ଶବକୁ ଉଦ୍ଧାର କରିଥିଲା। ଉକ୍ତ ଶବକୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

ଶନିବାର ଅପରାହ୍ଣରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ବୋଟ୍ ଯୋଗେ ବନ୍ୟା ପ୍ରପୀଡ଼ିତ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ଲୋକଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ କୁମ୍ଭୀରଗଡ଼ି ପଞ୍ଚାୟତ କୁହ୍ଲା ଗ୍ରାମର ବନ୍ୟା ପାଣିରେ ବୁଡ଼ି ପ୍ରାଣ ହରାଇଥିବା ଯୁବକଙ୍କ ଘରକୁ ଯାଇ କିଛି ଆର୍ଥିକ ସାହାଯ୍ୟ କରିଥିଲେ। ତା ଛଡ଼ା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ କିଛି ଆର୍ଥିକ ଆଣିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତୁରନ୍ତ ଭୋଗରାଇ ପ୍ରଶାସନକୁ ବନ୍ୟା ଅଞ୍ଚଳର ଲୋକମାନଙ୍କୁ ଶୁଖିଲା ଖାଦ୍ୟ ବାଣ୍ଟିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କ ସହିତ ବିଜେପି ନେତା ଆଶିଷ ପାତ୍ର, ମଣ୍ଡଳ ସଭାପତି ପରମାନନ୍ଦ ପରିଡ଼ା ତଥା ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

ସେହିପରି ବନ୍ୟାରେ ବାଲିଆପାଳ ବ୍ଲକର ୧୦ ପଞ୍ଚାୟତର ୫୦ରୁ ଅଧିକ ଗ୍ରାମ ବିଶେଷ ମାତ୍ରାରେ ପ୍ରଭାବିତ ହୋଇଛନ୍ତି। ଏବେବି ଏହି ସବୁ ଗ୍ରାମରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। କୁଦମାନସିଂ, ଆଠବାଟିଆ, ରାଉତୁରାପୁର, ତଳ ବାଲିଆପାଳ, ଶୁଙ୍ଗମୁହଁ, ପାଳଚମ୍ପେ, ବିଷ୍ଣୁପୁର, ଇକଡପାଳ, ଚୌଧୁରିକୁଦ, କୁହ୍ଲାଚଡ, ବଡତାଳପଦା, ନଖପାଳ ପ୍ରଭୃତି ଗ୍ରାମ ସଂପୂର୍ଣ୍ଣ ରୂପେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ବନ୍ୟା ଯୋଗୁଁ ୨ଦିନ ହେଲା ଗ୍ରାମର ଅନେକ ଲୋକଙ୍କ ଘରେ ଚୁଲି ଜଳି ନଥିବା ବେଳେ ସେମାନେ ଭୋକ ଉପବାସରେ ଦିନ ବିତାଉଛନ୍ତି। ପିଇବା ପାଣି ପାଇଁ ଲୋକେ ସବୁଠାରୁ ଅଧିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ନଳକୂପଗୁଡ଼ିକ ପାଣିରେ ବୁଡ଼ି ରହିଥିବାରୁ ଲୋକେ ଦୂଷିତ ପାଣି ପିଇବାକୁ ବାଧ ହେଉଛନ୍ତି। ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଲୋକମାନେ ଟ୍ୟାଙ୍କର ପାଖକୁ ପାଣି ନେବା ପାଇଁ ଅଣ୍ଟେ ପେଟେ ପାଣିରେ ପଶି ରାସ୍ତା ଉପରକୁ ଆସିବାକୁ ପଡୁଛି। ଏହା ପର୍ଯ୍ୟାପ୍ତ ନୁହଁ ବୋଲି ବହୁ ବିପନ୍ନ ଅଭିଯୋଗ କରିଛନ୍ତି। ସେହିପରି ବନ୍ୟା ଯୋଗୁଁ ଗୃହପାଳିତ ପଶୁ ଘରୁ ପଦାକୁ ବାହାରି ନପାରି ଭୋକିଲା ଅଛନ୍ତି। ବନ୍ୟା ପାଣି ସମ୍ପୂର୍ଣ୍ଣ ଛାଡ଼ିବାକୁ ଆହୁରି ଦିନେ ଦୁଇଦିନ ଲାଗିବ। ତେବେ ପ୍ରଶାସନ ପକ୍ଷରୁ ଲୋକମାନଙ୍କ ପାଖରେ ରିଲିଫ ପହଂଚାଇ ନପାରିବା ପ୍ରଶାସନର ଅପାରଗତାକୁ ପଦାରେ ପକାଇଛି।

ବନ୍ୟା ପରେ ଗ୍ରାମବାସୀମାନେ ଝାଡାବାନ୍ତି ରେ ଆକ୍ରାନ୍ତ ହେବାର ସମ୍ଭାବନା ଅଧିକ ଥିବାରୁ ପ୍ରସାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ନଳକୂପ ଏବଂ ଗ୍ରାମ ଗୁଡିକ ବିଶୋଧନ ପାଇଁ ଦାବି ହୋଇଛି। ସେହିପରି ଶହଶହ ଏକର ଜମିରେ ହୋଇଥିବା ପରିବା ଚାଷ ପାଣିରେ ବୁଡି ରହି ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଛି। ବାଲେଶ୍ୱର ଉପଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ତହସିଲଦାର ଜ୍ୟୋତ୍ସ୍ନାରାଣି ନାୟକ ବିଭିନ୍ନ ବନ୍ୟାଂଚଳ ବୁଲି ସ୍ଥିତି ଉପରେ ନଜର ରଖିଛନ୍ତି। ପ୍ରଶାସନ ପକ୍ଷରୁ ୬ଟି ପଞ୍ଚାୟତର ୧୮ ହଜାର ଲୋକଙ୍କ ପାଇଁ ୯୫ କୁଇଣ୍ଟାଲ ଚୁଡା ୧୦ କୁଇଣ୍ଟାଲ ଗୁଡ ଏବଂ ପାଣି ବୋତଲ ଯୋଗାଇ ଦିଆଯାଇଥିବା ବାଲିଆପାଳ ବ୍ଲକ ବନ୍ୟା ଦାୟିତ୍ୱରେ ଥିବା ବାଲେଶ୍ୱର ଉପଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ କହିଛନ୍ତି। ସେହିପରି ବିଭିନ୍ନ ସ୍ଥାନରେ ୬ଟି ପାଓାର ବୋଟ ନିୟୋଜିତ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୬ଟି ଟିମ କରାଯାଇ ବିଭିନ୍ନ ଅଂଚଳରେ ସ୍ୱାସ୍ଥ୍ୟସେବା ତଦାରଖ କରାଯାଉଥିବା ଉପଜିଲ୍ଲାପାଳ ଡ. ସାମନ୍ତରାୟ କହିଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷତିଗ୍ରସ୍ତ ଗ୍ରାମ ଗୁଡିକର ସ୍ଥିତି ଅନୁଧ୍ୟାନ କରି ଲୋକଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
GADHWAL GROUP
Mob.: 9437015112

**AFFIDAVIT**

By virtue of an Affidavit No. 596 Dt: 12.06.2025 sworn before the Executive Magistrate, Lephripara, I Manash Ranjan Sahoo, S/o- Nityananda Sahoo R/o At/P.O./P.S.- Lephripara, Dist- Sundargarh - 770012 declare that my minor daughter SRUSTI KUMARI SAHOO changed her name to SONAKSHI SAHOO. Henceforth, she will be known as SONAKSHI SAHOO for all purposes.

**NOTICE**
(above 18 years of age)

By virtue of an affidavit sworn before Notary Public, Udala, Mayurbhanj, dated 21st June, 2025 I, Narayan Tudu, Address At- Badaolia, PO- Bholagadia, PS- Khunta, Dist- Mayurbhanj, PIN- 757104 declare that I have changed my name from Narayan Majhi to Narayan Tudu. Henceforth, I shall be known as Narayan Tudu for all purposes.
Narayan Tudu

**NOTICE**

ମୁଁ ଶ୍ରୀ ଜକଡା ଟୁଡୁ ବୟସ ୪୮ ବର୍ଷ, ପିତା- ସ୍ୱର୍ଗତ ସବନ ଟୁଡୁ, ସା- ଉଦଳା ୱାର୍ଡ ନଂ.-୧୨, ଜ୍ୟୋତି ନଗର, ପୋ.ଅ./ଥା- ଉଦଳା, ଜି- ମୟୂରଭଞ୍ଜ । ଏତଦ୍ୱାରା ଘୋଷଣା କରୁଅଛି କି, ମୋର ଝିଅ କୁମାରୀ ଟି. କୌଶଲ୍ୟା କୁମାରୀଙ୍କ ପ୍ରକୃତ ଜନ୍ମ ତାରିଖ ୦୨.୦୮.୨୦୦୮ ଅଟେ । ଯାହାକି ତା'ର ବୋର୍ଡ ସାର୍ଟିଫିକେଟ୍ (BSE) ରେଜିଷ୍ଟ୍ରେସନ ନଂ. B123/17249/0031 ଲେଖାଅଛି । ମାତ୍ର ତା'ର ଆଧାର ନ.- 680347351865 ରେ ଭୁଲ କ୍ରମେ ତା. ୦୮.୦୨.୨୦୦୮ ଲେଖାଅଛି । ଏଥିପାଇଁ ଆମେ ଶ୍ରୀଯୁକ୍ତ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ କପ୍ତିପଦା, ଉଦଳାଙ୍କ ଠାରେ ନଂ. 3833/21.6.25ମୂର ମୂଳେ ସତ୍ୟପାଠ କରିଅଛୁ ।
ଜକଡା ଟୁଡୁ

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

CONTACT : 6371093914

■ ମହିଳାଙ୍କୁ ଯୌତୁକ ନିର୍ଯାତନା

## ୪ ବର୍ଷର ପୁଅକୁ ମାଆଠାରୁ ଅଲଗା କଲା ପରିବାର

ଗୋପ,୨୨।୬(ସମିସ): ଗୋପ ଥାନା ଅଧୀନ ବେଦପୁର ପଞ୍ଚାୟତସ୍ଥିତ ବେଦପୁର ଗ୍ରାମରେ ଜନୈକା ମହିଳାଙ୍କୁ ଯୌତୁକ ନିର୍ଯାତନା ଦିଆଯାଉଥିବା ନେଇ ଥାନାରେ ଅଭିଯୋଗ ହେଉଥିବାବେଳେ ମହିଳାଙ୍କଠାରୁ ୪ ବର୍ଷର ଶିଶୁ ପୁତ୍ରକୁ ଛଡ଼ାଇ ରଖିଥିବା ଗୁରୁତର ଅଭିଯୋଗ ଗୋପ ଥାନାରେ ହୋଇଛି। ଏହି ଘଟଣାକୁ ନେଇ ଗୋପ ପୁଲିସ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଗୋପ ଥାନା ଅଧୀନ ଗଣେଶ୍ୱରପୁର ପଞ୍ଚାୟତସ୍ଥିତ ଗଳଦରୀ ଗ୍ରାମର ଶ୍ରାବଣୀ ପାଢ଼ୀ ଏହି ଥାନା ଅଧୀନ ବେଦପୁର ପଞ୍ଚାୟତ କୈଳାସ ଚନ୍ଦ୍ର ପାଢ଼ୀଙ୍କ ପୁଅ ଦେବୀପ୍ରସାଦ ପାଢ଼ୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରେ ଦେବୀପ୍ରସାଦଙ୍କର ଅନ୍ୟ ମହିଳାଙ୍କ ସହିତ ସମ୍ପର୍କ ଥିବା ଓ ସେ କୋଲକାତାରେ ରହୁଥିବା ଶ୍ରାବଣୀ ଅଭିଯୋଗ କରିଥିବାବେଳେ ଗତ ୨୦ ତାରିଖରେ ଶାଶୂ ଗୀତାଞ୍ଜଳି ପାଢ଼ୀ ଓ ଶଶୁର କୈଳାସ ଚନ୍ଦ୍ର ପାଢ଼ୀ ପ୍ରମୁଖ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ମାଡ଼ମାରିବା ସହ ବାପ ଘରୁ ୨ ଲକ୍ଷ ଟଙ୍କା ଆଣିବାକୁ ଧମକ ଦେଇଥିଲେ। ପରେ ବିବାହିତ ନଣନ୍ଦ ଭାରତୀ ମହାପାତ୍ର ଟେଲିଫୋନ୍ ମାଧ୍ୟମରେ ଗାଳିଗୁଲଜ ମଧ୍ୟ କରିଥିଲେ। ଶ୍ରାବଣୀ ବାପ ଘରକୁ ଆସିବା ସମୟରେ ତାଙ୍କଠାରୁ ୪ ବର୍ଷର ପୁଅକୁ ଶାଶୂ-ଶଶୁର ଛଡ଼ାଇ ରଖିଥିବା ଗୋପ ଥାନାରେ ଅଭିଯୋଗ ହୋଇଥିବାବେଳେ ଗୋପ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ଅଦ୍ୟାବଧି ଶିଶୁପୁତ୍ର ତା' ମାଆ ନିକଟରେ ପହଞ୍ଚି ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିଆରୀଙ୍କୁ ପଚାରିବାରେ ତଦନ୍ତ ଜାରି ରହିଛି। ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ଧର୍ମପତ୍ନୀଙ୍କ ସହିତ ଅଲାରନାଥଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ



ବ୍ରହ୍ମଗିରି,୨୨।୬(ସମିସ): ବ୍ରହ୍ମଗିରି ଅଲାରନାଥଙ୍କ ପୀଠରେ ଧର୍ମପତ୍ନୀଙ୍କୁ ନେଇ ଅନବସର ଦର୍ଶନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଅନବସର ସମୟରେ ଅଲାରନାଥଙ୍କ ଦର୍ଶନ କରିଛନ୍ତି ଶ୍ରୀ ମାଝୀ। ପୁରୀରେ ରଥଯାତ୍ରାର ସମୀକ୍ଷା ବୈଠକରେ ଯୋଗଦେଇ ସେଠାରୁ ଅପରାହ୍ନ ୩ଟା ସମୟରେ ବାହାରି ଅପରାହ୍ନ ୪ଟାରେ ବ୍ରହ୍ମଗିରି ଅଲାରନାଥଙ୍କ ପୀଠରେ ପହଞ୍ଚିଥିଲେ। ସେଠାରେ ଶ୍ରଦ୍ଧାଳୁ ଓ କର୍ମୀମାନଙ୍କ ହରିବୋଲ ହୁଳହୁଳିରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରି ଅଲାରନାଥଙ୍କ ଅନବସର ଦର୍ଶନ କରିଥିଲେ। ପରେ ମନ୍ଦିର ପରିସରରେ ଥିବା ମା' ଲକ୍ଷ୍ମୀଙ୍କୁ ଦର୍ଶନ କରି ଚୈତନ୍ୟଙ୍କ ଭାବର ଶିଳାକୁ ଦର୍ଶନ କରିଥିଲେ। ସିଂହଦ୍ୱାର ସମ୍ମୁଖରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଖଣ୍ଡୁଆ, ଉତ୍ତରୀୟ, ଫୁଲତୋଡ଼ା ଓ ଅଲାରନାଥଙ୍କ ଫଟୋ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସିଂହଦ୍ୱାର ସମ୍ମୁଖରେ ଭାରତୀୟ ଜନତା ପାର୍ଟିର କର୍ମୀ ପୁଷ୍ପମାଲ୍ୟ ଦେଇ ସମ୍ମାନିତ କରିଥିଲେ। ପରେ ପୀଠରୁ ମୁଖ୍ୟମନ୍ତ୍ରୀ କାର୍କେଡ୍ ଯୋଗେ ବିଦାୟ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟିକା ଉପାସନା ମହାପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ରାଜ୍ୟ ବିଜେପି ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ଉପସ୍ଥିତ ଥିଲେ। ସେପଟେ ରବିବାର ଥିବାରୁ ଆଜି ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଖରା ଗୁଳୁଗୁଳିରେ ଲମ୍ବା ଧାଡ଼ିରେ ଘଣ୍ଟା ଘଣ୍ଟା ଧରି ଠିଆ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଆସିବେ ବୋଲି ଭକ୍ତମାନେ ଡହଡହ ଖରାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରାତି ପ୍ରାୟ ୧୦ଟା ପର୍ଯ୍ୟନ୍ତ ଧାଡ଼ିରେ ଆସି ଦର୍ଶନ କରିଥିଲେ।

## ଡାକ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କୁଣ୍ଢେଇ,୨୨।୬(ସମିସ): କାକଟପୁର ଉପଡାକଘର ପରିସରରେ ରବିବାର କାହାଳ ଶାଖା ପୋଷ୍ଟ ଅଫିସର ଏବିପିଏମ୍ ଅବଦୁତ ମଲ୍ଲିକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କାକଟପୁର ଉପଡାକଘର ପୋଷ୍ଟ ମାଷ୍ଟର ଅରୁଣ କୁମାର କାଣ୍ତିଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ନିମାପଡ଼ା ସବ୍‌ଡିଭିଜନର ଇନ୍ସପେକ୍ଟର ରମାକାନ୍ତ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କାକଟପୁର ଉପଡାକଘର ଅଧୀନରେ ଥିବା ୭ଟି ଗ୍ରାମୀଣ ଡାକଘର ଡାକସେବକ କର୍ମଚାରୀ ଓ କାକଟପୁର ଉପଡାକଘରେ କାର୍ଯ୍ୟରତ କର୍ମଚାରୀ ପୋଷ୍ଟାଲ ଆସିଷ୍ଟାଣ୍ଟ ସୁବାସ ଚନ୍ଦ୍ର ବାରିକ, ମାନସ ବେହେରା, ପୋଷ୍ଟ ମ୍ୟାନ୍ ପ୍ରମୋଦ କୁମାର ଓଝା, ପ୍ୟାକର ଦେବଶ୍ରୀ ଦାସ (ଲୁସି), ଏସ୍.କେ.ଗଫାର, ତରୁଣକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଶ୍ରୀ ମଲ୍ଲିକଙ୍କ ଦୀର୍ଘ ୩୬ ବର୍ଷର ନିଷ୍ଠାପର କାର୍ଯ୍ୟକୁ ଉପସ୍ଥିତ ବ୍ୟକ୍ତିବିଶେଷ ପ୍ରଶଂସା କରିଥିଲେ।

# ନବୀନଙ୍କ ଆଶୁ ଆରୋଗ୍ୟ କାମନା ଓ ଦୀପଦାନ



ଚାରିଛକ,୨୨।୬(ସମିସ)

ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ବନ୍ଦେଶ୍ୱରଙ୍କ ପୀଠରେ ପଞ୍ଚାୟତର ବିଜେଡି କର୍ମୀମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ସମୂହ ଦୀପଦାନ କରିଛନ୍ତି। ତୁଳସୀପୁର ପଞ୍ଚାୟତ ବିଜେଡି ସଭାପତି ଅନିରୁଦ୍ଧ ତ୍ରିପାଠୀଙ୍କ ନେତୃତ୍ୱରେ ହଜାର ହଜାର କର୍ମୀ ତୁଳସୀପୁର ପଞ୍ଚାୟତ ବନ୍ଦେଶ୍ୱରସ୍ଥିତ ମହାଦେବଙ୍କ ମନ୍ଦିର ନିକଟରେ ପହଞ୍ଚି ଶ୍ରୀ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ସମୂହ ଦୀପଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ନାୟକ, ବରିଷ୍ଠ କର୍ମୀ ଚକ୍ରଧର ସାହୁ, ନିରଞ୍ଜନ ତ୍ରିପାଠୀ, ପ୍ରକାଶ ତ୍ରିପାଠୀ, ପଦ୍ମନାଭ ବାରିକ, ନୃସିଂହ ତ୍ରିପାଠୀ, ସନ୍ତୋଷ ଦାଶ, ଲକ୍ଷ୍ମୀଧର ଦାସ, ନୃସିଂହ ଓଝା, କୈଳାସ ବେହେରାଙ୍କ ସମେତ ହଜାର ହଜାର କର୍ମୀ ଦୀପଦାନ କରିଥିଲେ।

### ଗମ୍ଭାରୀପଦା

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆରୋଗ୍ୟ କାମନା କରି କାକଟପୁର ବ୍ଲକ୍ ବିଜେଡି ସଭାପତି ପ୍ରାଣନାଥ ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ସାଧାରଣ ଜନତା ଦୀପଦାନ କରିଛନ୍ତି। ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଅଶୋକ କୁମାର ଦଳାଇ, ବର୍ତ୍ତମାନର




ଜିଲ୍ଲା ପରିଷଦ ସଭ୍ୟା, କାକଟପୁର ସରପଞ୍ଚ ଅଭୟ କୁମାର ସେଠୀ, ଲତାହରଣ ସରପଞ୍ଚଙ୍କ ସମେତ ବହୁସଂଖ୍ୟକ ସରପଞ୍ଚ, ମାନସ ଦୀକ୍ଷିତ, ହିମାଂଶୁ ଭୂଷଣ ଦୀକ୍ଷିତ, ଦିପୁ ଶତପଥି, ବିଶ୍ୱଜିତ୍ ଦାଶ, ଜ୍ଞାନରଞ୍ଜନ ସାହୁ ପ୍ରମୁଖଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ।



### ସାକ୍ଷୀଗୋପାଳ

ସତ୍ୟବାଦୀ ବ୍ଲକ୍ ବିଜୁ ଜନତା ଦଳ ତରଫରୁ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ରବିବାର ସନ୍ଧ୍ୟାରେ ଦୀପଦାନ କରାଯାଇଛି। ବିଜୁ ଜନତା ଦଳ ପୁରୀ ଜିଲ୍ଲା ସଭାପତି ତଥା ସତ୍ୟବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ନେତୃତ୍ୱରେ ଦଳୀୟ ନେତା, କର୍ମକର୍ତ୍ତା, ସରପଞ୍ଚ, ସମିତିସଭ୍ୟ, ସମିତିସଭ୍ୟା, ବିଜେଡି ଯୁବ ଓ ଛାତ୍ର ସାକ୍ଷୀଗୋପାଳ ଠାକୁର, ମା' ରାଧାରାଣୀ, ପ୍ରଭୁ ଜଗନ୍ନାଥ, ମା' ଦକ୍ଷିଣକାଳୀଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ସତ୍ୟବାଦୀ ବ୍ଲକ୍ ବିଜେଡି ସଭାପତି ପ୍ରମୋଦ କୁମାର ରାଉତରାୟ, ଜିଲ୍ଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ, ବ୍ଲକ୍ ଯୁବ ସଭାପତି ଶରତ ରାଉତରାୟ, ମହିଳା ସଭାପତି ହରପ୍ରିୟା ବେହେରା, ସରପଞ୍ଚ ଗାୟତ୍ରୀ ମହାପାତ୍ର, ଦୁଃଶାସନ ବେହେରାଙ୍କ ସହିତ ଦଳର ପ୍ରମୁଖ କାର୍ମକର୍ତ୍ତାଙ୍କ ମଧ୍ୟରେ ଦେବ ମହାପାତ୍ର, ସୋମନାଥ ମୁଦୁଲି, ବାଉରୀବନ୍ଧୁ ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ପ୍ରକାଶ ଖଟେଇ, ବିଜୟ ମହାପାତ୍ର, ବିଜୟ ନନ୍ଦ, ମିଡିଆ ସେଲ୍ ତୁଷାରକାନ୍ତ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଗୋପ

ପୁରୀ ଜିଲ୍ଲା ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋପ ବ୍ଲକ୍ ବିଜେଡି ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା ପାଇଁ ସମୂହ ଦୀପଦାନ କରାଯାଇଛି। ଗୋପ ବ୍ଲକ୍ ଆଖଣ୍ଡଳେଶ୍ୱର ମନ୍ଦିରଠାରେ ନିରଞ୍ଜନ ମହାପାତ୍ର, ଗୋପ ବ୍ଲକ୍ ଅଧ୍ୟକ୍ଷା ଝୁନୁ ମଲ୍ଲିକ ଓ କୁନା ଦାସଙ୍କ ନେତୃତ୍ୱରେ ଶତାଧିକ ପୁରୁଷ ଓ ମହିଳା ଯୋଗଦେଇଥିଲେ।




## ସାଇକଲ୍‌କୁ ନେଇ ଦୁଇ ପରିବାର ଗଣ୍ଡଗୋଳ

ଗୋପ,୨୨।୬(ସମିସ): ଗୋପ ଥାନା ଅଧୀନ ବନ୍ତଳୀ ଗ୍ରାମ ପଞ୍ଚାୟତ ସୁଜାନଗର ଗ୍ରାମରେ ଛୋଟ ପିଲା ସାଇକଲ୍ ଚଳାଇବାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିବାବେଳେ ଥାନାରେ ପୃଥକ୍ ପୃଥକ୍ ଭାବେ ଦୁଇଟି ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ସୁଜାନଗର ବାତ୍ୟା ଆଶ୍ରୟସ୍ଥଳୀ ନିକଟରେ କାଳନ୍ଦୀ ବେହେରାଙ୍କ ୪ ବର୍ଷର ଝିଅ ସାଇକଲ୍ ଚଳାଉଥିବାବେଳେ ସେହି ଗ୍ରାମର ସସ୍ମିତା ନାୟକଙ୍କ ପୁଅ କାନ୍ଦିବାକୁ ଲାଗିଥିଲା। ପରେ ସସ୍ମିତା ଏଠାରେ ସାଇକଲ ଚଲାଅ ନାହିଁ କହିବାରେ କାଳନ୍ଦୀ ଉତ୍‌କ୍ଷିପ୍ତ ହୋଇ ସସ୍ମିତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ସସ୍ମିତା ଗୋପ ଥାନାର ଦ୍ୱାରସ୍ଥ ହୋଇଥିବାବେଳେ କାଳନ୍ଦୀ ମଧ୍ୟ ସସ୍ମିତା ଓ ତାଙ୍କ ସ୍ୱାମୀ ତପନ ତାଙ୍କୁ ଗାଳିଗୁଲଜ କରିଥିବା ନେଇ ଗୋପ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଏ ନେଇ ଗୋପ ପୁଲିସ୍ ପୃଥକ୍ ପୃଥକ୍ ଦୁଇଟି ମାମଲା ରୁଜୁ କରିଥିବା ଜଣାପଡ଼ିଛି।

## ମାଧବରୁ ପୁରୀ 'ଆମ ବସ୍' ଚଳାଚଳ ଦାବିରେ ବିକ୍ଷୋଭ




ଚାରିଛକ,୨୨।୬(ସମିସ): ପୁରୀରୁ-ନିଆଳୀ ମାଧବକୁ ଯଥାଶୀଘ୍ର ଆମ ବସ୍ ଚଳାଚଳ କରିବାକୁ ଶ୍ରୀଶ୍ରୀ ମାଧବାନନ୍ଦଜୀଉ ବିକାଶ ପରିଷଦ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତବାଦ ସଭା କରାଯାଇଛି। ଚାରିଛକ ନିକଟସ୍ଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାମୁଘର ମାଧବାନନ୍ଦଜୀଉଙ୍କ ପୀଠରୁ ପୁରୀକୁ ୩ଟି ଆମ ବସ୍ ସ୍ନାନ ପୂର୍ଣ୍ଣିମାଠାରୁ ଚଳାଚଳ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଥିଲା। ଏ ନେଇ ବିଭାଗ ପକ୍ଷରୁ ଏକ ପ୍ରତିନିଧି ଦଳ ମାଧବ ଆସି ସମସ୍ତ ଭିତ୍ତିଭୂମି ଓ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି। ଶ୍ରୀଜଗନ୍ନାଥଙ୍କ ମାମୁଘର ଭାବେ ବିଧିତ ନିଆଳୀ ମାଧବ ପୀଠକୁ ପୁରୀରୁ ଆମ ବସ୍ ଚଳାଚଳ ନେଇ ଖବର ପ୍ରକାଶ ପରେ ମାଧବାନନ୍ଦଜୀଉ ବିକାଶ ପରିଷଦ ସମେତ ସାରା ଅଞ୍ଚଳବାସୀ ଖୁସି ପ୍ରକଟ କରିଥିଲେ। ଏହି ବସ୍ ଛଇତନା ଗୋପ ଦେଇ ୭୨ନଂ ବସ୍ ଚଳାଚଳ କରିବା ଦ୍ୱାରା ଦୁଇ ପ୍ରାଚୀନ ପୀଠ ମଧ୍ୟରେ ଆଧ୍ୟାତ୍ମିକ ସମ୍ପର୍କକୁ ଅଧିକ ନିବିଡ଼ କରିବ। ଶ୍ରୀକ୍ଷେତ୍ରରୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକମାନେ ମହାପ୍ରଭୁଙ୍କ ଦର୍ଶନ ସହ ମଉଳା ଘର ମାଧବାନନ୍ଦଜୀଉଙ୍କୁ ଦର୍ଶନ କରିପାରିବେ। ମାତ୍ର କିଛି ଘରୋଇ ମାଲିକଙ୍କ ଅଭିଯୋଗ କ୍ରମେ ଆମ ବସ୍ ଚଳାଚଳରେ ବିଳମ୍ବ ଘଟୁଛି। ଏ ନେଇ ରବିବାର ସ୍ଥାନୀୟ ସରପଞ୍ଚ ବାବୁରାମ ମଲ୍ଲିକଙ୍କ ନେତୃତ୍ୱରେ ମାଧବାନନ୍ଦଜୀଉ ବିକାଶ ପରିଷଦର ସଦସ୍ୟମାନେ ଚାରିଛକ-ନିଆଳୀ ରାସ୍ତାର ଚନ୍ଦ୍ରମଉଳି ଛକ ନିକଟରେ ପହଞ୍ଚି ବସ୍ ଚଳାଚଳ କରିବାକୁ ଦାବି କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯଦି ୭ ଦିନ ମଧ୍ୟରେ ପୁରୀରୁ-ମାଧବ ପର୍ଯ୍ୟନ୍ତ ଆମ ବସ୍ ଚଳାଚଳ ନ କରେ ତେବେ ମୁଖ୍ୟ ରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଶ୍ରୀଶ୍ରୀ ମାଧବାନନ୍ଦଜୀଉ ବିକାଶ ପରିଷଦ ପକ୍ଷରୁ କ୍ୟାପିଟାଲ ରିଲିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ(କ୍ରୁଟ୍) ଅଧିକାରୀ, ପୁରୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ପୁରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପ୍ରତିବାଦ ସଭାରେ ମାଧବ ମନ୍ଦିର ହେଡିଟାରୀ ଟ୍ରଷ୍ଟି ପ୍ରଶାନ୍ତ ଦେବ ଗୋସ୍ୱାମୀ, ବିକାଶ ପରିଷଦର ସଦସ୍ୟ ଭାସ୍କର ପୁଷ୍ପାଳକ, ଅଶିତ ପୁଷ୍ପାଳକ, ଗୌରାଙ୍ଗ ବାରିକ, ଅମରେନ୍ଦ୍ର ସାହୁ, ସୁକାନ୍ତ କୁମାର ସାହୁ, ନକୁଳ ମହାରଣା, ପ୍ରମୋଦ ବିଶ୍ୱାଳ, ସତ୍ୟରଞ୍ଜନ ଦାଶଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

## କାକଟପୁର କେନାଲ ପୋଲ | ଅଭିଯୋଗ ସତ୍ତ୍ୱେ ହେଉନି ମରାମତି

କୁଣ୍ଢେଇ,୨୨।୬(ସମିସ)



କାକଟପୁର ଜଳସେଚନ ବିଭାଗ ସବ୍‌ଡିଭିଜନ ଅଧୀନସ୍ଥ ଅସ୍ତରଙ୍ଗ କେନାଲ ସେକ୍ସନର ଧୁରୁଜଙ୍ଗ ଗାଁ ମୁଣ୍ଡରୁ ବାରମାଣିଆ ଧାନ ଗହୀରକୁ ଯିବା ପାଇଁ କେନାଲ ଉପରେ ୪୦ ବର୍ଷ ପୁରୁଣା ପୋଲ ଏବେ ଭୁଶୁଡ଼ିବା ଅବସ୍ଥାରେ ରହିଛି। ସେ ସମୟରେ ମାଙ୍କଡ଼ା ପଥରର ଖୁଣ୍ଟ ଉପରେ ନିର୍ମିତ ହୋଇଥିବା ଏହି ପୋଲ ଏବଂ ଏହା ଉପରେ ନିର୍ମିତ ଦେଢ଼ ଫୁଟିଆ ସୁରକ୍ଷା ବାଡ଼ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଭାଙ୍ଗିରୁଜି ଯାଇଥିବାବେଳେ ପୋଲର ଉପର ଅଂଶରୁ ସିମେଣ୍ଟ ଗୋଡ଼ି ଖପରା ପରି ଉଠିଯିବାରୁ ଛଡ଼ ସବୁ ବାହାରକୁ ଦେଖାଯାଉଛି। ଏହି ଛଡ଼ ପାଣିରେ ନଷ୍ଟ ହେବାରେ ଲାଗିଛି। ପଥର ଖୁଣ୍ଟ ବି ଦୁର୍ବଳ ହେଲାଣି। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅନେକ ଥର ଅଭିଯୋଗ କଲେଣି। କିନ୍ତୁ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଧୂର୍ଜଙ୍ଗ ଗ୍ରାମର ମାଧବ ଚନ୍ଦ୍ର ମଲ୍ଲିକ, ଚାରୁ ଚନ୍ଦ୍ର ପରିଡ଼ା, ବିଦ୍ୟାଧର ମଲ୍ଲିକ, ସଚ୍ଚିକାନ୍ତ ସାହୁ, ପ୍ରଫୁଲ୍ଲ ସାହୁ, ବିଜୟ ବିଶ୍ୱାଳ, ହୁଲ୍ଲାସ ସେଠୀ, ବୁଦ୍ଧେଶ୍ୱର ସେଠୀ, ଗୋପାଳ ନାୟକ, ଦିଲ୍ଲୀପ ସେଠୀଙ୍କ ସମେତ ନିକଟସ୍ଥ ୮ଟି ଗ୍ରାମର ଜନସାଧାରଣଙ୍କ ସମେତ ବହୁ ଚାଷୀ ଅଭିଯୋଗ କରିଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ, କାକଟପୁର ଜଳସେଚନ ବିଭାଗ ସବ୍‌ଡିଭିଜନ ଅଧୀନରେ ଥିବା ଅଧିକାଂଶ କେନାଲରେ ଅନାବଶ୍ୟକ ସ୍ଥଳେ ନେତା ଓ କର୍ମୀଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ବିଭାଗୀୟ ଯନ୍ତ୍ରୀମାନେ ଏକାଧିକ କେନାଲରେ ପୋଲ ନିର୍ମାଣ କରୁଛନ୍ତି। କିନ୍ତୁ ଧୁରୁଜଙ୍ଗ ଗ୍ରାମବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ଏହି ପୋଲ ନିର୍ମାଣ କି ମରାମତି ହେଉ ନ ଥିବାରୁ ଏନେଇ ପୁରୀ ଜିଲ୍ଲାପାଳ ଓ ବିଭାଗୀୟ ସଚିବଙ୍କୁ ଅବଗତ କରାଯିବ ବୋଲି ଅଭିଯୋଗକାରୀମାନେ ପ୍ରକାଶ କରିଛନ୍ତି। ପୋଲର ଗୋଟେ ପାର୍ଶ୍ୱରେ ଧୁରୁଜଙ୍ଗ ଗ୍ରାମ ସମେତ ନିକଟସ୍ଥ ୮ଟି ଗ୍ରାମର ଲୋକ ବସବାସ କରୁଥିବାବେଳେ ଅପର ପାର୍ଶ୍ୱରେ ଧୁରୁଜଙ୍ଗ ଗ୍ରାମ ଶ୍ମଶାନ ରହିଛି। ଏହାଛଡ଼ା ୧୦ଟି ପରିବାର ସଦସ୍ୟ ପୋଲ ନିକଟରେ ବସବାସ କରୁଥିବାବେଳେ ଏହା ଉପର ଦେଇ ଶତାଧିକ ଚାଷୀ ବାରମାଣିଆ ଗହୀରରେ ଥିବା ସେମାନଙ୍କ ଧାନ ବିଲକୁ ଚାଷ କରିବା ପାଇଁ ଟ୍ରାକ୍ଟର ନେଇ ଯାଇଥା'ନ୍ତି। ଫଳରେ କେଉଁ ସମୟରେ ବି ଦୁର୍ଘଟଣା ଘଟିପାରେ, ଏଥିରେ ସନ୍ଦେହ ନାହିଁ। ପୋଲକୁ ସୁରକ୍ଷା ଦେବାକୁ କେନାଲରେ ପାଣି ଆସିଲେ ଜଳସେଚନ ବିଭାଗ ପ୍ରତ୍ୟେକ ବର୍ଷ ବାଲି ବସ୍ତା ପକାଏ ବୋଲି ନିକଟସ୍ଥ ଗ୍ରାମବାସୀମାନେ କହିଛନ୍ତି। କେନାଲ ମଧ୍ୟରେ ଏବେ ଅନାବନା ଗଛର ଘଞ୍ଚ ଜଙ୍ଗଲ ସାଙ୍ଗକୁ ଘୋଡ଼ାମୁହଁ ପୋଲଠାରୁ ଧୁରୁଜଙ୍ଗ ଗାଁ ପର୍ଯ୍ୟନ୍ତ ଯାଇଥିବା କେନାଲ ବନ୍ଧ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଗଲାଣି। ଏହା ଛଡ଼ା ରାସ୍ତା ଉପରକୁ ଗଛଲତା ମାଡ଼ି ଆସିବାରୁ ବିଶେଷକରି ବାଇକ୍ ଚାଳକମାନେ ସମ୍ମୁଖ ପଟୁ ଆସୁଥିବା ଯାନବାହନକୁ ଦେଖି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ତୁରନ୍ତ ଏହାର ପ୍ରତିକାର କରିବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ବିଜେପି କୃଷକ ମୋର୍ଚ୍ଚା ସଭାପତିଙ୍କ ଧାନମଣ୍ଡି ପରିଦର୍ଶନ



କଣାସ,୨୨।୬(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍ ଅନ୍ତର୍ଗତ ଟାଇଁଲୋ ଧାନମଣ୍ଡି, ମନ୍ଦାକିନୀ ଧାନମଣ୍ଡି, ମହାକାଳୀ ଧାନମଣ୍ଡି ଓ ସାହୁପଡ଼ା ଧାନମଣ୍ଡିକୁ ରବିବାର ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ପରିଦର୍ଶନ କରିବା ସହିତ ଚାଷୀମାନଙ୍କ ସହିତ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଓଡ଼ିଶାରେ ଧାନକିଣାରେ ସ୍ୱଚ୍ଛତା ଓ ଶୃଙ୍ଖଳିତ ଭାବେ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ଅଧିନିୟମ ମାର୍ଗଦର୍ଶିକା ଅନୁଯାୟୀ, ଠିକ୍ ଭାବେ ଚାଷୀମାନଙ୍କଠାରୁ ଧାନ କ୍ରୟ କରାଯାଉଛି କି ନାହିଁ ରାଜ୍ୟ ସଭାପତି ଶ୍ରୀ ସାହୁ ତଦାରଖ କରିଥିଲେ। ଧାନମଣ୍ଡି ପରିଦର୍ଶନ ସମୟରେ ଉପସ୍ଥିତ ଚାଷୀମାନେ ଧାନ ମିଲ୍ ମାଲିକଙ୍କ ମନମାନି ଓ ଦାଦାଗିରି ଚରମ ସୀମାରେ ପହଞ୍ଚିଥିବା ଅଭିଯୋଗ କରିଥିଲେ। ପୁରୀ ଜିଲ୍ଲାରେ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା କାରଣରୁ ଚାଷୀ ହଇରାଣ ହରକତ ହେଉଥିବାରୁ ଶ୍ରୀ ସାହୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏସବୁ ବିଷୟରେ ଯଥାଶିଘ୍ର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଚାଷୀମାନଙ୍କୁ ଆଶ୍ୱାସନା ଦେଇଥିଲେ। ଏହି ପରିଦର୍ଶନ ସମୟରେ ବିଜେପି ପଛୁଆ ବର୍ଗ ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ପୁଲିନ୍ ପ୍ରକାଶ ପୁହାଣ, କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଅଜୟ କୁମାର ପ୍ରଧାନ, ରାଜ୍ୟ ସଂଯୋଜକ ଡ. ଜଗନ୍ନାଥ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସୋଲ ଫୁଲରେ ଝଲସିବ ୩ ରଥ; ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି

ଖୋର୍ଦ୍ଧା, ୨୨।୬(ସମିସ)

ଆସନ୍ତା ୨୭ ତାରିଖରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା। ଚଳିତ ବର୍ଷ ଖୋର୍ଦ୍ଧା ପୌରପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ଭୋଇ ସାହିର ରାଜକିଶୋର ନାୟକଙ୍କ ପରିବାର ହାତରେ ତିଆରି ସୋଲ ଫୁଲ ଶ୍ରୀକ୍ଷେତ୍ରର ସୁଯୋଗ ମିଳିଥିବାରୁ ତାଙ୍କ ପରିବାର ନିଜକୁ ଧନ୍ୟ ମନେ କରିଛନ୍ତି।

ଭକ୍ତର ଭଗବାନ ହେଉଛନ୍ତି ମହାପ୍ରଭୁ ଜଗନ୍ନାଥ। ଦାସିଆ ବାଉରୀ ହାତରେ ମହାପ୍ରଭୁ ଜଗନ୍ନାଥ ନଡ଼ିଆ ନେଇଥିବାବେଳେ ବିଗତ ୨୫ବର୍ଷ ହେବ ନିଜର ପାରିଶ୍ରମରେ ତିଆରି ସୋଲ ଫୁଲ ସେ ଚତୁର୍ଦ୍ଧାମୂର୍ତ୍ତିଙ୍କ

- **ରଥଯାତ୍ରାକୁ ଉତ୍କଣ୍ଠାର ସହ ଚାହିଁ ରହିଛନ୍ତି ରାଜକିଶୋରଙ୍କ ପରିବାର**
- **ଫୁଲ ପ୍ରସ୍ତୁତି ପାଇଁ ଆର୍ଥିକ ସହାୟତା ଯୋଗାଇବାକୁ ପରିବାରର ନିବେଦନ**



ତିନି ରଥରେ ଝଲସିବ। ଏଥିପାଇଁ ରାଜକିଶୋର ଓ ବୀରକିଶୋରଙ୍କ ପରିବାର ତରଫରୁ ସୋଲ ଫୁଲ ତିଆରି ପ୍ରାୟ ଶେଷ ପର୍ଯ୍ୟାୟରେ। କେବଳ କୋଟି ବ୍ରହ୍ମାଣ୍ଡ କରତା ତଥା ମହାପ୍ରଭୁ ଜଗନ୍ନାଥ, ବଳଦେବ, ମା' ସୁଭଦ୍ରାଙ୍କ ନନ୍ଦିଘୋଷ, ତାଳଧ୍ୱଜ, ଦେବଦଳନ ରଥ ସଜାଇ ହେବାକୁ ଅପେକ୍ଷା କରିଛି। ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଘୋଷଯାତ୍ରାର ଏକ ସ୍ୱାତନ୍ତ୍ରତା ରହିଛି। ଏଥିରେ ଚତୁର୍ଦ୍ଧାମୂର୍ତ୍ତି ରତ୍ନସିଂହାସନ ଛାଡ଼ି ଲକ୍ଷାଧିକ ଭକ୍ତଙ୍କୁ ଦର୍ଶନ ଦେଇଥା'ନ୍ତି। ମହାପ୍ରଭୁଙ୍କ ସେବା କରିବାରୁ ରାଜକିଶୋରଙ୍କ ପରିବାରକୁ ରଥରେ ଲଗାଇ ଆସୁଛନ୍ତି। ରାଜକିଶୋରଙ୍କ କହିବା ଆନୁଯାୟୀ, ବହୁ ଆଶା କରି ୧୯୯୯ ମସିହାରେ ବନ୍ଧୁଙ୍କ ସହିତ ଘୋଷଯାତ୍ରା ଦେଖିବାକୁ ସେ ଶ୍ରୀକ୍ଷେତ୍ର ଯାଇଥିଲେ। ଆଶା କରିଥିଲେ ରଥ ବିଭିନ୍ନ ଫୁଲରେ ସୁସଜ୍ଜିତ ହୋଇଥିବ। ତିନି ଠାକୁରଙ୍କ ରଥ ସୋଲ ଫୁଲ ବିନାରେ ଭଲ ଦେଖାଯାଉ ନ ଥିବା ଦୃଶ୍ୟ ସେ ଅନୁଭବ କଲେ। ଏହା ପରେ ରାଜକିଶୋର ନିଜ ହାତରେ ତିଆରି କରି ସୋଲ ଫୁଲ ତିନି ରଥରେ ସମର୍ପଣ କରିବାକୁ ଇଚ୍ଛା କରିଥିଲେ। ନିଜ ଗ୍ରାମକୁ ଫେରିବା ପରେ ତା' ପରବର୍ଷ ଘୋଷଯାତ୍ରାକୁ ଅପେକ୍ଷା କରିଥା'ନ୍ତି। ହଠାତ୍ ମହାପ୍ରଭୁ ଜଗନ୍ନାଥ କୃପା ତାଙ୍କ ଉପରେ ପଡ଼ିଲା। ତାଙ୍କୁ ସ୍ୱପ୍ନାଦେଶ ହେଲା। ତା' ପରେ ସୋଲ ଫୁଲ ତିଆରିରେ ସେ ପରିବାର ଲାଗପଡ଼ିଥିଲେ। ୨୦୦୦ ମସିହା ନେତ୍ର ଉତ୍ସବରେ ସପରିବାର ହାତରେ ତିଆରି ସୋଲ ଫୁଲକୁ ନେଇ ନିଜ ହାତରେ ରଥ ସଜାଇବାକୁ ବାହାରିଗଲେ। ସେହି ଦିନଠାରୁ ତାଙ୍କର ସୋଲ ଫୁଲ ତିନି ରଥର ଶୋଭା ମଣ୍ଡନ କରୁଛି।

ଏଥିପାଇଁ ଆବଶ୍ୟକ ସୋଲ ଗଛ (କଞ୍ଚାମାଲ) ସେ ନଭେମ୍ବର ମାସରୁ ବିଭିନ୍ନ ସ୍ଥାନ ଯଥା କାକଟପୁର, ବାଙ୍କୀ, କଣାସ, ନୂଆହାଟ, ହଳଦିଆ ପ୍ରଭୃତି ଅନେକ ସ୍ଥାନରୁ ସଂଗ୍ରହ କରିଥା'ନ୍ତି। ସଂଗୃହିତ ସୋଲ ଗଛକୁ ଖରା କାକର ଦେଇ ଶୁଖାଇଥା'ନ୍ତି। ଆଉ ପବିତ୍ର ଅକ୍ଷୟ ତୃତୀୟାଠାରୁ ନିଷ୍ଠାର ସହିତ ସପରିବାର ଅରୁଆ ଅନ୍ନ ଖାଇ ବିଭିନ୍ନ ରକମର ସୋଲ ଫୁଲ ପ୍ରସ୍ତୁତରେ ଲାଗିପଡ଼ନ୍ତି। ମହିଳାମାନେ ହାତରେ ଛୁରୀ, କତୁରୀ, କଇଁଚି ଧରି ସୋଲ କାଟି ତାକୁ ପତଳା କରିବାରେ ଲାଗିପଡ଼ନ୍ତି। ପତଳା ସୋଲକୁ ରାଜକିଶୋର, ଭାଇ ବୀରକିଶୋରଙ୍କ ସମେତ ପରିବାର ସୂତାରେ ବାନ୍ଧି ଫୁଲ ପ୍ରସ୍ତୁତ ପରେ ଜମ୍ଫୁରା, ତୁମୁକି ଲାଗାଇ ବିଭିନ୍ନ ରଙ୍ଗବେରଙ୍ଗ ସୋଲ ଫୁଲ ତିଆରି କରିଥାନ୍ତି। ଏ ବାବଦ ଟଙ୍କାଟିଏ ପାରିଶ୍ରମିକ ନା ମନ୍ଦିର ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ ତରଫରୁ ମିଳି ନ ଥିବା ପ୍ରକାଶ କରିଛନ୍ତି। ତିନି ରଥକୁ ଅଧିକ ସୁସଜ୍ଜିତ ପାଇଁ ବହୁ ପରିମାଣରେ ସୋଲ ଫୁଲର ଆବଶ୍ୟକତା ଥିବାବେଳେ ତାଙ୍କ ପାଇଁ ଅର୍ଥ କେତେକାଂଶରେ ସମସ୍ୟା ସୃଷ୍ଟି କରିଛି। ମହଙ୍ଗା ଯୁଗରେ ଫୁଲ ପ୍ରସ୍ତୁତି ଲାଗି ପ୍ରାୟ ୫୦ହଜାର ଟଙ୍କା ଖର୍ଚ୍ଚ ହେଉଛି। ମନ୍ଦିର ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇଦେଲେ କାର୍ଯ୍ୟ ଅଧିକ ମାତ୍ରାରେ କରି ହୁଅନ୍ତା ବୋଲି କହିଛନ୍ତି ରାଜକିଶୋର। ଯେତେ ବାଧାବିଘ୍ନ ଆସିଲେ ମଧ୍ୟ ଆଉ ପଛକୁ ଫେରି ନ ଥିବା ସେ ପ୍ରକାଶ କରିଛନ୍ତି।

୨୦୦୪ ମେ' ମାସ ୨୭ ତାରିଖରେ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ତରଫରୁ ତାଙ୍କୁ ସୋଲ ଫୁଲ ଲାଗାଇବା ପାଇଁ ଅନୁମତି ପତ୍ର ମିଳିଛି। ଶ୍ରୀମନ୍ଦିର ପ୍ରଶାସନ ତାଙ୍କୁ ମାନପତ୍ର ଦେଇ ତାଙ୍କ କାମ ସାରିଦେଇଥିବା ବେଳେ ଆର୍ଥିକ ସହାୟତା କଥା ଚିନ୍ତା କରୁନି। ପୂର୍ବର ବାପା ଓ ଜେଜେବାପା ସୋଲ ଫୁଲ ତିଆରି କରୁଥିଲେ। ତାକୁ ସ୍ଥାନୀୟ ଅଞ୍ଚଳର ଦୋଳ ମେଳଣ ଓ ଅନେକ ଯାନୀଯାତ୍ରାରେ ବ୍ୟବହାର କରୁଥିଲେ। ତାଙ୍କ ପ୍ରେରଣା ଫଳରେ ସେ ସୋଲ ଫୁଲ ତିଆରି ଶିଖିଥିଲେ। ଯାହା ଫଳରେ ଆଜି ତାଙ୍କୁ ତିନି ରଥରେ ସୋଲ ଫୁଲ ଲଗାଇବାରେ ସହାୟକ ହୋଇଛି ବୋଲି ସେ କୁହନ୍ତି। ତାଙ୍କ ପରିବାର ହାତରେ ତିଆରି ସୋଲ ଫୁଲ କେବଳ ଶ୍ରୀକ୍ଷେତ୍ରର ତିନି ରଥ ମଧ୍ୟରେ ସୀମିତ ହୋଇ ରହିନାହିଁ। ବିଗତ କିଛି ବର୍ଷ ହେବ ଭଦ୍ରକ, ବଲାଙ୍ଗିର, ଭୁବନେଶ୍ୱରର ଖଣ୍ଡଗିରି, ବରମୁଣ୍ଡା, ଆଚାର୍ଯ୍ୟ ବିହାର, କଟକ, ଖୋର୍ଦ୍ଧାର ମୁକୁନ୍ଦପ୍ରସାଦ, ଗୁରୁଜଙ୍ଗ, ଟାଙ୍ଗୀ-ଚାନ୍ଦପୁର ଭଳି ବିଭିନ୍ନ ସ୍ଥାନରେ ଚାଲୁଥିବା ରଥ ଏବଂ ତିନି ଠାକୁରଙ୍କ ମଥାରେ ସୋଲର ଟାହିଆ ଶୋଭାପାଉଛି।

## ଶ୍ରୀସିଦ୍ଧି ବିନାୟକ ମନ୍ଦିରର ବାର୍ଷିକ ଉତ୍ସବ

ନିରାକାରପୁର, ୨୨।୬(ସମିସ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ କମାଗୁରୁସ୍ଥିତ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଥିବା ଶ୍ରୀଶ୍ରୀସିଦ୍ଧି ବିନାୟକ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠାର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରେ ହୋମ, ଯଜ୍ଞ ଓ ନାମ ସଂକୀର୍ତ୍ତନ ପ୍ରଭୃତି ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଠାକୁରଙ୍କୁ ପୂଜାର୍ଚ୍ଚନା କରିବା ସହିତ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ଆଶିଷ ଲାଭ କରିଥିଲେ। ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଅଧ୍ୟକ୍ଷ ସୁଧାଂଶୁ ଶେଖର ମହାନ୍ତି ଓ ଅଧ୍ୟାପିକା ଡ. ରେଣୁବାଳା ସାମନ୍ତରାୟ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମଙ୍ଗଳାଯାଡ଼ିରେ ବିକାଶ ମେଳା

ଟାଙ୍ଗୀ, ୨୨।୬(ସମିସ): ଟାଙ୍ଗୀ ବ୍ଲକ ଅଧୀନସ୍ଥ ମଙ୍ଗଳାଯୋଡ଼ି ପଞ୍ଚାୟତସ୍ତରୀୟ ବିକାଶ ମେଳା ରାଉଳସାହି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳଠାରେ ଅନୁଷ୍ଠିତ ହୋଇଯାଇଛି। ସରକାରୀ ଯୋଜନା ସମ୍ପର୍କରେ ପାଲା ପରିବେଷଣ ଦ୍ୱାରା ଲୋକଙ୍କୁ ସଚେତନ କରାଯାଇଥିଲା। ସରପଞ୍ଚ ମାନସ ରଞ୍ଜନ ସାମନ୍ତରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମେଳାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅନୁପ୍ରିୟା ସିଂହ, ଏଡିଇଓ ମମତା ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୁକାନ୍ତ କୁମାର ବେହେରା, ବନରକ୍ଷୀ ପ୍ରଦୀପ କୁମାର ସାହୁ, ନିରଞ୍ଜନ ମହାରଣା, ସ୍ୱାସ୍ଥ୍ୟ କର୍ମୀ ବିଷ୍ଣୁପ୍ରିୟା ବେହେରା, କୃଷକ ସାଥୀ ବିଜୟ ମହାରଣା, ଆଶାକର୍ମୀ ଲକ୍ଷ୍ମୀପ୍ରିୟା ପଟ୍ଟନାୟକ, ଜାନକୀ ବେହେରା, ଶାନ୍ତି ବେହେରା ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।

## କାଲୁପଡ଼ାଘାଟ ରେଳ ଷ୍ଟେସନରେ ଅବ୍ୟବସ୍ଥା; ରେଳମନ୍ତ୍ରୀଙ୍କୁ ଟୁଇଟ୍

ଟାଙ୍ଗୀ, ୨୨।୬(ସମିସ): ରେଳଯାତ୍ରୀଙ୍କ ଗମନାଗମନରେ ସୁବନ୍ଦୋବସ୍ତ ପାଇଁ ସରକାରଙ୍କ ଯୋଜନା ପ୍ରଶଂସନୀୟ କିନ୍ତୁ ରେଳ ଷ୍ଟେସନରେ ଯାତ୍ରୀଙ୍କ ପ୍ରତିକ୍ଷା ପାଇଁ ବ୍ୟବସ୍ଥା ସନ୍ତୋଷଜନକ ନୁହେଁ। ଏହି ଅବ୍ୟବସ୍ଥା ସମ୍ପର୍କରେ ରେଳବାଇ ମନ୍ତ୍ରୀଙ୍କୁ ଟୁଇଟ୍ କରାଯାଇଥିବା ଜଣାପଡ଼ିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଅସ୍ତବ୍ୟସ୍ତ କରୁଥିବାବେଳେ ଖୋର୍ଦ୍ଧା ରୋଡ୍ ଅଧୀନସ୍ଥ କାଲୁପଡ଼ାଘାଟ ରେଳ ଷ୍ଟେସନର ପ୍ଲାଟ୍‌ଫର୍ମରେ ସାମାନ୍ୟ ଫ୍ୟାନର ବ୍ୟବସ୍ଥା ନଥିବା ଦୁର୍ଭାଗ୍ୟଜନକ ଘଟଣା। ୨ ଓ ୩ ନମ୍ବର ପ୍ଲାଟ୍‌ଫର୍ମରେ ଫ୍ୟାନ୍‌ର ବ୍ୟବସ୍ଥା ନ ଥିବାରୁ ଅପେକ୍ଷା କରିଥିବା ଯାତ୍ରୀ ଅସହ୍ୟ ଗୁଳୁଗୁଳିରେ ଜୀବନ ଯନ୍ତ୍ରଣାରେ ଛଟପଟ ହେଉଥିବା ଦର୍ଶାଇ ଚିତ୍ତରଞ୍ଜନ ଦାସ ରେଳ ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ପ୍ରଧାନମନ୍ତ୍ରୀଙ୍କ ବିଭାଗୀୟ ଅଧିକାରୀଙ୍କୁ ଟୁଇଟ୍ କରିଥିବା ଜଣାପଡ଼ିଛି।

**ଜଗନ୍ନାଥ ସଡ଼କକୁ ଜାତୀୟ ରାଜପଥ ଘୋଷଣା ପ୍ରତିଶ୍ରୁତିକୁ ୧୦ ବର୍ଷ**

## ଜାତୀୟ ରାଜପଥର ମାନ୍ୟତା ପାଉନି ଜଗନ୍ନାଥ ସଡ଼କ

ନିରାକାରପୁର, ୨୨।୬(ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ଛକଠାରୁ ଚନ୍ଦନପୁର ପର୍ଯ୍ୟନ୍ତ ନୂଆ ଜଗନ୍ନାଥ ସଡ଼କକୁ ଜାତୀୟ ରାଜପଥ ମାନ୍ୟତା ପାଇଁ ବାରମ୍ବାର ଦାବି ପରେ ୨୦୧୫ରେ ଏହି ସଡ଼କକୁ ଜାତୀୟ ରାଜପଥ ଘୋଷଣା ପାଇଁ ବିଭିନ୍ନ ସର୍ଭେ କରାଯାଇ ଡିପିଆର୍ ପର୍ଯ୍ୟନ୍ତ କାର୍ଯ୍ୟ ଅଗ୍ରଗତି ହୋଇଯାଇଥିଲା। କିନ୍ତୁ ପରେ ସବୁ ଠପ୍ ହୋଇଗଲା। ଏବେ ଏହି ଜାତୀୟ ରାଜପଥ ମାନ୍ୟତା କାର୍ଯ୍ୟକ୍ରମ ରାଜନୀତି ପଶାପାଲିର ମୋହରା ପାଲଟିଛି। ଚିଠି ଉପରେ ଚିଠି ଯାଉଛି କିନ୍ତୁ ଫଳ ଘର ଶୂନ୍। କିଛି ମାସ ତଳେ ବିଜେପି ବରିଷ୍ଠ ପ୍ରବକ୍ତା ତଥା ସାଂସଦ ସମ୍ବିତ୍ ପାତ୍ରଙ୍କ ଚିଠିର ଉତ୍ତରରେ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଏହି ରାସ୍ତାର ପୁନର୍ବାର ସର୍ଭେ କରିବାକୁ ଉତ୍ତର ଲେଖିଥିଲେ। ସେହିପରି ଅଞ୍ଚଳବାସୀ ବାରମ୍ବାର ଦାବି ପରେ ଏହାକୁ ପ୍ରାୟ ଅଢ଼େଇ ବର୍ଷ ହେବ ଭୁବନେଶ୍ୱର ସାଂସଦ, ରାଷ୍ଟ୍ରୀୟ



ପ୍ରବକ୍ତା ଏବଂ ଅନ୍ତର୍ଜାତୀୟ ଆଇପିୟୁ କାର୍ଯ୍ୟବାହୀ ସଦସ୍ୟ ଅପରାଜିତା ଷଡ଼ଙ୍ଗୀ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ଶ୍ରୀ ଗଡ଼କରୀଙ୍କୁ ସାକ୍ଷାତ୍ କରି ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଦେଇ ନୟାଗଡ଼ରୁ ପୁରୀ ଯାଇଥିବା ନୂଆ ଜଗନ୍ନାଥ ସଡ଼କକୁ ଜାତୀୟ ରାଜପଥ ମାନ୍ୟତା ପାଇଁ ଦାବି କରିଥିଲେ। ଅଞ୍ଚଳବାସୀଙ୍କ ତରଫରୁ ଏହି ଜଗନ୍ନାଥ ସଡ଼କକୁ ଜାତୀୟ ରାଜପଥ ମାନ୍ୟତା ଦାବି କରି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ମନ୍ତ୍ରୀ ଶ୍ରୀ ଗଡ଼କରୀଙ୍କ ଅନୁରୋଧ ପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ର ପ୍ରଦାନ କରିବାର ଆଜକୁ ଅଢ଼େଇ ବର୍ଷ ହେଲାଣି, କିନ୍ତୁ କୌଣସି ଅଗ୍ରଗତି ନାହିଁ। କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମନ୍ତ୍ରୀ ଶ୍ରୀ ଗଡ଼କରୀ ସହ ବସିଥିବା ବୈଠକରେ ଓଡ଼ିଶାର ବିଭିନ୍ନ ସଡ଼କ ପାଇଁ ଅର୍ଥ ବରାଦ ପାଇଁ ପ୍ରତିଶ୍ରୁତି ମିଳିଥିଲେ ବି ନୂଆ ଜଗନ୍ନାଥ ସଡ଼କ ଜାତୀୟ ରାଜପଥ ମାନ୍ୟତା ପାଇଁ କୌଣସି ବ୍ୟୟବରାଦ ନ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଦୈନନ୍ଦିନ ଏହି ରାସ୍ତା ଦେଇ ହଜାର ହଜାର ଯାନବାହନ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ପ୍ରାନ୍ତରୁ ପୁରୀକୁ ଯାତାୟାତ କରୁଥିବାବେଳେ ଏହି ରାସ୍ତା ଉପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗୁରୁତ୍ୱ ନ ରହିବା ବିଡ଼ମ୍ବନାର ବିଷୟ।

## ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ଓ ପଟ୍ଟା ବଣ୍ଟନ



ବାଲୁଗାଁ, ୨୨।୬(ସମିସ): ରାଜ୍ୟ ସରକାରଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ୍ ହୋଇଥିବା ଚିଲିକା ନିର୍ବାଚନମଣ୍ଡଳୀର ବାଣପୁର ଓ ଚିଲିକା ବ୍ଲକ ଅନ୍ତର୍ଗତ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଉଭୟ ବାଣପୁର ଓ ଚିଲିକା ବ୍ଲକ ପ୍ରଶାସନ ତରଫରୁ ପୃଥକ୍ ଭାବେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ପୁରୀ ଲୋକସଭା ସାଂସଦ ସମ୍ବିତ ପାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ହିତାଧିକାରୀମାନଙ୍କୁ ଅବଗତ କରାଇବା ସହ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ଓ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ କରିଛନ୍ତି। ବାଣପୁର ବ୍ଲକ ପକ୍ଷରୁ ପଲଟଣପଡ଼ିଆସ୍ଥିତ ସହିଦ କୃତ୍ତିବାସ ପାଟ୍ଟଶାଣୀ କଲ୍ୟାଣମଣ୍ଡପ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ତହସିଲ୍‌ଦାର ଟି.ପଦ୍ମନାଭ ଦୋରା, ବିଡିଓ ଶୀତଲ ଅଗ୍ରୱାଲ ଏବଂ ଖୋର୍ଦ୍ଧା ଜିଲ୍ଲା ବିଜେପି ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ ପ୍ରମୁଖ ଯୋଗଦେଇ ବାଣପୁର ବ୍ଲକର ୧୭ଟି ପଞ୍ଚାୟତର ଦିବ୍ୟାଙ୍ଗ, ବିଧବା ଓ ଅତି ଗରିବ ଶ୍ରେଣୀ ପରିବାରର ସମୁଦାୟ ୪୨୯ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଏବିଡିଓ ଯୋଗେନ୍ଦ୍ର ମହାକୁଡ଼ ପରିଚାଳନା କରିଥିଲେ। ସେହିପରି ଅନୁରୂପ ଭାବେ ଚିଲିକା ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରା ଓ ବିଡିଓ ପୁନମ୍ ମହାପାତ୍ର ପ୍ରମୁଖ ଯୋଗଦେଇ ଅନ୍ତ୍ୟୋଦୟ କାର୍ଯ୍ୟାଦେଶ ସହ ଭୂମିହୀନ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିଥିଲେ।

## ଗ୍ୟାସ୍ ସିଲିଣ୍ଡର ଲୁଟ୍ ଘଟଣା; ୨ ଗିରଫ

**● ଚୋରି ସିଲିଣ୍ଡର୍ ଓ ବାଇକ୍ ଜବତ**



ଜଟଣୀ, ୨୨।୬(ସମିସ): ଜଟଣୀ ଥାନା ଅଞ୍ଚଳରୁ ଜଣେ ଗ୍ୟାସ୍ ବିତରକଙ୍କ ଗାଡ଼ିରୁ ଗୋଟିଏ ଗ୍ୟାସ୍ ସିଲିଣ୍ଡର୍ ଚୋରି କରିବା ଘଟଣାରେ ରବିବାର ପୁଲିସ ଦୁଇ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଟଣୀ ଗୋପବନ୍ଧୁ ନଗରର ଆଲୋକ ହଡ଼ା ଓରଫ ବାବୁ (୨୮) ଓ ବିଡିଏ କଲୋନୀର ସମୀର ରାୟ (୩୮)। ସେମାନଙ୍କ ନିକଟରୁ ଚୋରି ଗ୍ୟାସ୍ ସିଲିଣ୍ଡର୍ ଓ ଗୋଟିଏ ବାଇକ୍ ଜବତ କରିଛି ପୁଲିସ। ତେବେ ଅଭିଯୁକ୍ତ ବାବୁ ଜଣେ ପେସାଦାର ଅପରାଧୀ ବୋଲି ଜଣାପଡ଼ିଛି। ପୂର୍ବରୁ ତା ନାଁରେ ଜଟଣୀ ଥାନାରେ ୭ଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ଗତ ୧୯ ତାରିଖ ଅପରାହ୍ଣ ସମୟରେ ଅଭିଯୋଗକାରୀ ଗ୍ୟାସ୍ ବିତରକ ପ୍ରଶାନ୍ତ ସାହୁ ନିଜ ଲୁନାରେ ୩ଟି ଗ୍ୟାସ୍ ସିଲିଣ୍ଡର୍ ଲଦି ଡେଲିଭରୀ ଦେବାକୁ ରାଜାବଜାର ଅଞ୍ଚଳକୁ ଯାଇଥିଲେ। ଜଣେ ବ୍ୟକ୍ତିଙ୍କ ଘର ସାମ୍ନାରେ ଗାଡ଼ି ରଖି ଗୋଟିଏ ସିଲିଣ୍ଡର୍ ତାଙ୍କ ଘରକୁ ଦେବାକୁ ଯାଇଥିଲେ। ଏହି ସମୟରେ ଦୁଇ ଅଭିଯୁକ୍ତ ଗାଡ଼ିରେ ଥୁଆ ହୋଇଥିବା ଦୁଇଟି ସିଲିଣ୍ଡରରୁ ଗୋଟିଏ ଲୁଟି ନେଇ ପଳାଇଥିଲେ। ପୁଲିସ ଘଟଣାର ତଦନ୍ତ କରି ସିସିଟିଭି ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ରବିବାର ବିଶେଷ ସୂତ୍ରରୁ ଖବର ପାଇ ବାଛରା ଛକ ନିକଟରେ ଚଢ଼ଉ କରି ଦୁଇ ଜଣଙ୍କୁ କାବୁ କରିଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ।

## ବାଛରା ପାହାଡ଼ରେ ବୃକ୍ଷରୋପଣ

ଜଟଣୀ, ୨୨।୬(ସମିସ): ରବିବାର ଜଟଣୀ ପୌରପାଳିକା ଅନ୍ତର୍ଗତ ବାଛରା ପାହାଡ଼ରେ ନିର୍ମାଣାଧୀନ ପାର୍କରେ ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପ୍ରକାରର ଶତାଧିକ ଚାରାରୋପଣ କରାଯାଇଥିଲା। ଜଟଣୀ ନଗର କଂଗ୍ରେସର ସଭାପତି ଆଶୋକ କୁମାର ମଙ୍ଗରାଜ, ପୂର୍ବତନ ନଗରପାଳ ଗୌରୀ ପ୍ରସାଦ ସିଂହ, ବୃନ୍ଦାବନ ସାହୁଙ୍କ ଉଦ୍ୟମରେ ବୃକ୍ଷରୋପଣ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ନାଗରିକ କମିଟି ସଭାପତି ମନ୍ମଥ ରାଉତରାୟ, ପୌରାଧ୍ୟକ୍ଷ ଅନନ୍ତ ବେହେରା, ଦଳିତ ମହାସଂଘ ସଭାପତି ସୁରେଶ ନାୟକ, ପ୍ରଗତି ପରିଷଦ ସଭାପତି ସନ୍ତୋଷ ହୋତା, ପୂର୍ବତଟ ରେଲ୍‌ୱେ ଶ୍ରମିକ କଂଗ୍ରେସ କୋର୍ଡିନେଟର ସୁନିଲ ଭଞ୍ଜ, ପ୍ରମୋଦ ସାହାଣୀ, ଲକ୍ଷ୍ମୀଧର ମହାନ୍ତି, କୈଳାଶ ମହାପାତ୍ର, ପୂର୍ବତନ ସରପଞ୍ଚ ସୁନିଲ ରାଉତରାୟଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ, ଅଟୋ ଆସୋସିଏସନ୍‌ର ସଦସ୍ୟ, ବରିଷ୍ଠ ନାଗରିକମାନେ ଯୋଗଦେଇ ବୃକ୍ଷରୋପଣ କରିଥିଲେ।

**■ ପୂର୍ତ୍ତ ବିଭାଗର ରାସ୍ତା ମରାମତି କାର୍ଯ୍ୟରେ ଅବହେଳା**

## ଖାଲକୁ ସମତୁଲ କଲା ଅଟୋ ଚାଳକ ମହାସଂଘ

ବେଗୁନିଆ, ୨୨।୬(ସମିସ): ବାଘମାରୀ-କଣ୍ଟିଲୋ ୪୮ ନମ୍ବର ରାଜ୍ୟ ରାଜପଥର ସିମୋର ବଜାର ଉପରେ ୧ ଫୁଟ୍‌ରୁ ଉର୍ଦ୍ଧ୍ୱ ଖାଲ ହୋଇଥିବା ଯୋଗୁଁ ଜନସାଧାରଣଙ୍କ ସହ ଯାତାୟାତ କରୁଥିବା ଯାନବାହନ ଦିବା ଓ ରାତ୍ରରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏପରିକି ବର୍ଷା ହେଲେ ଖାଲରେ ପାଣି ଜମି ରହିଥିବାରୁ ଜନସାଧାରଣ ଛୋଟ ବଡ଼ ଦୁର୍ଘଟଣାର ଶିକାର ହୋଇ ଧନଜୀବନ ନଷ୍ଟ ହୋଇଥିବାର ଦେଖିବାକୁ ମିଳିଥିଲା। ଏପରିକି ବିଭିନ୍ନ ମୁଦ୍ରିତ ଗଣମାଧ୍ୟମରେ ଖବର ପ୍ରକାଶନ ପରେ ପୂର୍ତ୍ତ ବିଭାଗ ଅଧିକାରୀ ଚଳଚଞ୍ଚଳ ହେବା ପରିବର୍ତ୍ତେ ସ୍ଥାଣୁ ଅବସ୍ଥାରେ ପଡ଼ି ରହିଥିବାରୁ ସ୍ଥାନୀୟ ପଞ୍ଚାୟତ ଅଟୋଚାଳକ ମହାସଂଘ ସିମୋର ଶାଖାର କର୍ମକର୍ତ୍ତାମାନେ ରବିବାର ଖାଲଗୁଡ଼ିକୁ ମେଣ୍ଟାଲ୍ ଓ ମୋରମ୍ ପକାଇ ସମତୁଲ କରିଥିବାରୁ ସାଧାରଣରେ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି।

## ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ଶତପଥୀଙ୍କ ସ୍ମୃତିଚାରଣ ସଭା



ବାଣପୁର, ୨୨।୬(ସମିସ): ଶିକ୍ଷାବିତ୍ ଡ. ମୃତ୍ୟୁଞ୍ଜୟ ଶତପଥୀଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ ସଭା ବାଣପୁର ବିଧାରପୁରସ୍ଥିତ ଶୁଭମଙ୍ଗଳ କଲ୍ୟାଣ ମଣ୍ଡପ ପରିସରରେ ସାହିତ୍ୟ ସିନ୍ଦୂରା ଅନୁଷ୍ଠାନର ସଭାପତି ଗୋଲଖ ବିହାରୀ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚିଲିକା ସାହିତ୍ୟ ସମାଜର ସଭାପତି ବାଳମୁକୁନ୍ଦ ଦାସଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ, ସ୍ୱତନ୍ତ୍ର ଅତିଥି ଭାବେ ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ, ଚିଲିକା ଆଞ୍ଚଳିକ ବିକାଶ ପରିଷଦ ସମ୍ପାଦକ ସୁଶୀଲ କୁମାର ନନ୍ଦ, କାର୍ଯ୍ୟକାରୀ ସଭାପତି ଫକୀର ମୋହନ ଷଡ଼ଙ୍ଗୀ, ଖୋର୍ଦ୍ଧା ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବାଣପୁର ଏନ୍‌ଏସି ନଗରପାଳ ମିଟୁ ନାୟକ, ଗବେଷକ ଡ. ସତ୍ୟ ଷଡ଼ଙ୍ଗୀ, ଶିକ୍ଷାବିତ୍ ସଂଗ୍ରାମ କେଶରୀ ସାହୁ, ଡ. ଚିନ୍ତାମଣି ମିଶ୍ର, ଡ. ନୃସିଂହ ଚରଣ ପ୍ରଧାନ, ପୁରୁଷୋତ୍ତମ ମହାପାତ୍ର, ଭବାନୀ ପ୍ରସାଦ ହୋତା ଓ ଗ୍ରାମୀଣ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସ୍ୱର୍ଗତ ଶତପଥୀଙ୍କ ବନ୍ଧୁ ଓ ପରିବାର ବର୍ଗ ସାମିଲ୍ ହୋଇ ତାଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ସ୍ୱର୍ଗତ ଶତପଥୀଙ୍କ ସୁକନ୍ୟା ଅସୀମା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

**ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା**

# ମନ୍ଦିରଠାରୁ ମସ୍‌ଜିଦ୍ ସବୁଠି ପ୍ରାର୍ଥନା ଓ ଦୀପଦାନ





ଖୋର୍ଦ୍ଧା, ୨୨।୬(ସମିସ)

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଆରୋଗ୍ୟ କାମନା କରି ଖୋର୍ଦ୍ଧା ବ୍ଲକ ମଳିପଡ଼ାର ଆରାଧ୍ୟା ଦେବୀ ମା' ଯୋଗମାୟାଙ୍କ ପୀଠରେ ଶୁଭେଚ୍ଛୁମାନେ ଏକାଠି ହୋଇ ପୂଜାର୍ଚ୍ଚନା ଓ ଦୀପଦାନ କରିଛନ୍ତି। ସେହିପରି ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ପଲଟଣ ପଡ଼ିଆସ୍ଥିତ ବାବା ଚନ୍ଦ୍ରଶେଖରଙ୍କ ପୀଠ ଓ ସଂଲଗ୍ନ ମହାବୀର ପୀଠରେ ପୂର୍ବତନ ପୌରାଧ୍ୟକ୍ଷା ସଂଯୁକ୍ତା ସାହୁ ଏବଂ ବହୁ ନବୀନ ପ୍ରେମୀ ଏକାଠି ହୋଇ ପବିତ୍ର ପୀଠରେ ଜଳସାୟୀ କରିବା ସହ ପୂଜାର୍ଚ୍ଚନା ଓ ଦୀପଦାନ କରିଛନ୍ତି। ଏହି କ୍ରମରେ କାଇପଦରସ୍ଥିତ ପୀରବାବାଙ୍କ ପୀଠରେ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ପ୍ରାର୍ଥନା କରାଯାଇଥିଲା। ୱାକଫ୍ ବୋର୍ଡର ପୂର୍ବତନ ସଭାପତି ତଥା ସଂଖ୍ୟାଲଘୁ ପର୍ଯ୍ୟବେକ୍ଷକ ଏମ୍‌ଡି. ନିଜାମୁଦ୍ଦିନଙ୍କ ତତ୍ତ୍ୱାବଧାନରେ ପ୍ରାର୍ଥନା ସଭା କରାଯାଇଥିଲା। ଏଥିରେ ପୀରବାବାଙ୍କ କମିଟି ସଭାପତି ଏସ୍.କେ. ସନାଉଲ୍ଲା ସହାୟତା କରିଥିଲେ। ବାବାଙ୍କୁ ଦର୍ଶନ କରିବାକୁ ଆସିଥିବା ବିଭିନ୍ନ ଜିଲ୍ଲାର ଶ୍ରଦ୍ଧାଳୁମାନେ ମଧ୍ୟ ନବୀନଙ୍କ ଆଶୁ ଆରୋଗ୍ୟ କାମନା ସହ ସୁସ୍ଥ, ନିରାମୟ ଓ ଦୀର୍ଘାୟୁ ପାଇଁ ପ୍ରାର୍ଥନା କରିଥିଲେ।

**ବେଗୁନିଆ:** ବେଗୁନିଆ ବ୍ଲକ ଗଡ଼ମାଣିତିର ଗ୍ରାମର ଆରାଧ୍ୟ ଦେବୀ ମା' ରାମଚଣ୍ଡୀଙ୍କ ପୀଠରେ ବିଧାୟକ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ତନୁଜା ପାଟ୍ଟଶାଣୀ, ସରପଞ୍ଚ, ସମିତିସଭ୍ୟ ଓ ଦଳୀୟ କର୍ମୀମାନେ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏଥିସହିତ ବେଗୁନିଆ ଜଗନ୍ନାଥ ମନ୍ଦିର ପରିସରରେ ଶୁଭେଚ୍ଛୁମାନେ ଦୀପ ପ୍ରଜ୍ୱଳନ କରିଛନ୍ତି।

**ଟାଙ୍ଗୀ/ଭୂଷଣ୍ଡପୁର:** ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଖୋର୍ଦ୍ଧା ବିଜେଡି ପକ୍ଷରୁ ଭୂଷଣ୍ଡପୁର ମୂଳିଝରଗଡ଼ ମା' ଉଗ୍ରତାରା ଦେବୀଙ୍କ ମନ୍ଦିରରେ ଦୀପଦାନ ସହ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଛି। ପୂର୍ବତନ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଟାଙ୍ଗୀ ବ୍ଲକ ମୂଳିଝରଗଡ଼ର ମା' ତାରାଦେବୀଙ୍କ ନିକଟରେ ଦୀପଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସ୍ୱଦେଶ କୁମାର ରାଉତରାୟ, ବିଜେଡି ସଂଗଠକ ପବିତ୍ର କୁମାର ପାଇକରାୟ ଓ ସରପଞ୍ଚ କିଶୋର କୁମାର ରାଉତରାୟଙ୍କ ସମେତ ବହୁ କର୍ମୀ ସାମିଲ ହୋଇ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

**ବୋଲଗଡ଼ :** ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ ଶ୍ରୀଶ୍ରୀ ତାରେଶ୍ୱରଦେବଙ୍କ ମନ୍ଦିରଠାରେ ବ୍ଲକ ବିଜୁ ଜନତା ଦଳର କର୍ମୀ ଓ ନେତାଙ୍କ ତରଫରୁ ୧୦୮ ସମୂହ ଦୀପଦାନ ଓ ପୂଜାର୍ଚ୍ଚନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବିଜେଡିର ସ୍ଥାନୀୟ ବ୍ଲକ ନେତା, କର୍ମୀ, ଯୁବ ନେତା, ସମର୍ଥକ, ମହିଳା, ସମାଜସେବୀ ଏବଂ ସାଧାରଣ ଜନତା ଏକାଠି ହୋଇ ଦୀପ ଜାଳି ନବୀନଙ୍କ ଦ୍ରୁତ ଆରୋଗ୍ୟ କାମନା କରିଥିଲେ।





**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୭୫ ● ପାଉଣ୍ଡ ୧୧୬.୦୮
- ୟୁରୋ ୯୯.୩୭ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୩୫୦ (ନୂଆଦିଲ୍ଲୀ)
- ରୁପା : ୧,୨୦,୧୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୪୦୮.୦୦
- ନିଫ୍ଟି ୨୫,୧୧୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଇରାନ୍ ଉପରେ ଆମେରିକାର ପ୍ରହାର

# ଅଶୋଧିତ ତୈଳ ୧୦୦ ଡଲାର ଟପିବ

ନୂଆଦିଲ୍ଲୀ,୨୨।୬(ଏଜେନ୍ସି)

ଇରାନ-ଇସ୍ରାଏଲ ଯୁଦ୍ଧରେ ଆମେରିକା ପ୍ରବେଶ କରିଛି। ଇରାନର ପରମାଣୁ କେନ୍ଦ୍ର ଉପରେ

- ହର୍ମୁଜ୍ ପ୍ରଣାଳୀ ବନ୍ଦ ହେଲେ ୧୩୦ ଡଲାର ଛୁଇଁବ
- ଜୁନ୍‌ରେ ୨୪ ପ୍ରତିଶତ ବଢ଼ିଛି ତେଲ ଦର





ଆମେରିକା ବିମାନ ଆକ୍ରମଣ କରିଛି। ଏହି ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ପୁଣି ଥରେ ଭୂ-ରାଜନୈତିକ ଉତ୍ତେଜନା ବୃଦ୍ଧି ପାଇଛି। ଏହାର ପ୍ରଭାବରେ ସୋମବାର ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ମୂଲ୍ୟ ବୃଦ୍ଧି ପାଇପାରେ। ଏମିତିକି ସୋମବାର ବିଶ୍ୱର ସେୟାର ବଜାରରେ ବଡ଼ ହ୍ରାସ ହୋଇପାରେ। ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ ସୋମବାର ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୮୦ ଡଲାରରୁ ଆରମ୍ଭ ହୋଇ ୯୦ ଡଲାର ବ୍ୟାରେଲ ପର୍ଯ୍ୟନ୍ତ ପହଞ୍ଚିପାରେ। ଯଦି ହର୍ମୁଜ୍ ପ୍ରଣାଳୀ ବନ୍ଦ ହୁଏ, ତେବେ ଅଶୋଧିତ ତେଲର ମୂଲ୍ୟ ମଧ୍ୟ ୧୩୦ ଡଲାର ପ୍ରତି ବ୍ୟାରେଲ ପର୍ଯ୍ୟନ୍ତ ପହଞ୍ଚିପାରେ। ଏହାର ଅର୍ଥ ହେଉଛି ବିଶ୍ୱର ଅଶୋଧିତ ତେଲ ଆମଦାନୀ କରୁଥିବା ଦେଶଗୁଡିକ ଏଥିଯୋଗୁ ବଡ଼ କ୍ଷତି ସହିବେ। ଏଥିରେ ଭାରତ ଅନ୍ୟତମ ଦେଶ। ଭାରତ ଏହାର ଅଶୋଧିତ ତେଲ ଆବଶ୍ୟକତାର ୮୫ ରୁ ୯୦ ପ୍ରତିଶତ ଆମଦାନୀ କରେ।

ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ, ସୋମବାର ବଜାର କାରବାର ଆରମ୍ଭରୁ ଅଶୋଧିତ ତେଲ ଦର ପ୍ରତି ବ୍ୟାରେଲ ପ୍ରାୟ ୮୦ ଡଲାରରେ ଖୋଲି ଏହା ୧୦୦ ଡଲାର ଉପରେ ଯାଇପାରେ। ସବୁଠାରୁ ଖରାପ ପରିସ୍ଥିତିରେ ଯଦି ହରମୁଜ୍ ପ୍ରଣାଳୀ ବନ୍ଦ ହୁଏ ତେବେ ମୂଲ୍ୟ ୧୩୦ ଡଲାର ଉପରେ ପହଞ୍ଚିବ ବୋଲି ଆଶଙ୍କା କରାଯାଉଛି। ଜୁନ୍ ମାସରେ ଏ ପର୍ଯ୍ୟନ୍ତ ଅଶୋଧିତ ତେଲର ମୂଲ୍ୟ ୨୪ ପ୍ରତିଶତ ବୃଦ୍ଧି ପାଇ ପ୍ରତି ବ୍ୟାରେଲ ୭୭ ଡଲାର ହୋଇଛି। ଯେତେବେଳେ କି ମେ' ମାସରେ, ଅ ଶୋଧିତ ତେଲର ମୂଲ୍ୟ ୪ ପ୍ରତିଶତ ବୃଦ୍ଧି ପାଇଛି। ହରମୁଜ୍ ପ୍ରଣାଳୀ ଏକ ରଣନୈତିକ ଚକପଏଣ୍ଟ ଯାହା ବିଶ୍ୱ ତୈଳ ଯୋଗାଣର ପ୍ରାୟ ୨୦ପ୍ରତିଶତ ପରିଚାଳନା କରିଥାଏ। ଏହାକୁ ନେଇ ଏବେ ଚିନ୍ତା ବଢ଼ିଛି। ଅନ୍ୟପକ୍ଷରେ, କେଡିଆ ଆଡଭାଇଜରିର ନିର୍ଦ୍ଦେଶକ ଅଜୟ କେଡିଆ କହିଛନ୍ତି ଯେ ଉତ୍ତେଜନା ବହୁତ ବୃଦ୍ଧି ପାଇଛି ଏବଂ ଆମେରିକା ଯୁଦ୍ଧରେ ଡେଇଁବା ପରେ, ଇରାନ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇପାରେ। ଏଥିଯୋଗୁଁ ତୈଳ ଦର ପ୍ରତି ବ୍ୟାରେଲ ୯୫ ରୁ ୧୦୦ ଡଲାର ମଧ୍ୟରେ ପହଞ୍ଚିପାରେ। ଏହାସହିତ, ସୋମବାର ଅଶୋଧିତ ତୈଳ ମୂଲ୍ୟରେ ୧୦ ରୁ ୧୫ ପ୍ରତିଶତ ବୃଦ୍ଧି ଦେଖାଯାଇପାରେ। ଅନ୍ୟପକ୍ଷରେ, ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଆମେରିକା ମଧ୍ୟ ତୈଳ ଯୋଗାଣ ବୃଦ୍ଧି କରିବାକୁ ଯାଉଛି।

ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ଭାରତକୁ ମଧ୍ୟ ପ୍ରଭାବିତ କରିବ। ଭାରତ ଏହାର ଆବଶ୍ୟକତାର ୮୫ରୁ ୯୦ ପ୍ରତିଶତ ତୈଳ ଆମଦାନି କରେ। ଯଦି ମୂଲ୍ୟ ବୃଦ୍ଧି ପାଏ, ତେବେ ଦେଶ ଅନେକ ଆର୍ଥିକ ଆହ୍ୱାନର ସମ୍ମୁଖୀନ ହୋଇପାରେ। ଅଶୋଧିତ ତୈଳରେ ପ୍ରତି ବ୍ୟାରେଲରେ ୧୦ ଡଲାର ବୃଦ୍ଧି ଭାରତର ଚଳନ୍ତି ଖାତା ନିଅଣ୍ଟକୁ ଜିଡିପିର ୦.୩ ପ୍ରତିଶତ ବୃଦ୍ଧି କରିପାରେ ଏବଂ ମୁଦ୍ରାସ୍ଫୀତି ଚାପ ମଧ୍ୟ ବଢ଼ାଇପାରେ। ଜଣେ ମୁଦ୍ରା ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ସୋମବାର ଭାରତୀୟ ଟଙ୍କା ଡଲାର ତୁଳନାରେ ୫୦ ରୁ ୭୫ପଇସା ମଧ୍ୟରେ ହ୍ରାସ ପାଇପାରେ। ଯାହାର ପ୍ରଭାବ ଜିଡିପି ଉପରେ ମଧ୍ୟ ଦେଖାଯାଇପାରେ। ଏହା ବ୍ୟତୀତ, ସୋମବାର ଭାରତର ଷ୍ଟକ ବଜାରରେ ଭାରି ଚାପ ଦେଖିବାକୁ ମିଳିପାରେ। ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଯଦି ଇରାନ ହର୍ମୁଜ ପ୍ରଣାଳୀରେ ଯାତାୟାତ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରେ, ତେବେ ଅଶୋଧିତ ତୈଳର ମୂଲ୍ୟ ପ୍ରତି ବ୍ୟାରେଲ ୧୨୦-୧୩୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ, ଯାହା ବିଶ୍ୱ ଷ୍ଟକ ବଜାର ଉପରେ ଗଭୀର ପ୍ରଭାବ ପକାଇବ। ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୭୭ ଡଲାରରେ ରହିଛି। ଏଥିରେ ବିଶେଷ କଥା ହେଉଛି ଯେ ଗତ ଗୋଟିଏ ମାସରେ ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ୨୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ, ଶୁକ୍ରବାର ଆମେରିକୀୟ ଅଶୋଧିତ ତୈଳର ମୂଲ୍ୟ ସାମାନ୍ୟ ବୃଦ୍ଧି ସହିତ ବ୍ୟାରେଲ ପିଛଶ ୭୫ ଡଲାରକୁ ଖସିଆସିଛି। ତଥାପି, ଗୋଟିଏ ମାସରେ ଆମେରିକୀୟ ଅଶୋଧିତ ତୈଳର ମୂଲ୍ୟ ପ୍ରାୟ ୨୨ ପ୍ରତିଶତ ବୃଦ୍ଧି ପାଇଛି।

### ଯୁଦ୍ଧ ବଢ଼ିଲେ ଭାରତ ସହିବ ବଡ଼ କ୍ଷତି | ମହଙ୍ଗା ହେବ ବଜାର

ନୂଆଦିଲ୍ଲୀ,୨୨।୬(ଏଜେନ୍ସି): ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଉତ୍ତେଜନା ଏବେ ଏକ ବିପଜ୍ଜନକ ସ୍ଥିତିରେ ପହଞ୍ଚିଛି। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ଏହି ଯୁଦ୍ଧ ଆହୁରି ବଢ଼େ ତେବେ ଏହାର ସବୁଠାରୁ ବଡ଼ ପ୍ରଭାବ ପଶ୍ଚିମ ଏସିଆର ଦେଶଗୁଡ଼ିକ ସହିତ ଭାରତର ବାଣିଜ୍ୟ ଉପରେ ପଡ଼ିବ। ଏଥିରେ ଇରାନ, ଇରାକ, ଜୋର୍ଡାନ, ଲେବାନନ, ସିରିଆ ଏବଂ ୟେମେନ ଭଳି ଦେଶ ଅନ୍ତର୍ଭୁକ୍ତ, ଯେଉଁଠିକି ଭାରତର ମୋଟ ରପ୍ତାନି ୮.୬ ବିଲିୟନ ଡଲାର ଏବଂ ଆମଦାନି ୩୩.୧ ବିଲିୟନ ଡଲାର ରହିଛି।



ମୁମ୍ବାଇର ରପ୍ତାନିକାରୀ ଏବଂ ଟେକ୍ନୋକ୍ରାଫ୍ଟ ଇଣ୍ଡଷ୍ଟ୍ରିଜ୍ ଇଣ୍ଡିଆର ପ୍ରତିଷ୍ଠାତା ଶରଦ କୁମାର ସରାଫ ଚେତାବନୀ ଦେଇଛନ୍ତି ଯେ ଏହି ଯୁଦ୍ଧ ଭାରତର ବାଣିଜ୍ୟ ଉପରେ ଏକ ବଡ଼ ପ୍ରଭାବ ପକାଇବ। ଭାରତ ଆର୍ଥିକ ବର୍ଷ ୨୦୨୪-୨୫ରେ ଇରାନକୁ ମୋଟ ୧.୨୪ ବିଲିୟନ ଡଲାରର ରପ୍ତାନି କରିଥିଲା, ଯେଉଁଥିରେ ବାସମତୀ ଚାଉଳ ୭୫୩.୨ ନିୟୁତ ଡଲାର), କଦଳୀ, ସୋୟାବିନ୍ ମିଲ୍, ଚଣା ଏବଂ ଚା' ଭଳି କୃଷି ଉତ୍ପାଦ ପ୍ରମୁଖ ଥିଲା। ଏହି ସମୟ ମଧ୍ୟରେ ଭାରତ ଇରାନରୁ ୪୪୧.୮ ନିୟୁତ ଡଲାରର ଆମଦାନୀ ମଧ୍ୟ କରିଥିଲା। ଇସ୍ରାଏଲ ସହିତ ଭାରତର ବାଣିଜ୍ୟ ୨.୧ ବିଲିୟନ ଡଲାର (ରପ୍ତାନି) ଏବଂ ୧.୬ ବିଲିୟନ ଡଲାର (ଆମଦାନୀ) ଥିଲା। ଜିଟିଆର୍‌ଆଇ ଅନୁଯାୟୀ, ଆମେରିକାର ପ୍ରତିବନ୍ଧକ ଯୋଗୁଁ ଏହି ଉଭୟ ଦେଶ ପୂର୍ବରୁ ଆର୍ଥିକ ଚାପରେ ଅଛନ୍ତି। ବର୍ତ୍ତମାନ ଯୁଦ୍ଧ ଯୋଗୁଁ, ବର୍ଦ୍ଧିତ ପେମେଣ୍ଟ ବ୍ୟବସ୍ଥା ଏବଂ ପରିବହନ ବିପଦ ଯୋଗୁଁ ଭାରତର ବାଣିଜ୍ୟ ଆହୁରି ପ୍ରଭାବିତ ହୋଇପାରେ। ଏଥିରେ ସବୁଠାରୁ ବଡ଼ ଚିନ୍ତା ହେଉଛି ହର୍ମୁଜ୍ ପ୍ରଣାଳୀ, ଯେଉଁଠାରୁ ଭାରତର ୬୦-୬୫% ଅଶୋଧିତ ତୈଳ ଯୋଗାଣ ହୁଏ। ଇରାନ ଏହି ଜଳପଥକୁ ବନ୍ଦ କରିବାକୁ ଧମକ ଦେଇଛି। ଏହି ମାର୍ଗ ଏତେ ଗୁରୁତ୍ୱପୂର୍ଣ୍ଣ ଯେ ଏହା କେବଳ ବିଶ୍ୱ ତୈଳ ବାଣିଜ୍ୟର ପ୍ରାୟ ୨୦ ପ୍ରତିଶତ ପରିଚାଳନା କରେ। ଏହି ପ୍ରଣାଳୀ ଇରାନ ଏବଂ ଓମାନ / ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ଅବସ୍ଥିତ। ଏହା ମାଧ୍ୟମରେ ସାଉଦି ଆରବ, ଇରାନ, ଇରାକ, କୁୱେତ ଏବଂ କତାରରୁ ତେଲ ଏବଂ ଏଲଏନଜି ରପ୍ତାନି କରାଯାଏ। ଯଦି ଏଠାରେ ଯୋଗାଣ ବାଧାପ୍ରାପ୍ତ ହୁଏ, ତେବେ ଭାରତରେ ଇନ୍ଧନ ମହଙ୍ଗା ହୋଇଯିବ, ମୁଦ୍ରାସ୍ଫୀତି ବୃଦ୍ଧି ପାଇବ, ଟଙ୍କା ଉପରେ ଚାପ ପଡ଼ିବ ଏବଂ ଆର୍ଥିକ ସନ୍ତୁଳନ ଖରାପ ହୋଇପାରେ।

ହୁଥି ବିଦ୍ରୋହୀଙ୍କ ଆକ୍ରମଣ ଯୋଗୁଁ ଲାଲ ସାଗର ମାର୍ଗ ପୂର୍ବରୁ ପ୍ରଭାବିତ ହୋଇଛି, ଯାହା ଭାରତ-ୟୁରୋପ ଏବଂ ଭାରତ-ଆମେରିକା ମଧ୍ୟରେ ବାଣିଜ୍ୟକୁ ପ୍ରଭାବିତ କରିଛି। ଭାରତର ୮୦% ୟୁରୋପୀୟ ବାଣିଜ୍ୟ ଏବଂ ମୋଟ ରପ୍ତାନିର ୩୪% ଏହି ସମୁଦ୍ର ପଥ ଦେଇ ହୋଇଥାଏ। ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ମଧ୍ୟ ଚେତାବନୀ ଦେଇଛି ଯେ ଯଦି ପରିସ୍ଥିତି ସମାନ ରହେ, ତେବେ ୨୦୨୫ରେ ବିଶ୍ୱ ବାଣିଜ୍ୟ ୦.୨% ହ୍ରାସ ପାଇପାରେ, ଯେତେବେଳେ କି ପୂର୍ବରୁ କାରବାରରେ ୨.୭% ଅଭିବୃଦ୍ଧି ଆକଳନ କରାଯାଇଥିଲା। ଭାରତ ଇରାନ ସହିତ ଐତିହାସିକ ଏବଂ ରଣନୈତିକ ସମ୍ପର୍କ ରହିଛି। ଛାବାହାର ବନ୍ଦର, ଯାହା ଭାରତକୁ ଆଫଗାନିସ୍ତାନ ଏବଂ ମଧ୍ୟ ଏସିଆକୁ ସିଧାସଳଖ ପ୍ରବେଶ ପ୍ରଦାନ କରେ।

# ଲାଲ୍‌ଚନ୍ଦ୍‌ର ମନ୍‌ସୁନ୍ ସେଲ୍





ଭୁବନେଶ୍ୱର,୨୨।୬(ସମିସ): ଲାଲ୍‌ଚନ୍ଦ ଜୁଏଲର୍ସ ଏହାର ଗ୍ରାହକମାନଙ୍କ ଲାଗି 'ମନ୍‌ସୂନ୍ ସେଲ୍' ଅଫର ଆଣିଛି। ଏଥିରେ ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ମେସିନ୍-ନିର୍ମିତ ସୁନା ଚେନ୍‌ରେ ଗଢ଼ା ମଜୁରୀ ଫ୍ଲାଟ୍ ୭୯୯ ଟଙ୍କା/ ଗ୍ରାମ୍ ରହିଛି। ସେହିପରି ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ଡିଜାଇନର୍ ସୁନା ଅଳଙ୍କାରରେ ଗଢ଼ା ମଜୁରୀ ଫ୍ଲାଟ୍ ୧୧୯୯ ଟଙ୍କା/ଗ୍ରାମ୍, ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ଆଣ୍ଟିକ୍ ଏବଂ ଇଟାଲିଆନ୍ ଡିଜାଇନ୍‌ର ସୁନା ଅଳଙ୍କାରରେ ଗଢ଼ା ମଜୁରୀ ଫ୍ଲାଟ୍ ୧୩୯୯ ଟଙ୍କା/ଗ୍ରାମ୍ ଏବଂ ରୁପା ଗହଣାର ଗଢ଼ା ମଜୁରୀରେ ଫ୍ଲାଟ୍ ୫୦% ରିଆତି ରହିଛି। ଏହାଛଡା ଲାଲ୍‌ଚନ୍ଦ୍‌ର ମନ୍‌ସୂନ୍ ସେଲ୍‌ରେ ଗ୍ରାହକ ହୀରା ଅଳଙ୍କାର ଉପରେ ଫ୍ଲାଟ୍ ୨୦,୦୦୦ ଟଙ୍କା/କ୍ୟାରେଟ୍ ରିହାତି, ନିର୍ଦ୍ଦିଷ୍ଟ ହାତଘଣ୍ଟାର ଏମ୍‌ଆର୍‌ପି ଉପରେ ଫ୍ଲାଟ୍ ୨୦% ରିଆତି,ବ୍ରାଣ୍ଡେଡ୍ ସାମଗ୍ରୀ ଉପରେ ଫ୍ଲାଟ୍ ୧୫% ରିଆତି ରହିଛି। ଏତଦ୍‌ବ୍ୟତୀତ ପୁରୁଣା ଏଚ୍‌ୟୁଆଇଡି ସୁନା ଏକ୍ସଚେଞ୍ଜରେ ଗ୍ରାହକ ୧୦୦% ସୁନା ମୂଲ୍ୟ ପାଇପାରିବେ। ଆଗାମୀ ଲଖ୍‌ପତି ଲକି ଡ୍ର' ଜୁଲାଇ ମାସରେ ଅନୁଷ୍ଠିତ ହେବ ବୋଲି ଲାଲ୍‌ଚନ୍ଦ ଜୁଏଲର୍ସ ପକ୍ଷରୁ କୁହାଯାଇଛି।

# ଲ୍ୟାରି ଏଲିସନ୍ ବିଶ୍ୱର ଦ୍ୱିତୀୟ ଧନୀ

ନୂଆଦିଲ୍ଲୀ,୨୨।୬(ଏଜେନ୍ସି)

- ଜେଫ୍ ବେଜୋସ, ମାର୍କ ଜୁକରବର୍ଗଙ୍କୁ ପଛରେ ପକାଇଲେ
- ସମ୍ପତ୍ତି ୨୫୦.୯ ବିଲିୟନ୍ ଡଲାର



୮୦ ବର୍ଷ ବୟସରେ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତି ହେଲେ ଟେକ୍ନୋଲୋଜି କମ୍ପାନୀ ଓରାକଲ ପ୍ରତିଷ୍ଠାତା ଲ୍ୟାରି ଏଲିସନ୍। ସେ ଆମଜାନର ଜେଫ୍ ବେଜୋସ୍ ଏବଂ ମେଟାର ମାର୍କ ଜୁକରବର୍ଗଙ୍କୁ ପଛରେ ପକାଇ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତି ହୋଇଛନ୍ତି। ଫର୍ଚ୍ୟୁନ ରିପୋର୍ଟ ଅନୁସାରେ ତାଙ୍କର ବିଜନେସ୍ ଷ୍ଟକ୍‌ରେ ୪୦ ମିଲିଅନ ଡଲାର ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ତାଙ୍କ ସମ୍ପତ୍ତି ମୂଲ୍ୟ ୨୫୦.୯ ବିଲିୟନ ଡଲାର ହୋଇଯାଇଛି। ଧନୀ ତାଲିକାରେ ଏଲିସନ୍ ବର୍ତ୍ତମାନ କେବଳ ଟେସଲା ସିଇଓ ଏଲନ ମସ୍କଙ୍କ ପଛରେ ରହିଛନ୍ତି। ମସ୍କ ୪୦୫.୮ ବିଲିୟନ ଡଲାର ସମ୍ପତ୍ତି ସହ ବିଶ୍ୱର ଏକ ନମ୍ବର ଧନୀ ବ୍ୟକ୍ତି ହୋଇଛନ୍ତି। ଏଲିସନଙ୍କ ପାଖରେ କମ୍ପାନୀର ପ୍ରାୟ ୪୧ ପ୍ରତିଶତ ସେୟାର ଅଛି ଏବଂ ଓରାକେଲର ସେୟାର ବୃଦ୍ଧି ପାଇବା ପରେ, ତାଙ୍କ ସମ୍ପତ୍ତି ଗୋଟିଏ ଦିନରେ ୨୫ ବିଲିୟନ ଡଲାର ବୃଦ୍ଧି ପାଇଥିଲା। ତା›ପରେ ପୁଣିଥରେ ଆଉ ୧୬ ବିଲିୟନ ଡଲାର ବୃଦ୍ଧି ପାଇଥିଲା। ଗତ ମଙ୍ଗଳବାର କମ୍ପାନୀ ଏହାର ଆୟ ରିପୋର୍ଟ ପ୍ରକାଶ କରିବାର ଗୋଟିଏ ଦିନ ପୂର୍ବରୁ, ଏଲିସନଙ୍କ ନେଟ୍ ସମ୍ପତ୍ତି ୨୧୩ ବିଲିୟନ ଡଲାର ଥିଲା। ଓରାକେଲର ଅଧକ୍ଷ ଏବଂ ଚିଫ୍ ଟେକ୍ନୋଲୋଜି ଅଫିସର ଲ୍ୟାରି ଏଲିସନ୍ ଅନ୍ୟମାନଙ୍କ ସହ ୧୯୭୭ ମସିହାରେ ଏକ ଡାଟାବେସ୍ ସଫ୍ଟୱେର୍ କମ୍ପାନୀ ଭାବରେ ଓରାକେଲ୍ ପ୍ରତିଷ୍ଠା କରିଥିଲେ। ସମୟ ଅନୁସାରେ ଏହି କମ୍ପାନୀ ବିଶ୍ୱସ୍ତରୀୟ କ୍ଲାଉଡ୍ କମ୍ପ୍ୟୁଟିଂର ପାୱାର ହାଉସରେ ପରିଣତ ହୋଇଥିଲା। ଯାହା ଏଲିସନ୍‌ଙ୍କୁ ବିଶ୍ୱର ୧୦ ଧନୀ ବ୍ୟକ୍ତି ତାଲିକାରେ ସାମିଲ୍ କରାଇଥିଲା। ହେଲେ ଏବେ ୮୦ ବର୍ଷ ବୟସରେ ସେ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତି ହୋଇଛନ୍ତି। ଏଲିସନ ନିଜର ରୋକ୍‌ଠୋକ୍ ବ୍ୟକ୍ତିତ୍ୱ ଓ ଅସାଧାରଣ ଜୀବନଶୈଳୀ ପାଇଁ ଜଣାଶୁଣା। ଜୀବନକୁ ବିଳାସପୂର୍ଣ୍ଣ କରିବାରେ ତାଙ୍କର ଅଧିକ ଖର୍ଚ୍ଚ ହୋଇଥାଏ। ଏଲିସନ ୨୦୧୨ରେ ହାୱାଇର ଷଷ୍ଠ ବୃହତମ ଦ୍ୱୀପ ଲାନାଇର ୯୮% ଏରିଆକୁ ପ୍ରାୟ ୩୦୦ ନିୟୁତ ଡଲାରରେ କିଣିଥିଲେ।

କେବଳ ସେତିକି ନୁହେଁ, ତାଙ୍କ ପାଖରେ ନିଜର ସ୍ୱତନ୍ତ୍ର ବିମାନ ରହିଥିବା ବେଳେ ପାଇଲଟ ଭାବରେ ଲାଇସେନ୍ସ ବି ଅଛି। ଏଲନ ମସଙ୍କର ସେ ଜଣେ ଭଲ ବନ୍ଧୁ ହୋଇଥିବା ବେଳେ ଟେସ୍‌ଲାରେ ସେ ବଡ଼ ନିବେଶ କରିଛନ୍ତି। ଏକଥା ସେ ନିଜେ କହିଥିଲେ। ତେବେ ସବୁଠାରୁ ବଡ଼ କଥା ହେଲା ଆଇଏମ୍‌ଏଫ୍ ଆକଳନ ଅନୁଯାୟୀ, ଏଲିସନଙ୍କ ମୋଟ ସମ୍ପତ୍ତି କେବଳ ଆରବପତିଙ୍କ ସମ୍ପତ୍ତିକୁ ଟପି ନାହିଁ ବରଂ ଏହା କେତେକ ଦେଶର ମୋଟ ଜିଡିପିକୁ ମଧ୍ୟ ଅତିକ୍ରମ କରିଯାଇଛି।

## ଡିଜିସିଏର ସତର୍କବାଣୀ; ବଢୁଛି ଏୟାର୍ ଇଣ୍ଡିଆର ସମସ୍ୟା

ନୂଆଦିଲ୍ଲୀ, ୨୨।୬(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ପରେ ଏୟାର ଇଣ୍ଡିଆର ସମସ୍ୟା ଥମିବାର ନାଁ ନେଉନି। ଗୋଟିଏ ପଟେ ଏୟାର ଇଣ୍ଡିଆର ଉଡାଣ ବାତିଲ୍ ହେଉଛି ତ ଅନ୍ୟପଟେ ବୈଷୟିକ ତ୍ରୁଟି ଯୋଗୁ ଉଡାଣ ପୁନଃ କାର୍ଯ୍ୟସୂଚୀ ପ୍ରସ୍ତୁତ ହେଉଛି। ଏଣୁ ଏୟାର ଇଣ୍ଡିଆ ଏବେ ପରିଚାଳନାଗତ ସମସ୍ୟା ମଧ୍ୟରେ ଛନ୍ଦି ହୋଇଯାଇଛି। ଏଥିରେ ଏବେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏୟାର ଇଣ୍ଡିଆକୁ ସବୁଠୁ ବଡ଼ ଚେତାବନୀ ଜାରି କରିଛନ୍ତି। ଡିଜିସିଏ ଏୟାର ଇଣ୍ଡିଆକୁ ଚେତାବନୀ ଜାରି କରି କହିଛନ୍ତି ଯେ ଯଦି ବିମାନ ପରିଚାଳନାରେ ଏପରି ସମସ୍ୟା ଜାରି ରୁହେ ବେ ଆଗକୁ ଏୟାର ଲାଇନ୍ସର ଲାଇସେନ୍ସ ବାତିଲ୍ କରାଯାଇ ପାରେ। ନିୟାମକଙ୍କଠୁ ମିଳିଥିବା ଏହି ଚେତାବନୀ ଏୟାରଲାଇନ୍ସର ଭବିଷ୍ୟତକୁ ନେଇ ପ୍ରଶ୍ନ ଚିହ୍ନ ଲଗାଇଛି। ନିକଟରେ



ଏୟାର ଇଣ୍ଡିଆ ୩ ବରିଷ୍ଠ ଅଧିକାରୀଙ୍କୁ ସେମାନଙ୍କ ପଦରୁ ହଟାଇଛି। ଏଥିରେ ଏୟାର ଇଣ୍ଡିଆର ଡିଭିଜନାଲ ଭାଇସ୍ ପ୍ରେସିଡେଣ୍ଟ କୁ ସିଡ୍ୟୁଲିଂ ମ୍ୟାନେଜର ଓ କ୍ରୁ ସିଡ୍ୟୁଲିଂ ପ୍ଲାନିଂ ଅଫିସରଙ୍କୁ ସେମାନଙ୍କ ପଦରୁ ହଟାଇଯାଇଛି। ରିପୋର୍ଟ ଅନୁସାରେ ଏୟାର ଇଣ୍ଡିଆ ପାଇଲଟ ଡ୍ୟୁଟି ସିଡ୍ୟୁଲିଂ, ପରିଚଳନା ଏବଂ ଗମ୍ଭୀର ଉଲ୍ଲଂଘନ ଜଣାପଡିବା ପରେ ଡିଜିସିଏ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିମାନ ନିୟାମକ ସ୍ପଷ୍ଟ କରିଛନ୍ତି ଯେ ଫ୍ଲାଇଟ୍ ସିଡ୍ୟୁଲିଂ ଅଥବା ଉଡ଼ାଣ ସମୟ ସମ୍ପର୍କିତ କୌଣସି ନିୟମ ଉଲ୍ଲଂଘନ ମାମଲାରେ ଏବେ ଏୟାର ଇଣ୍ଡିଆ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ । ଏହି କାର୍ଯ୍ୟାନୁଷ୍ଠାନରେ ଅପରେଟର ପରମିସନ ବାତିଲ୍ ବି ହୋଇପାରେ। କେବଳ ଏତିକି ନୁହେଁ ଡିଜିସିଏ ଏୟାର ଇଣ୍ଡିଆକୁ ୨୦୨୪ ବର୍ଷରେ କରାଯାଇଥିବା ସବୁ ଇନସ୍ପେକ୍ସନ ଓ ଅଡିଟ ବିବରଣୀ ତୁରନ୍ତ ପ୍ରଦାନ କରିବାକୁ କହିଛନ୍ତି। ସେହିପରି ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ପରେ ଡିଜିସିଏ ଦେଶର ପୁରା ବିମାନ ଚଳାଚଳ ପ୍ରଣାଳୀର ୩୬୦ ଡିଗ୍ରି ସ୍କାନିଂ ଆଦେଶ ଦେଇଛନ୍ତି। ଏଥିରେ ବିମାନ ଉଡ଼ାଣ ସଞ୍ଚାଳନ, ରକ୍ଷଣାବେକ୍ଷଣ, ଲାଇସେନ୍ସିଂ, ସୁରକ୍ଷା ପ୍ରବନ୍ଧନ, ପ୍ରଶିକ୍ଷଣ ସଂସ୍ଥାନ, ଏମ୍‌ଆରଓରୁ ଆରମ୍ଭ କରି ଏଟିସି ପର୍ଯ୍ୟନ୍ତ ପୁରା ଯାଞ୍ଚ ହେବ।

## ଡକ୍ଟର ଶିବ ପ୍ରସାଦ ମହାନ୍ତି ଭାରତୀୟ ସାର ସଂଘର ସହାଧ୍ୟକ୍ଷ ନିର୍ବାଚିତ



ନୂଆଦିଲ୍ଲୀ, ୨୨।୬(ଏଜେନ୍ସି): ହିନ୍ଦୁସ୍ତାନ ଉର୍ବାରକ ଏବଂ ରସାୟନ ଲିମିଟେଡ୍ (ଏଚ୍‌ୟୁଆର୍‌ଏଲ୍)ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ସିବା ପ୍ରସାଦ ମହାନ୍ତି ଭାରତୀୟ ସାର ସଂଘ(ଏଫ୍‌ଏଆଇ)ର ସହାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ଏ ନେଇ ଏଚ୍‌ୟୁଆର୍‌ଏଲ୍ ପକ୍ଷରୁ ଘୋଷଣା କରାଯାଇଛି। ଏହି ସମ୍ମାନଜନକ ନିଯୁକ୍ତି ସାର କ୍ଷେତ୍ରରେ ସ୍ଥାୟୀ କୃଷି ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବାରେ ଡକ୍ଟର ମହାନ୍ତିଙ୍କ ନିରନ୍ତର ନେତୃତ୍ୱକୁ ପ୍ରତିଫଳିତ କରୁଛି। ଏହି ପ୍ରମୁଖ ଭୂମିକାରେ ତାଙ୍କର ନିର୍ବାଚିତ ହେବା ଶିଳ୍ପ ମଧ୍ୟରେ ଗଭୀର ସହଯୋଗ ଏବଂ ରଣନୈତିକ ଅଭିବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସହାଧ୍ୟକ୍ଷ ଭାବରେ ଡକ୍ଟର ମହାନ୍ତି ରାଷ୍ଟ୍ର ପାଇଁ ସନ୍ତୁଳିତ ସାର ବ୍ୟବହାର, ନୀତିଗତ ସମର୍ଥନ ଏବଂ ଖାଦ୍ୟ ସୁରକ୍ଷାର ମିଶନକୁ ଆଗକୁ ବଢ଼ାଇବା ପାଇଁ ଏଫ୍‌ଏଆଇ ସଦସ୍ୟ କମ୍ପାନୀଗୁଡ଼ିକ ସହିତ କାମ କରିବେ।

# ୨୦୨୪-୨୫ରେ ୨.୨୩ ଲକ୍ଷ କୋଟିର ଜିଏସ୍‌ଟି ଚୋରି

ନୂଆଦିଲ୍ଲୀ,୨୨।୬(ଏଜେନ୍ସି)

### ତଦନ୍ତ ନିର୍ଦ୍ଦେଶ ଦେଲେ ଅର୍ଥମନ୍ତ୍ରୀ

କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ୨୦୨୪-୨୫ରେ୨.୨୩ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ଠକେଇ ଚିହ୍ନଟ କରିଛି। ଗୁରୁବାର ଏଠାରେ ଅନୁଷ୍ଠିତ ସିବିଆଇସି ସମ୍ମିଳନୀରେ ଦିଆଯାଇଥିବା ସରକାରୀ ତଥ୍ୟରେ ଏହା ପ୍ରକାଶ ପାଇଛି। ଏହାପରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ସମ୍ମିଳନୀରେ ଅଧ୍ୟକ୍ଷତା କରି ଅର୍ଥମନ୍ତ୍ରୀ ସୀମା ଶୁଳ୍କ ଏବଂ ସିଜିଏସ୍‌ଟି ମାମଲାର ତଦନ୍ତ ଶୀଘ୍ର ସମାପ୍ତ କରିବାକୁ, ଟିକସ ଠକେଇ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ଜିଏସ୍‌ଟି ପଞ୍ଜିକରଣ ଏବଂ ଅଭିଯୋଗ ସମାଧାନରେ ସମୟୋଚିତ ଉନ୍ନତି ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୩ ଆର୍ଥିକବର୍ଷରେ ପ୍ରାୟ ୬୨.୨୧ ପ୍ରତିଶତ ଜିଏସ୍‌ଟି ଦାତାଙ୍କ ଅଡିଟ୍ କରାଯାଇଥିଲା ଏବଂ ୨୦୨୫ ଆର୍ଥିକ ବର୍ଷରେ ଏହି ସଂଖ୍ୟା ୮୮.୭୪ ପ୍ରତିଶତକୁ ବୃଦ୍ଧି ପାଇଛି। ଅଧିକାରୀମାନେ କହିଛନ୍ତି ଯେ ତିନି ବର୍ଷରେ କୌଣସି କରଦାତାଙ୍କର ଏକାଧିକ ଥର ଅଡିଟ୍ କରାଯାଇନାହିଁ। ରିଫଣ୍ଡରେ ଉନ୍ନତି





ବିଷୟରେ ସୂଚନା ଦେଇ କୁହାଯାଇଥିଲା ଯେ ୬୦ ଦିନର ନିର୍ଦ୍ଧାରିତ ଅବଧି ମଧ୍ୟରେ ୮୫ ପ୍ରତିଶତ ଦାବି ସମାଧାନ କରାଯାଇଛି। ୨୦୨୪-୨୫ ମଧ୍ୟରେ ଜିଏସ୍‌ଟିଆର୍-୩ବି ରିଟର୍ଣ୍ଣ ଦାଖଲ କରିବାର ଜାତୀୟ ହାର ୯୪.୩ ପ୍ରତିଶତ ଥିଲା। ଏହି ସମୟରେ, ଅଭିଯୋଗ ସମାଧାନରେ ମଧ୍ୟ ଉନ୍ନତି ଦେଖାଯାଇଛି ଏବଂ ହାରାହାରି ସମାଧାନ ସମୟ ନିର୍ଦ୍ଧାରିତ ୨୧ ଦିନରୁ ହ୍ରାସ ପାଇ ୯ ଦିନ ହୋଇଛି। ବିଜ୍ଞପ୍ତିରେ କୁହାଯାଇଛି, କେନ୍ଦ୍ରୀୟ ସାର୍ବଜନୀନ ଅଭିଯୋଗ ସମାଧାନ ଏବଂ ମନିଟରିଂ ସିଷ୍ଟମ ଉପରେ ୯୫ ରୁ ୯୭ ପ୍ରତିଶତ ଆବେଦନ ୩୦ ଦିନ ମଧ୍ୟରେ ସମାଧାନ କରାଯାଉଛି, ଯାହା ଏକ ଉତ୍କୃଷ୍ଟ ପ୍ରଦର୍ଶନ। ଏହି ପ୍ରଦର୍ଶନ ଗତ ବର୍ଷ ଫେବୃଆରୀଠାରୁ ଏହି ସିଷ୍ଟମରେ ରାଙ୍କିଂରେ ୯୦ ଟି କେନ୍ଦ୍ରୀୟ ମନ୍ତ୍ରଣାଳୟ ମଧ୍ୟରେ ସିବିଆଇସିକୁ ଶୀର୍ଷ ପାଞ୍ଚଟି ସ୍ଥାନରେ ପହଞ୍ଚାଇଛି। ସୀତାରମଣ ବିଭାଗକୁ କରଦାତା ଏବଂ ବାଣିଜ୍ୟ ସଂଗଠନ ମଧ୍ୟରେ ସଚେତନତା ଅଭିଯାନ ବୃଦ୍ଧି କରିବାକୁ କହିଛନ୍ତି। ବିଶେଷକରି ଜିଏସ୍‌ଟି ପଞ୍ଜିକରଣ ପାଇଁ ଆବଶ୍ୟକୀୟ ଡକ୍ୟୁମେଣ୍ଟ ଉପରେ ଅର୍ଥମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି। ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିବେ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। କ୍ଷମତା ଉପରେ ଭରସା ରଖନ୍ତୁ। ବୈବାହିକ ଜୀବନ ସୁଖମୟ ହେବ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ନିଜକୁ କମଜୋର ଭାବନ୍ତୁ ନାହିଁ। ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ। ଦୀର୍ଘ ଦିନର ଆଶା ପୂରଣ ହେବ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ। ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ। ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିବ। ଯାନବାହନ କ୍ରୟ କରିପାରନ୍ତି।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ। ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଜୀବନସାଥିଙ୍କ ସହଯୋଗ ଲୋଡିବେ। ବିଦ୍ୟାର୍ଥୀମାନଙ୍କ ପାଇଁ ଭଲ ସମୟ। ରାଜନେତାଙ୍କ ପାଇଁ ଭଲ ସମୟ।

**ସିଂହ:** କୌଣସି କାର୍ଯ୍ୟ କରିବା ପୂର୍ବରୁ ହଜାର ଥର ଚିନ୍ତା କରନ୍ତୁ। ଧନପ୍ରାପ୍ତି ଯୋଗ ରହିଛି। ପିଲାମାନଙ୍କ ଉନ୍ନତିରେ ଖୁସି ଅନୁଭବ କରିବେ। କିଣା-ବିକାରେ ସମୟ ବିତିବ। ବୈବାହିକ ଜୀବନ ସୁଖମୟ ହେବ।

**କନ୍ୟା:** ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିପାରେ। ଅକସ୍ମାତ ଖୁସି ଖବର ପାଇବେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। ବ୍ୟବସାୟରୁ ଲାଭ ପାଇବେ। କର୍ମକ୍ଷେତ୍ରରେ ନୂତନ ସହଯୋଗୀଙ୍କ ସାହାଯ୍ୟ ମିଳିବ।

**ବିଛା:** କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି। ଅଧିକ ଚିନ୍ତା କରନ୍ତୁନି। ନୂତନ ବ୍ୟବସାୟ ଆରମ୍ଭ କରିପାରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ମହିଳାମାନେ ଧର୍ମପରାୟଣା ହେବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ। ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ। ପରିବାର ସହିତ କିଛି ସମୟ ବିତାନ୍ତୁ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି। ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ। ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ। ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

## ଆଜିର ଇତିହାସ

- ୧୭୬୧- ମହାନ ମରାଠା ପେଶୱା ବାଲାଜୀ ବାଜିରାଓଙ୍କ ବିୟୋଗ।
- ୧୯୫୩- ଭାରତୀୟ ଜନସଂଘର ସଂସ୍ଥାପକ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଦେହାନ୍ତ।
- ୧୯୮୦- ଇନ୍ଦିରା ଗାନ୍ଧୀଙ୍କ ପୁତ୍ର ସଞ୍ଜୟ ଗାନ୍ଧୀଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ।
- ୧୯୯୪-ଉତ୍ତର କୋରିଆ ପରମାଣୁ କାର୍ଯ୍ୟକ୍ରମ ସ୍ଥଗିତ ରଖିବା ପାଇଁ ଘୋଷଣା କଲା।
- ୨୦୧୬- ବ୍ରିଟେନବାସୀ ୟୁରୋପୀୟ ସଂଘରୁ ଅଲଗା ହେବା ସପକ୍ଷରେ ଭୋଟ୍ ଦେଲେ।

## ପାଞ୍ଚ ମିନିଟ୍‌ରେ ଖାଇଲେ ୩୨ଟି ଆମ୍ବ



ସାମାଜିକ ଗଣମାଧ୍ୟମରେ ଅନେକ ସମୟରେ ଫୁଡ୍ ଚ୍ୟାଲେଞ୍ଜର ଭିଡିଓଗୁଡ଼ିକ ଭାଇରାଲ ହୋଇଥାଏ। ଏହି କ୍ରମରେ ବିହାରର ଇଶାନ କୁମାର ମାତ୍ର ପାଞ୍ଚ ମିନିଟ୍‌ରେ ୩୨ଟି ଆମ୍ବ ଖାଇ ଏବେ ଚର୍ଚ୍ଚାରେ ରହିଛନ୍ତି। ବିହାର, ମଧୁବନି ଜିଲ୍ଲାର ସରସୋମ୍ପାହି ଗାଁ ସ୍ଥିତ ସାର୍ ଗଙ୍ଗାନାଥ ଝା ପାଠାଗାରରେ ପ୍ରତିବର୍ଷ 'ମିଥିଳା ଆମ୍ବ ଉତ୍ସବ' ଆୟୋଜିତ ହୋଇଥାଏ। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଏହି ଉତ୍ସବକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମନରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। 'ଆମ୍ବ ଖାଅ ପ୍ରତିଯୋଗିତା'ରେ ଛୋଟ ପିଲାଠୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଅଂଶଗ୍ରହଣ କରିଥିଲେ। ଚଳିତବର୍ଷ ଏହି ଆୟୋଜନରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ଇଶାନ କୁମାର ମାତ୍ର ୫ମିନିଟ୍ ମଧ୍ୟରେ ୩୨ ଟି ଆମ୍ବ ଖାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିଭଳି ରାଜେଶ ମଣ୍ଡଳ ପାଞ୍ଚ ମିନିଟ୍‌ରେ ୨୬ଟି ଆମ୍ବ ଖାଇ ଦ୍ୱିତୀୟ ସ୍ଥାନରେ ଏବଂ ହର୍ଷ ନାଥ ଝା ୫ ମିନିଟ୍ ୨୨ଟି ଆମ୍ବ ଖାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜେତାମାନଙ୍କୁ ପୁରସ୍କାର ଦିଆଯାଇ ସମ୍ମାନିତ କରାଯାଇଥିଲା। ତେବେ ମିଥିଳାରେ ଆୟୋଜିତ ହେଉଥିବା ଏହି ଉତ୍ସବ ପାଇଁ ବିଭିନ୍ନ ସ୍ଥାନରୁ ଆମ୍ବର ଭିନ୍ନ ଭିନ୍ନ କିସମ ଅଣାଯାଇଥାଏ। ଏହାବାଦ୍ ସ୍ଥାନୀୟ ଚାଷୀଙ୍କଠାରୁ ଆମ୍ବ କିଣାଯାଇ ଏହାକୁ ଉତ୍ସବରେ ପ୍ରଦର୍ଶନ କରାଯାଇଥାଏ। ଡିଜିଟାଲ ଦୁନିଆରୁ ଲୋକଙ୍କୁ କିଛି ସମୟ ବାହାର କରି ଆଣିବା ତଥା ପରମ୍ପରାଗତ ଖାଦ୍ୟକୁ ପ୍ରୋତ୍ସାହନ ଦେବା ନିମନ୍ତେ ଏହି ଉତ୍ସବର ଆୟୋଜନ କରାଯାଉଥିବା ଏହାର ଆୟୋଜକମାନେ କହିଛନ୍ତି।

## କିଆରାଙ୍କ ପାଇଁ ୟଶ୍ ନେଲେ ଏହି ନିଷ୍ପତ୍ତି





ବଲିଉଡ୍ ଅଭିନେତ୍ରୀ କିଆରା ଆଡ଼ଭାନୀ ଏବେ ଗର୍ଭବତୀ ଥିବାରୁ କିଛି ଫିଲ୍ମରୁ ସେ ବାଦ୍ ପଡ଼ି ଯାଇଛନ୍ତି। 'ଡନ୍-୩'ରୁ ସେ ବାଦ୍ ପଡ଼ିବା ପରେ ଏବେ ତାଙ୍କ ବଦଳରେ ଏଥିରେ କ୍ରିତି ସାନନ୍ ନଜର ଆସିବେ। ଏହାବାଦ୍ କିଆରା ସାଉଥ୍ ସୁପରଷ୍ଟାର୍ ୟଶ୍‌ଙ୍କ ସହ 'ଟକ୍ସିକ୍' ଫିଲ୍ମରେ ନଜର ଆସିବେ। ଏହି ଫିଲ୍ମର କିଛି ଅଂଶ ସୁଟ୍ କରାଯାଇଥିଲେ ବି ଅଧାରୁ ଅଧିକ ସୁଟିଂ ବାକି ଅଛି। ତେବେ ୟଶ୍, କିଆରା ଗର୍ଭବତୀ ଥିବା କଥା ଜାଣି ଫିଲ୍ମକୁ ନେଇ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଫିଲ୍ମର ସୁଟିଂ ବେଙ୍ଗାଲୁରୁରେ ହେଉଥିଲା। ୟଶ୍ କିଆରାଙ୍କ ପାଇଁ ଏବେ ଏହାର ସେଟ୍ ମୁମ୍ବାଇରେ କରିବାକୁ ନିର୍ଦ୍ଦେଶକ ଗୀତୁ ମୋହନଦାସ ଓ ପ୍ରଯୋଜକ ଭେଙ୍କଟ କେ. ନାରାୟଣଙ୍କୁ ଅନୁରୋଧ କରିଛନ୍ତି। କିଆରାଙ୍କୁ ଯେମିତି ଯାତ୍ରା କରିବା ଯୋଗୁଁ କୌଣସି ଅସୁବିଧା ନ ହେବ ୟଶ୍ ଏପରି କରିଥିବା ଜଣାପଡ଼ିଛି। ଏହା ୧୯ ମାର୍ଚ୍ଚ, ୨୦୨୬ରେ ରିଲିଜ୍ ହେବ। ଏହି ଆକ୍ସନ-ଆଡଭେଞ୍ଚର ଫିଲ୍ମରେ ହୁମା କ୍ୟୁରେସି, ତାରା ସୂତାରିଆ, ଅକ୍ଷୟ ଓବରୟ ମଧ୍ୟ ନଜର ଆସିବେ। ଏହି ଫିଲ୍ମ ହିନ୍ଦୀ ବ୍ୟତୀତ କନ୍ନଡ଼, ଇଂରାଜୀ ସହ ଅନ୍ୟ ଛଅଟି ଭାଷାରେ ରିଲିଜ୍ ହେବ। ଫିଲ୍ମର ପୋଷ୍ଟର୍‌ରେ ୟଶ୍‌ଙ୍କ ଲୁକ୍ ଦେଖି ଦର୍ଶକେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି।

## ମରିବା ପୂର୍ବରୁ ମାଛ ଯନ୍ତ୍ରଣାରେ ଛଟପଟ ହୁଏ



ପ୍ରତିଦିନ ମଣିଷଙ୍କ ଖାଇବା ପାଇଁ ଲକ୍ଷ ଲକ୍ଷ ସଂଖ୍ୟକ ମାଛ ମରାଯାଏ। ମାଛ ମରିବା ପୂର୍ବରୁ ଭୀଷଣ ଯନ୍ତ୍ରଣାରେ ଛଟପଟ ହୋଇଥାଏ ବୋଲି ନିକଟରେ ଏକ ଗବେଷଣାରୁ ପ୍ରକାଶ ପାଇଛି। କେତେକ ମାଛ ମରିବା ପୂର୍ବରୁ ୨-୨୦ ମିନିଟ୍ ପର୍ଯ୍ୟନ୍ତ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହୋଇଥାନ୍ତି ବୋଲି ଏହି ଗବେଷଣାରେ କୁହାଯାଇଛି। ତେବେ ଏହି ଗବେଷଣା ରେନ୍‌ବୋ ଟ୍ରାଉଟ୍ ନାମକ ମାଛ ଉପରେ କରାଯାଇଥିଲା। ଏହି ମାଛକୁ ମାରିବା ପାଇଁ ଏୟାର ଆସ୍‌ଫିକ୍ସିଏସନ (ଶ୍ୱାସରୁଦ୍ଧ କରି ମାରିବା) ପଦ୍ଧତିର ସାହାଯ୍ୟ ନିଆଯାଇଥିଲା। ଉକ୍ତ ପ୍ରକ୍ରିୟାରେ ପ୍ରଥମେ ମାଛକୁ ପାଣିରୁ ବାହାର କରାଯାଏ। ଏହାପରେ ମାଛଗୁଡ଼ିକୁ ପବନରେ ଛାଡ଼ି ଦିଆଯାଏ। ଏହି ପ୍ରକ୍ରିୟାରେ ଧୀରେ ଧୀରେ ଅମ୍ଳଜାନ ଅଭାବରୁ ମାଛଟି ଶ୍ୱାସରୁଦ୍ଧ ହୋଇ ମରିଯାଏ। ସେହିପରି ପବନରେ ମାଛଟି କେବଳ ଗୋଟିଏ ମିନିଟ୍ ରହିବା ପରେ ହିଁ ତା'ର ଶରୀରରେ ପ୍ରତିକ୍ରିୟା ଆରମ୍ଭ ହୋଇଯାଏ। ଏହାଦ୍ୱାରା ମାଛର ଯନ୍ତ୍ରଣା ବୃଦ୍ଧି ପାଏ ଏବଂ ଏହା ୨-୨୦ ମିନିଟ୍ ପର୍ଯ୍ୟନ୍ତ ଚାଲେ। ଏହି କାରଣ ଯୋଗୁଁ ମାଛକୁ ଅସହନୀୟ ଯନ୍ତ୍ରଣା ସହିବାକୁ ପଡ଼ିଥାଏ। ସେହିପରି କିଛି ସ୍ଥାନରେ ମାଛକୁ ମାରିବା ପୂର୍ବରୁ ବରଫରେ ରଖାଯାଏ। ହେଲେ ଏହି ଉପାୟ ଅତ୍ୟନ୍ତ ଯନ୍ତ୍ରଣାଦାୟକ। ବରଫରେ ମାଛର ମେଟାବଲିଜିମ୍ ଧୀମା ହୋଇଯାଏ। ଏହାଦ୍ୱାରା ସେମାନେ ଚେତାଶୂନ୍ୟ ହେବା ଲାଗି ଅଧିକ ସମୟ ଲାଗେ। ଫଳରେ ସେମାନଙ୍କର ଯନ୍ତ୍ରଣା ସହିବା ସମୟ ଅଧିକ ହୋଇଯାଏ। ସେହିପରି ଏହି ଗବେଷଣାରେ ଏହାର ସମାଧାନ ସମ୍ପର୍କରେ ବି କୁହାଯାଇଛି। ଇଲେକଟ୍ରିକ୍ ଷ୍ଟନିଂ (ବିଦ୍ୟୁତ୍ ଅଚେତନ ବିଧି)କୁ ଆପଣାଇବା ଦ୍ୱାରା ମାଛର ଯନ୍ତ୍ରଣା କମ୍ ହୋଇଥାଏ ବୋଲି ଏଥିରେ କୁହାଯାଇଛି। ତେବେ ଏହି ଗବେଷଣା ସମୟରେ ଗବେଷକମାନେ ୱେଲଫେୟାର୍ ଫୁଟ୍‌ପ୍ରିଣ୍ଟ ଫ୍ରେମ୍‌ୱାର୍କ ନାମକ ଏକ ବୈଜ୍ଞାନିକ ପଦ୍ଧତିର ସାହାଯ୍ୟ ନେଇଥିଲେ। ଏହାଦ୍ୱାରା ପ୍ରତି ମିନିଟ୍‌ର ଯନ୍ତ୍ରଣାକୁ ଆକଳନ କରାଯାଏ। ତେବେ ଏହି ଗବେଷଣା ମାଛମାନଙ୍କ ପ୍ରତି ମାନବୀୟ ବ୍ୟବହାର ପ୍ରଦର୍ଶନ ପାଇଁ ଆହ୍ୱାନ ସୃଷ୍ଟି କରିଛି।

## ଘୋଷ ଯାତ୍ରା



**ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ପାଳିତ ହୁଏ ରଥଯାତ୍ରା। ଏହାକୁ 'ଘୋଷ ଯାତ୍ରା', 'ଶ୍ରୀଗୁଣ୍ଡିଚା ଯାତ୍ରା', 'ପତିତପାବନ ଯାତ୍ରା', 'ଆଡ଼ପମଣ୍ଡପ ଯାତ୍ରା', 'ଦଶାବତାର ଯାତ୍ରା' ବୋଲି ମଧ୍ୟ କୁହାଯାଏ। ଓଡ଼ିଶାର ମୁଖ୍ୟ ଯାତ୍ରା ଭାବେ ପୁରୀ ରଥଯାତ୍ରା ବିଶ୍ୱ ପ୍ରସିଦ୍ଧ। ସେହିପରି ଏହା ଜଗନ୍ନାଥ ମନ୍ଦିରରେ ପାଳିତ ଦ୍ୱାଦଶ ଯାତ୍ରା ମଧ୍ୟରେ ପ୍ରଧାନ। ଏହା ପୁରୀ ବ୍ୟତୀତ ବିଭିନ୍ନ ସ୍ଥାନରେ ପାଳିତ ହେଉଛି।**

ମହାପ୍ରଭୁ ଶ୍ରୀଜଗନ୍ନାଥ ବର୍ଷକୁ ଥରେ ରତ୍ନସିଂହାସନ ଛାଡ଼ି ଭକ୍ତଗହଣକୁ ରଥଯାତ୍ରା ଦିନ ଆସନ୍ତି। ରତ୍ନବେଦୀ ଛାଡି ଜନ୍ମବେଦୀକୁ ନବଦିନାତ୍ମକ ଯାତ୍ରାରେ ଯାଇଥାନ୍ତି ଚତୁର୍ଦ୍ଧାମୂର୍ତ୍ତି। ଘଣ୍ଟଘଣ୍ଟା, ଭଜନ କୀର୍ତ୍ତନ କାହାଳିରେ ଝୁଲି ଝୁଲି ଆସି ରଥାରୁଢ଼ ହୋଇଥାନ୍ତି ଶ୍ରୀଜୀଉ। ଏହି ଦିନ ଘଣ୍ଟ, ଶଙ୍ଖ ବାଦରେ ବଡ଼ଦାଣ୍ଡ ପ୍ରକମ୍ପିତ ହୁଏ। ଶ୍ରୀମନ୍ଦିରରୁ ପହଣ୍ଡି ହୋଇ ତିନି ରଥରେ ଶ୍ରୀବିଗ୍ରହ ବିଜେ କରନ୍ତି। ସେହିପରି ରଥ ଉପରେ ମହାପ୍ରଭୁଙ୍କ ଦର୍ଶନ ସହ ରଥ ଟାଣିବାକୁ ଉତ୍କଣ୍ଠାର ସହ ଭକ୍ତମାନେ ଚାହିଁଥାନ୍ତି।

## ମେହେନ୍ଦି ଲଗାଇବାର ମହତ୍ତ୍ୱ

**ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଆଷାଢ଼ ମାସରେ ମେହେନ୍ଦି ଲଗାଇବାର ବିଶେଷ ମହତ୍ତ୍ୱ ଅଛି। ମୁଖ୍ୟତଃ ଏହି ମାସରେ ପାଣିପାଗରେ ପରିବର୍ତ୍ତନ ଦେଖାଦିଏ। ଏଣୁ ଏହି ସମୟରେ ମେହେନ୍ଦି ଲଗାଇଲେ ଏହା ଶରୀରକୁ ଶୀତଳତା ପ୍ରଦାନ କରିବା ସହ ମନକୁ ଶାନ୍ତ ରଖେ।**

ଆଷାଢ଼ ମାସରେ ମେହେନ୍ଦି ରଙ୍ଗ ଯେତେ ଗାଢ଼ ହେବ, ଏହା ସେତିକି ଶୁଭ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ରଙ୍ଗ କେବଳ ହାତକୁ ସୁନ୍ଦର କରି ନ ଥାଏ, ଏହାର ସମ୍ବନ୍ଧ ଗ୍ରହ ସହ ବି ଜଡ଼ିତ ଥାଏ। ଜାତକରେ ମଙ୍ଗଳ ଓ ଶୁକ୍ର ଗ୍ରହକୁ ଶାନ୍ତ କରିବା ଲାଗି ମେହେନ୍ଦି ଲଗାଇବା ଶୁଭ। କାରଣ ମଙ୍ଗଳ ଗ୍ରହ ଶକ୍ତି ଓ କ୍ରୋଧ ସହ ସମ୍ବନ୍ଧିତ ଥିବା ବେଳେ ଶୁକ୍ର ଗ୍ରହ ପ୍ରେମ ଏବଂ ସମ୍ପର୍କ ସହ ଜଡ଼ିତ। ତେଣୁ ମେହେନ୍ଦି ଲଗାଇବା ଦ୍ୱାରା ଏହି ଦୁଇ ଗ୍ରହ ସନ୍ତୁଳନରେ ରହେ।

କୁହାଯାଏ, ବିବାହିତା ମହିଳା ଆଷାଢ଼ରେ ମେହେନ୍ଦି ଲଗାଇଲେ ବୈବାହିକ ଜୀବନ ସୁଖମୟ ହୋଇଥାଏ। ଘରେ ଶାନ୍ତି ବଜାୟ ରହେ। ସେହିପରି ମାନ୍ୟତା ଅଛି, ସନ୍ତାନ ପ୍ରାପ୍ତି ଲାଗି ମେହେନ୍ଦି ଲଗାଇବା ଶୁଭ। ଆଷାଢ଼ ମାସରେ ଭଗବାନ ବିଷ୍ଣୁଙ୍କ ପୂଜାର ବିଶେଷ ମହତ୍ତ୍ୱ ଅଛି। ଏହି ମାସରେ ଦେବଶୟନ ଏକାଦଶୀ ବ୍ରତ ପାଳନ କରାଯାଏ। ଏହି ଅବସରରେ ମେହେନ୍ଦି ଲଗାଇବା ଭଲ। ଏହି ସମୟରେ ଭଗବାନ ବିଷ୍ଣୁ ଶୟନ ଅବସ୍ଥାରେ ଥାନ୍ତି। ଏହି ସମୟରେ ଭଗବାନ ବିଷ୍ଣୁଙ୍କୁ ମେହେନ୍ଦି ଅର୍ପଣ କରିବା ଶୁଭ। ଜାତକରେ ନକାରାତ୍ମକ ପ୍ରଭାବ ଅନୁଭୂତ ହେଉଥିଲେ ମେହେନ୍ଦି ଲଗାଇବା ଶୁଭ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ମେହେନ୍ଦି ଲଗାଇବାର ଉତ୍ତମ ଦିନ ହେଉଛି ବୁଧବାର ଓ ଶୁକ୍ରବାର।

## ସ୍ୱସ୍ତି

## ଜନ୍ମବାରରୁ ବ୍ୟକ୍ତିତ୍ୱ



**ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଜାତକ, ରାଶି, ଜନ୍ମତିଥିରୁ ଯେଭଳି ଜଣକ ବ୍ୟକ୍ତିତ୍ୱ ଓ ସ୍ୱଭାବ ସମ୍ପର୍କରେ ଜାଣି ହୁଏ। ଠିକ୍ ସେହିପରି ଜନ୍ମବାରରୁ ଜଣଙ୍କ ସ୍ୱଭାବ ଓ ବ୍ୟବହାର ବାବଦରେ ଜାଣିବା ସମ୍ଭବ। ଏହି କ୍ରମରେ କେଉଁ ବାରରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିଙ୍କ ସ୍ୱଭାବ କିଭଳି ହୋଇଥାଏ, ସେ ସମ୍ପର୍କରେ ଜାଣିବା।**

**ରବିବାର:** ରବିବାର ଜନ୍ମଗ୍ରହଣ କରିଥିବା ବ୍ୟକ୍ତି ଭାଗ୍ୟଶାଳୀ ହୋଇଥାନ୍ତି। ସେମାନଙ୍କଠାରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ପ୍ରାଣୀଙ୍କୁ ମଧ୍ୟ ନିଜ ପ୍ରତି ଆକର୍ଷିତ କରିବାର କଳା ଥାଏ। ସେହିପରି ଏଭଳି ଲୋକେ ସହଜରେ ସାଙ୍ଗସାଥୀ ଓ ପରିବାର ସଦସ୍ୟଙ୍କୁ ପ୍ରଭାବିତ କରିପାରନ୍ତି। ମୁକ୍ତ ଚିନ୍ତାଧାରାର ହୋଇଥିବା ବେଳେ ସ୍ୱାଧୀନତାକୁ ଭଲପାଆନ୍ତି। ସେହିପରି ଥରେ ଯାହା ନିର୍ଣ୍ଣୟ ନେଇଥାନ୍ତି, ସେମାନେ ସେହି କାମ କରନ୍ତି।

**ସୋମବାର:** ଏହି ବାରରେ ଜନ୍ମିତ ବ୍ୟକ୍ତି ସ୍ୱଭାବରେ ଯତ୍ନବାନ ହୋଇଥାନ୍ତି। ଲୋକଙ୍କୁ ସୁରକ୍ଷିତ ଓ ସହଜ ଅନୁଭବ କରାଇବାକୁ ସେମାନେ ଭଲପାଆନ୍ତି। ଲୋକଙ୍କ ସହ ସହଜରେ ମିଶି ଯାଆନ୍ତି। ତେଣୁ ଲୋକଙ୍କଠାରୁ ଦୂରେଇବା କଷ୍ଟକର ହୁଏ। ଘରେ ରହିବାକୁ ଭଲପାଆନ୍ତି ଏବଂ ଘରେ ହିଁ ସେମାନେ ବାସ୍ତବିକ ଶାନ୍ତିକୁ ଅନୁଭବ କରନ୍ତି।

**ମଙ୍ଗଳବାର:** ଯେଉଁ ବ୍ୟକ୍ତି ମଙ୍ଗଳବାର ଜନ୍ମଗ୍ରହଣ କରିଥାନ୍ତି, ସେମାନେ ଉର୍ଜାବାନ ହୋଇଥାନ୍ତି। ସବୁବେଳେ କିଛି ନୂଆ କରିବାକୁ ପ୍ରସ୍ତୁତ ଥାନ୍ତି। ଏଭଳି ଲୋକଙ୍କ ଗୋଡ଼ ହଲାଇବା ଅଭ୍ୟାସ ଥାଏ। ତେବେ ନୂଆ ଜିନିଷ ସନ୍ଧାନ କରିବାକୁ ପସନ୍ଦ କରନ୍ତି ଏବଂ ବୁଝି ବିଚାରି କଥା କୁହନ୍ତି।

**ବୁଧବାର:** ଯେଉଁମାନେ ବୁଧବାରରେ ଜନ୍ମ ହୋଇଥାନ୍ତି, ସେମାନେ ଯୋଗାଯୋଗ ମାମଲାରେ କୁଶଳୀ ହୋଇଥାନ୍ତି। ଏଭଳି ବ୍ୟକ୍ତିଙ୍କଠାରେ କଥା ମାଧ୍ୟମରେ ଅନ୍ୟକୁ ସହଜରେ ପ୍ରଭାବିତ କରିବାର କ୍ଷମତା ଥାଏ। ବେବେଳେବେଳେ ବେପରୁଆ ମନୋଭାବ ଦେଖାନ୍ତି। ଭ୍ରମଣ ପ୍ରିୟ ହୋଇଥିବା ବେଳେ ଅନ୍ୟମାନଙ୍କଠାରୁ ବେଶି କିଛି ଆଶା ରଖନ୍ତି ନାହିଁ।

**ଗୁରୁବାର:** ଗୁରୁବାର ଜନ୍ମିତ ବ୍ୟକ୍ତି ସୌଭାଗ୍ୟଶାଳୀ ଓ ଉତ୍ତମ ପରାମର୍ଶଦାତା ହୋଇଥାନ୍ତି। ଠିକ୍ ସମୟରେ ଉନ୍ନତି କରିବା ସହ ଖୁସି ଅନୁଭବ କରନ୍ତି। ସେମାନଙ୍କର ଅନ୍ୟତମ ବିଶେଷତ୍ୱ ହେଉଛି, ପରିବାର କଥା ବହୁତ ଚିନ୍ତା କରନ୍ତି। ଏଭଳି ଲୋକ ଶୀଘ୍ର ଏବଂ ସହଜରେ ବିରକ୍ତି ହୋଇଥାନ୍ତି। ତେଣୁ ଜୀବନକୁ ରୋମାଞ୍ଚକର କରିବା ପାଇଁ ନୂଆ ଉପାୟର ଖୋଜନ୍ତି।

**ଶୁକ୍ରବାର:** ଉକ୍ତ ବାରରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିବିଶେଷ ଆକର୍ଷଣୀୟ ଓ ସୃଜନାତ୍ମକ ହୋଇଥାନ୍ତି। ଆରାମ ଓ ବିଳାସପୂର୍ଣ୍ଣ ଜୀବନ ଜିଇଁବାକୁ ପସନ୍ଦ କରନ୍ତି। ସବୁ କାମରେ ପୂର୍ଣ୍ଣତା ଚାହିଁଥାନ୍ତି। ବିଶେଷକରି ପ୍ରେମ ବ୍ୟାପାରରେ।

**ଶନିବାର:** ଶନିବାର ଜନ୍ମିତ ବ୍ୟକ୍ତି ସ୍ୱଭାବରେ କଠିନ ପରିଶ୍ରମୀ, ବିଶ୍ୱାସଯୋଗ୍ୟ ଏବଂ ଦାୟିତ୍ୱବାନ ହୋଇଥାନ୍ତି। ଯେଉଁ କାମ କରନ୍ତି, ସେଥିରେ ବୁଡ଼ି ରହିବାକୁ ପସନ୍ଦ କରନ୍ତି। ସେମାନଙ୍କରଠାରେ ଉତ୍ତମ ବ୍ୟାବସାୟିକ କଳା ଥାଏ। ସେହିପରି ସ୍ୱଭାବରେ ଲାଜକୁଳା ହୋଇଥିବାରୁ ଏକାକୀ ଓ ଅଲଗା ରହିବାକୁ ଭଲପାଆନ୍ତି। ଏପରିକି ବେଳେ ବେଳେ ପ୍ରେମ ମାମଲାରୁ ଦୂରେଇ ରହନ୍ତି।

## ଉପହାରରେ ଧାର୍ମିକ ଗ୍ରନ୍ଥ

ଜ୍ୟୋତିଷ ଶାସ୍ତ୍ର ତଥା ପୁରାଣରେ ଦାନର ବିଶେଷ ମହତ୍ତ୍ୱ ଥିବା କୁହାଯାଇଛି। ଉପହାରକୁ ବି ଦାନର ସ୍ୱରୂପ ଭାବେ ବିବେଚନା କରାଯାଏ। ଏହି କ୍ରମରେ ଉପହାରରେ ଭଗବଦ ଗୀତା, ରାମଚରିତ ମାନସ, ରାମାୟଣ, ଠାକୁରଙ୍କ ମୂର୍ତ୍ତି ଆଦି ପ୍ରଦାନ କରଯାଏ। ତେବେ ଏସବୁ ଦେବା ଠିକ୍ ନା ଭୁଲ୍, ସେ ସମ୍ପର୍କରେ ଜାଣିବା।



- ଧାର୍ମିକ ଗ୍ରନ୍ଥ ଉପହାରରେ ପ୍ରଦାନ କରିବା ଅତ୍ୟନ୍ତ ପବିତ୍ର। ଏହାକୁ ସାତ୍ୱିକ ଓ ଧାର୍ମିକ ବ୍ୟକ୍ତିଙ୍କୁ ଦିଅନ୍ତୁ।
- ସତକର୍ମ କରୁଥିବା ବ୍ୟକ୍ତିଙ୍କୁ ଭଗବାନଙ୍କ ମୂର୍ତ୍ତି ବା ଭଗବଦ ଗୀତା ଦେବା ଶୁଭ।
- ତେବେ ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ନ ଥିବା ବ୍ୟକ୍ତିବିଶେଷଙ୍କୁ ଏଭଳି ଜିନିଷ ଉପହାରରେ ଦିଅନ୍ତୁ ନାହିଁ।
- ସ୍କନ୍ଦ ପୁରାଣ ଅନୁସାରେ ଭଗବଦ ଗୀତା, ରାମଚରିତ ମାନସ, ରାମାୟଣ ଭଳି ପବିତ୍ର ଗ୍ରନ୍ଥ ଅପାତ୍ରରେ ଦାନ କରନ୍ତୁ ନାହିଁ।

## ଅଫିସ୍ ବ୍ୟାଗ୍‌ରେ କେଉଁ ଜିନିଷ ରଖିବେ ନାହିଁ

ସାଧାରଣତଃ ଅଫିସ୍ ବ୍ୟାଗ୍‌ରେ ଅଫିସ୍ ଜିନିଷ ସମେତ କିଛି ନିତ୍ୟବ୍ୟବହାର୍ଯ୍ୟ ଜିନିଷ ରଖାଯାଏ। ଯାହାକି ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଠିକ୍ ନୁହେଁ। ତେବେ କେଉଁ ଜିନିଷ ଅଫିସ୍ ବ୍ୟାଗ୍‌ରେ ରଖିବେ ନାହିଁ, ତାହା ନିମ୍ନରେ ପ୍ରଦତ୍ତ କରାଗଲା।

- ଅଫିସ୍ ବ୍ୟାଗ୍‌ରେ ପାନିଆ, ଟୁଥ୍‌ବ୍ରଶ ଆଦି ରଖନ୍ତୁ ନାହିଁ। ଏଭଳି ଜିନିଷ ରଖିବା ଦ୍ୱାରା ନକାରାତ୍ମକ ଶକ୍ତ ସଞ୍ଚାର ହୁଏ। କ୍ୟାରିୟର ଉନ୍ନତିରେ ହୁଏ ନାହିଁ।
- ଅନେକେ ଅଫିସ୍ ବ୍ୟାଗ୍‌ରେ ଛୋଟ ଛୁରୀ ନଟେଚ୍ ନେଲ୍ କଟର ରଖନ୍ତି। ବାସ୍ତୁ ନିୟମ ଦୃଷ୍ଟିରୁ ଏଭଳି କରିବା ଅଶୁଭ। ଏସବୁ ଜିନିଷ ରଖିବା ଦ୍ୱାରା ସହକର୍ମୀଙ୍କ ସହ ବିବାଦ ଉପୁଜେ। ବ୍ୟକ୍ତିତ୍ୱ ପ୍ରଭାବିତ ହେବା ସହ କ୍ୟାରିୟର ବାଧାପ୍ରାପ୍ତ ହୁଏ।
- ସେହିପରି ଅଫିସ୍ ବ୍ୟାଗ୍‌ରେ ଅପରିଷ୍କାର କପଡ଼ା ରଖନ୍ତୁ ନାହିଁ। ଏହା ଦ୍ୱାରା ସ୍ୱଭାବରେ ପରିବର୍ତ୍ତନ ଆସେ। ବିଶେଷକରି ଚିଡଚିଡାପଣ, କ୍ରୋଧ, ଥକ୍କାପଣ ଦେଖା ଦିଏ। ଫଳରେ ଅଫିସ୍ କାର୍ଯ୍ୟରେ ମନ ଲାଗେ ନାହିଁ।

ସକାଳ THE SAKALA
www.sakalaepaper.com

## ବୁମ୍ରାଙ୍କ ଘାତକ ବୋଲିଂ, ୯ ୯ ରନ୍‌ରେ ଆଉଟ ହେଲେ ବ୍ରୁକ୍

# ଇଂଲଣ୍ଡ ବିପକ୍ଷରେ ଭାରତ ପ୍ରଥମ ଇନିଂସ ଆଗୁଆ

ଲିଡ୍ସ, ୨୨।୬ (ଏଜେନ୍ସି)

ବିଶ୍ୱର ଶ୍ରେଷ୍ଠ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍ରାଙ୍କ ଫ୍ଲାଟ୍ ପିଚ୍‌ରେ ଚମତ୍କାର ବୋଲିଂ ବଳରେ ଏଠାରେ ଇଂଲଣ୍ଡ ସହ ଚାଲିଥିବା ପ୍ରଥମ ଟେଷ୍ଟରେ ଭ୍ରମଣକାରୀ ଭାରତ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ପ୍ରଥମ ଇନିଂସରେ ୪୭୧ ରନ୍ କରିଥିଲା। ଜବାବରେ ହ୍ୟାରି ବ୍ରୁକ୍‌ର ୯ ୯ ଓ ଶେଷ ଭାଗ ବ୍ୟାଟରଙ୍କ ଉପଯୋଗୀ ଯୋଗଦାନ ଫଳରେ ତୃତୀୟ ଦିନ ଟି ସୁଦ୍ଧା ଇଂଲଣ୍ଡ ୪୬୫ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଇଂଲଣ୍ଡର ୫ଜଣ ଖେଳାଳିଙ୍କୁ ଆଉଟ କରି ବୁମ୍ରା ସର୍ବାଧିକ କ୍ଷତି ଘଟାଇଥିଲେ। କିନ୍ତୁ ତାଙ୍କ ବୋଲିଂରେ ଭାରତୀୟ ଫିଲ୍ଡରମାନେ ମଧ୍ୟ ୪ଟି କ୍ୟାଚ୍ ହାତଛଡ଼ା କରିଥିଲେ। ଅନ୍ୟ ଦୁଇ ପେସ ବୋଲର ପ୍ରସିଦ୍ଧ କ୍ରିଷ୍ଣା ୩ଟି ଓ ମହମ୍ମଦ୍ ସିରାଜ ୨ଟି ୱିକେଟ ପାଇଥିଲେ। ଏହା ଫଳରେ ଇଂଲଣ୍ଡ ଇନିଂସରେ ସମସ୍ତ ୧୦ଟି ଯାକ ୱିକେଟ ପେସ୍ ବୋଲରଙ୍କୁ ମିଳିଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଭାରତ ରବିବାର ଷ୍ଟମ୍ପସ୍ ସୁଦ୍ଧା ୨ ୱିକେଟ୍‌ରେ ୯୦ ରନ୍ ସଂଗ୍ରହ କରିଛି। ଏହି ସମୟରେ ଲୋକେଶ ରାହୁଲ ୪୭ ଓ ଶୁବମନ୍ ଗିଲ୍ ୬ ରନ୍‌ରେ ବ୍ୟାଟିଂ କରୁଥିଲେ । ସାଇ ସୁଦର୍ଶନ ୩୦ ଓ ଯଶସ୍ୱୀ ଜୟସ୍ୱାଲ ୪ ରନ୍‌ରେ ଆଉଟ୍ ହୋଇଛନ୍ତି।

### ଇଂଲଣ୍ଡକୁ ସମ୍ଭାଳିଲେ ହ୍ୟାରୀ ବ୍ରୁକ୍

ଏଠାରେ ଇଂଲଣ୍ଡ ମ୍ୟାଚ୍‌ର ତୃତୀୟ ଦିନ ୩ ୱିକେଟରେ ୨୦୯ ରନ୍‌ରୁ ସତର୍କତାର ସହ ଖେଳିଥିଲା। ପୂର୍ବଦିନ ଶତକ ହାସଲ କରିଥିବା ଓଲି ପୋପ ଆଉ ୬ ରନ୍ କରିବା ପରେ ୧୦୬ ରନ୍ କରି ପ୍ରଥମ ଖେଳାଳି ଭାବେ ଆଉଟ ହୋଇଥିଲେ। କିନ୍ତୁ ଶୂନ୍ ରନ୍‌ରେ ଅପରାଜିତ ଥିବା ଇଂଲଣ୍ଡ ସୀମିତ ଓଭର ଅଧିନାୟକ ହ୍ୟାରୀ ବ୍ରୁକ୍ ଚମତ୍କାର ଢଙ୍ଗୀରେ ଭାରତୀୟ ବୋଲରଙ୍କୁ ଆକ୍ରମଣ କରିବା ସହ ଶେଷ ଭାଗ ଖେଳାଳିଙ୍କ ସହାୟତାରେ ଦ୍ରୁତ ରନ୍ ସଂଗ୍ରହ କରିଥିଲେ। ସେ ଖାତା ଖୋଲିବା ପୂର୍ବରୁ କଟ୍ ହୋଇଥିଲେ। କିନ୍ତୁ ତାହା ନୋ ବଲ ଥିଲା। ସେହିପରି ସେ ୮୩ ରନ୍ କରିଥିଲାବେଳେ ବୁମ୍ରାଙ୍କ ବୋଲିଂରେ ଯଶସ୍ୱୀ ଜୟସ୍ୱାଲ ଗଲି ଅଞ୍ଚଳରେ ତାଙ୍କ କ୍ୟାଚ୍ ହାତଛଡ଼ା କରିଥିଲେ। ବ୍ରୁକ୍ କିନ୍ତୁ ଶତକ ହାସଲ କରି ପାରି ନ ଥିଲେ। ସେ ୯ ୯ ରନ୍ କରିଥିଲାବେଳେ କ୍ରିଷ୍ଣାଙ୍କ ବୋଲିଂରେ ଦେଇଥିବା ସୁଯୋଗକୁ ଶାର୍ଦ୍ଦୁଳ ଠାକୁର କ୍ୟାଚ୍ ନେଇ ଆଉଟ କରିଥିଲେ। ତାଙ୍କୁ ସୁଯୋଗ ଦେବା କେତେ ମହଙ୍ଗା ହେବ ତାହା ପରେ ଜଣାପଡ଼ିବ। ଇଂଲଣ୍ଡର ଅନ୍ୟ ଖେଳାଳିମାନେ ମଧ୍ୟ ଉପଯୋଗୀ ସହାୟତା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୱିକେଟରକ୍ଷକ ଜେମି ସ୍ମିଥ ୫୨ ବଲ୍ ଖେଳି ୪୦, କ୍ରିସ୍ ଓକ୍ସ ୫୫ ବଲ୍ ଖେଳି ୩୮ ଓ ବ୍ରାଇଡନ କାର୍ସ ୨୩ ବଲ୍‌ରୁ ୨୨ ରନ୍ ସଂଗ୍ରହ କରିବା ଫଳରେ ଭାରତଠାରୁ ଇଂଲଣ୍ଡ ମାତ୍ର ୬ ରନ୍ ପଛରେ ରହିଥିଲା।





### ବୁମ୍ରାଙ୍କ ବୋଲିଂରେ ୪ଟି କ୍ୟାଚ୍ ଡ୍ରପ୍

ଏହି ଟେଷ୍ଟରେ ଇଂଲଣ୍ଡ ପ୍ରଥମ ଇନିଂସରେ ଭାରତର ଷ୍ଟ୍ରାଇକ୍ ବୋଲର ଯଶପ୍ରୀତ୍ ବୁମ୍ରାଙ୍କ ବୋଲିଂରେ ଫିଲ୍ଡରମାନେ ୪ଟି କ୍ୟାଚ୍ ଡ୍ରପ୍ କରିଛନ୍ତି। ଏହାର ଫାଇଦା ନିଶ୍ଚିତଭାବେ ଇଂଲଣ୍ଡକୁ ମିଳିଛି। ଏହି ୪ଟି ମଧ୍ୟରୁ ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲ ୩ଟି ଓ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଗୋଟିଏ କ୍ୟାଚ୍ ଡ୍ରପ୍ କରିଥିଲେ। ଖେଳର ଦ୍ୱିତୀୟ ଦିନ ୩ଟି ଓ ତୃତୀୟ ଦିନ ଗୋଟିଏ କ୍ୟାଚ୍ ଡ୍ରପ୍ ହୋଇଥିଲା। କ୍ୟାଚ୍ ଡ୍ରପ୍ ଖେଳର ଏକ ଅଂଶବିଶେଷ ହୋଇପାରେ, କିନ୍ତୁ ଘରୋଇ ମାଟିରେ ଖେଳୁଥିବା ଇଂଲଣ୍ଡ ଏଥିରୁ କେତେ ଫାଇଦା ଉଠାଇବ ତାହା ସମୟ କହିବ। କ୍ୟାଚ୍ ଡ୍ରପ୍ ସତ୍ତ୍ୱେ ବୁମ୍ରା ଏହି ସର୍ବାଧିକ ୫ଟି ୱିକେଟ ନେଇଥିଲେ। ଟେଷ୍ଟ କ୍ରିକେଟର ଗୋଟିଏ ଇନିଂସରେ ସେ ଏହାକୁ ମିଶାଇ ୧୪ଥର ସକାଶେ ଏହି ସଫଳତା ପାଇଛନ୍ତି। ତାହା ମଧ୍ୟରୁ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୩ଟି ଓ ମହମ୍ମଦ୍ ସିରାଜଙ୍କ ଖାତାରେ ୨ଟି ରହିଛି।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ**: ୪୭୧ (ଗିଲ-୧୪୭, ପନ୍ତ-୧୩୪, ଜୟସ୍ୱାଲ-୧୦୧, ଷ୍ଟୋକ୍ସ-୪/୬୬, ଟଙ୍ଗ୍-୪/୮୬)।
**ଇଂଲଣ୍ଡ ପ୍ରଥମ ଇନିଂସ** : ୪୬୫ (ପୋପ୍-୧୦୬, ବ୍ରୁକ୍-୯ ୯, ଡକେଟ-୬୨, ବୁମ୍ରା-୫/୮୩, କ୍ରିଷ୍ଣା-୩/୧୨୮, ସିରାଜ- ୨/୧୨୨)।
**ଭାରତ ଦ୍ୱିତୀୟ ଇନିଂସ**: ୯୦/୨ (ରାହୁଲ-୪୭*, ଗିଲ୍-୬*, ସୁଦର୍ଶନ-୩୦, ଜୟସ୍ୱାଲ-୪ ,କାର୍ସ-୧/୨୭)।

## ଗୋଟିଏ ଟେଷ୍ଟରେ ଦୁଇଥର କଳାପଟି ପିନ୍ଧିଲେ ଖେଳାଳି

ଲିଡ୍ସ, ୨୨।୬ (ଏଜେନ୍ସି): ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟର ତୃତୀୟ ଦିନରେ ଖେଳାଳିମାନେ କଳାପଟି ପିନ୍ଧି ଖେଳିଥିଲେ। ଆଜି ଇଂଲଣ୍ଡର ପୂର୍ବତନ ଫାଷ୍ଟ ବୋଲର ତଥା ବ୍ରିଟେନରେ ଜନ୍ମିତ ପ୍ରଥମ କୃଷ୍ଣକାୟ କ୍ରିକେଟର ଡେଭିଡ ଲରେନ୍ସଙ୍କ ୬୧ ବର୍ଷରେ ବିୟୋଗ ହୋଇଥିଲା। ତାଙ୍କ ଅମର ଆତ୍ମାକୁ ସମ୍ମାନ ଜଣାଇ ଆଜି ଉଭୟ ଦଳର ଖେଳାଳିମାନେ ହାତରେ କଳାପଟି ପିନ୍ଧି ଖେଳିଥିଲେ। ଏହା ପୂର୍ବରୁ ଭାରତର ଅହମ୍ମଦାବାଦ୍‌ରେ ଅନୁଷ୍ଠିତ ବିମାନ ଦୁର୍ଘଟଣାରେ ମୃତାହତଙ୍କୁ ସମ୍ମାନ ଜଣାଇ ଉଭୟ ଦଳର ଖେଳାଳିମାନେ ମଧ୍ୟ କଳାପଟି ପିନ୍ଧି ଖେଳିଥିଲେ।

## କୁଇନ୍ସ କ୍ଲବ୍‌ରେ ଆଲ୍‌କାରାଜ୍ ଚାମ୍ପିଅନ

ଲଣ୍ଡନ,୨୨।୬ (ଏଜେନ୍ସି): ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନ ଜୁନ ୩୦ରୁ ଏଠାରେ ଆରମ୍ଭ ହେବ। ତେବେ ଏହା ପୂର୍ବରୁ ଅନୁଷ୍ଠିତ କୁଇନ୍ସ କ୍ଲବ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହୋଇ ଟପ୍ ସିଡ୍ ସ୍ପେନର କାର୍ଲୋସ ଆଲ୍‌କାରାଜ ମନୋବଳ ଦୃଢ଼ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ଆଲ୍‌କାରାଜ ୭-୫, ୬-୭ (୫), ୬-୨ ସେଟ୍‌ରେ ଚେକ୍ ଗଣରାଜ୍ୟର ଜିରି ଲିହେକଙ୍କୁ ପରାସ୍ତ କରି କୁଇନ୍ସ କ୍ଲବରେ ଚାମ୍ପିଅନ ହୋଇଥିଲେ। ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ଆଲ୍‌କାରାଜ ୨୦୨୩ ପରେ ପ୍ରଥମ ଏଟିପି-୫୦୦ ଟାଇଟଲ୍ ଜିତିଛନ୍ତି। ସେହିଭଳି ଆଲ୍‌କାରାଜଙ୍କ ଏହା ଗ୍ରାସକୋର୍ଟରେ ୪ର୍ଥ ଟ୍ରଫି।

### ୭୮ତମ ଜାତୀୟ ସିନିଅର ଜଳକ୍ରୀଡ଼ା ଉଦ୍‌ଘାଟିତ

## ଓଡ଼ିଶା ପାଇଁ ସ୍ୱର୍ଣ୍ଣ ଜିତିଲେ ସ୍ରିଷ୍ଟି

ଭୁବନେଶ୍ୱର,୨୨।୬ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଇଣ୍ଡୋର ଆକ୍ୱାଟିକ ସେଣ୍ଟରରେ ରବିବାର ଜାତୀୟ ସିନିଅର ଜଳକ୍ରୀଡ଼ା ଚାମ୍ପିଅନସିପ୍‌ର ୭୮ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ଏହି ସମ୍ମାନଜନକ ସନ୍ତରଣ





ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶା ପ୍ରଥମ ଦିନରେ ସ୍ୱର୍ଣ୍ଣିମ ସଫଳତା ପାଇଛି। ସ୍ରିଷ୍ଟି ଉପାଧ୍ୟାୟ ଘରୋଇ ଦର୍ଶକଙ୍କ ସାମ୍ନାରେ ଏହି ସ୍ୱର୍ଣ୍ଣପଦକ ସଫଳତା ଆଣିଛନ୍ତି। ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ମହିଳା ୧୦୦ ମିଟର ବଟରଫ୍ଲାଏ ଇଭେଣ୍ଟର ଫାଇନାଲରେ ସ୍ରିଷ୍ଟି ୧ ମିନିଟ୍ ୦୩.୫୦ ସେକେଣ୍ଡରେ ଫିନିଶ୍ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ରେଲୱେ ସ୍ପୋର୍ଟ୍ସ ପ୍ରମୋସନ ବୋର୍ଡ (ଆର୍‌ଏସ୍‌ପିବି)ର ଆସ୍ଥା ଚୌଧୁରୀ ମଧ୍ୟ ସମାନ ଟାଇମିଂ ନେଇ ପ୍ରଥମ ସ୍ଥାନରେ ରହିଥିଲେ। ଫଳରେ ସ୍ରିଷ୍ଟିଙ୍କ ସହ ଆସ୍ଥା ଯୁଗ୍ମ ଭାବେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। କର୍ଣ୍ଣାଟକର ଧିନିଧି ଦେଶିଙ୍ଗୁଙ୍କୁ କାଂସ୍ୟ ପଦକ ମିଳିଥିଲା। ଦୁଇଜଣ ଖେଳାଳି ପ୍ରଥମ ସ୍ଥାନରେ ରହିଥିବାରୁ ଏଥିରେ ରୌପ୍ୟ ପଦକ କାହାରିକୁ ଦିଆଯାଇ ନ ଥିଲା। ସବୁଠୁ ଉଲ୍ଲେଖନୀୟ କଥା ହେଉଛି ଅଲିମ୍ପିଆନ ଧିନିଧିଙ୍କୁ ପଛରେ ପକାଇ ସ୍ରିଷ୍ଟି ଏହି ସଫଳତା ପାଇଛନ୍ତି। ୧୫ ବର୍ଷୀୟା ଧିନିଧି ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ। ସେହିଭଳି ଓଡ଼ିଶାର ଅନ୍ୟତମ ଜଣାଶୁଣା ସନ୍ତରଣକାରୀ ମନ୍ନତା ମିଶ୍ର ଅଳ୍ପକେ ପୋଡିୟମ ଫିନିଶ କରିବାରୁ ବଞ୍ଚିତ ହୋଇଥିଲେ। ସେ ମହିଳା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଫାଇନାଲକୁ ୨ ମିନିଟ୍ ୪୧.୪୩ ସେକେଣ୍ଡରେ ଫିନିଶ କରି ୪ର୍ଥ ସ୍ଥାନରେ ରହିଥିଲେ। ଏହି ଇଭେଣ୍ଟରେ ଅନ୍ୟତମ ଓଡ଼ିଆ ସନ୍ତରଣକାରୀ ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନ (୨:୪୨.୯୮) ୬ଷ୍ଠ ସ୍ଥାନରେ ରହିଥିଲେ।

ସେହିଭଳି ପ୍ରଥମ ଦିବସରେ ଗୋଟିଏ ନୂଆ ଜାତୀୟରେକର୍ଡ ପ୍ରତିଷ୍ଠା ହୋଇଛି। ପୁରୁଷ ୧୦୦ ମିଟର ବଟରଫ୍ଲାଏରେ ତାମିଲନାଡୁର ବି. ବେନେଡେକସନ ରୋହିତ୍ ୫୨.୫୭ ସେକେଣ୍ଡ ସମୟ ନେଇ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ରବିବାର ଅପରାହ୍ଣରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭାରତୀୟ ସନ୍ତରଣ ମହାସଂଘର ସଭାପତି ଆର୍.ଏନ୍. ଜୟପ୍ରକାଶ, ସମ୍ପାଦକ ମୋନାଲ ଚୋକ୍ସି, ରାଜ୍ୟ ସଂଘର ସମ୍ପାଦକ ଗୋଲାପମଣୀ ମହାନ୍ତ, କ୍ରୀଡ଼ା ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ ପଣ୍ଡା ପ୍ରମୁଖ ଅତିଥିଭାବେ ଉପସ୍ଥିତ ରହି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜୁନ ୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ସାରା ଦେଶର ୪୦୦ରୁ ଊର୍ଦ୍ଧ୍ୱ ସନ୍ତରଣକାରୀ ଭାଗନେଇଛନ୍ତି।

## ଟି-୨୦ ବିଶ୍ୱକପ୍‌କୁ କାନାଡାର ଯୋଗ୍ୟତା

ଓଣ୍ଟାରିଓ, ୨୨।୬ (ଏଜେନ୍ସି): ପୁରୁଷ ଟି-୨୦ ବିଶ୍ୱକପ୍‌ର ଆଗାମୀ ସଂସ୍କରଣକୁ ୧୩ତମ ଦଳ ଭାବେ କାନାଡା ଯୋଗ୍ୟତା ଅର୍ଜନ କରିଛି। ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ୨୦୨୬ରେ ଖେଳାଯିବ। କାନାଡା ପୂର୍ବରୁ ଦୁଇ ଆୟୋଜକ ଭାରତ ଓ ଶ୍ରୀଲଙ୍କା ସମେତ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଆମେରିକା, ୱେଷ୍ଟଇଣ୍ଡିଜ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ଯୋଗ୍ୟତା ଅର୍ଜନ କରିଥିଲେ। ଏଥିପୂର୍ବରୁ ୨୦୨୪ରେ ଆମେରିକାରେ ଅନୁଷ୍ଠିତ ସଂସ୍କରଣକୁ କାନାଡା ଯୋଗ୍ୟତା ଅର୍ଜନ କରିଥିଲା। ଏଥିରେ ଗ୍ରୁପ୍ ପର୍ଯ୍ୟାୟର ୪ଟି ମ୍ୟାଚରୁ କେବଳ ଆୟର୍ଲାଣ୍ଡ ବିପକ୍ଷରେ କାନାଡା ବିଜୟ ହାସଲ କରିଥିଲା।

### ● ଜାତୀୟ ସିନିଅର ବଧିର କ୍ରୀଡ଼ା

## ଓଡ଼ିଶା ଟାଏକ୍ୱୋଣ୍ଡୋ ଦଳକୁ ୩ ପଦକ



ଭୁବନେଶ୍ୱର, ୨୨।୬ (ସମିସ): ଉତ୍ତର ପ୍ରଦେଶର କାନପୁରଠାରେ ଅନୁଷ୍ଠିତ ୨୭ତମ ଜାତୀୟ ସିନିଅର ବଧିର କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ଟାଏକ୍ୱୋଣ୍ଡୋ ଦଳ ୩ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୨ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ରହିଛି। ଓଡ଼ିଶା ପାଇଁ ମଣ୍ଡଳ ନାୟକ ୮୦ କିଗ୍ରାରୁ କମ୍ ବର୍ଗ ଓ ଶୁଭମ ହେମ୍ବ୍ରମ ୬୯ କିଗ୍ରାରୁ କମ୍ ବର୍ଗରେ ରୌପ୍ୟ ପଦକ ହାସଲ କରିଥିଲେ। ସେହିଭଳି ୫୮ କିଗ୍ରା ବର୍ଗରେ ମନୋଜ ଦାସ କାଂସ୍ୟପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

### ଚତୁଃରାଷ୍ଟ୍ରୀୟ କନିଷ୍ଠ ପୁରୁଷ ହକି

## ଅଷ୍ଟ୍ରେଲିଆକୁ ହରାଇଲା ଭାରତ

ବର୍ଲିନ, ୨୨।୬ (ଏଜେନ୍ସି): ଜର୍ମାନୀର ରାଜଧାନୀ ବର୍ଲିନରେ ଚାଲିଥିବା ଚତୁଃରାଷ୍ଟ୍ରୀୟ କନିଷ୍ଠ ପୁରୁଷ ହକିରେ ଭାରତୀୟ ଦଳ ଦ୍ୱିତୀୟ ମୁକାବିଲାରେ ଦମ୍‌ଦାର ବିଜୟ ହାସଲ କରିଛି। ରବିବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ୩-୧ ଗୋଲ୍‌ରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ମାତ୍ ଦେଇଛି। ପ୍ରତିଯୋଗିତାରେ ଭାରତର ଏହା ପ୍ରଥମ ବିଜୟ। ପୂର୍ବରୁ ପ୍ରଥମ ମ୍ୟାଚରେ ଘରୋଇ ଜର୍ମାନୀ ନିକଟରୁ ୭-୧ ଗୋଲ୍‌ରେ ଭାରତ ପରାସ୍ତ ହୋଇଥିଲା। ଭାରତ ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ସ୍ପେନକୁ ଭେଟିବ। ରବିବାର ଖେଳାଯାଇଥିବା ଏହି ମ୍ୟାଚର ୧୫ତମ ମିନିଟ୍‌ରେ ଶ୍ରଦ୍ଧାନନ୍ଦ ତିୱାରୀଙ୍କ ଗୋଲ୍ ବଳରେ ଭାରତ ପ୍ରଥମାର୍ଦ୍ଧରେ ୧-୦ରେ ଅଗ୍ରଣୀ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ଭାରତ ଆଉ ଦୁଇଟି ଗୋଲ୍ ଦେଇଥିଲା। ୩୬ତମ ମିନିଟ୍‌ରେ ସୌରଭ ଆନନ୍ଦ ଖୁସୱାହ ଓ ୪୩ତମ ମିନିଟ୍‌ରେ ଅମିର ଅଲି ଏହି ଦୁଇଟି ଗୋଲ୍ ଦେଇଥିଲେ। ଫଳରେ ତୃତୀୟାର୍ଦ୍ଧ ସୁଦ୍ଧା ୩-୦ରେ ଭାରତ ଏକପାଖିଆ ଅଗ୍ରଣୀ ରହି ପ୍ରଭାବ ବିସ୍ତାର କରିଥିଲା। ତେବେ ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଅଷ୍ଟ୍ରେଲିଆ ପାଇଁ ଓଲିଭର ୱିଲ୍ ଗୋଟିଏ ଗୋଲ୍ ଶୁଝାଇଦେଇଥିଲେ ମଧ୍ୟ ଦଳକୁ ୩-୧ରେ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଆୟୋଜକ ଜର୍ମାନୀ ବ୍ୟତୀତ ଭାରତ, ଅଷ୍ଟ୍ରେଲିଆ ଓ ସ୍ପେନ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ରାଉଣ୍ଡ-ରବିନ୍ ଫର୍ମାଟ୍‌ରେ ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଏହାପରେ ସର୍ବାଧିକ ପଏଣ୍ଟ ରଖିଥିବା ଦୁଇ ଦଳ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ।

## କ୍ରମାଗତ ୭ ପରାଜୟ ପରେ ଶେଷରେ ବିଜୟ

### ଏଫ୍‌ଆଇଏଚ୍ ପ୍ରୋ ଲିଗ୍

ଆଣ୍ଟୱର୍ପ,୨୨।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳ ୟୁରୋପ୍ ଲେଗ୍ (ଚରଣ)ରେ କ୍ରମାଗତ ୭ ମ୍ୟାଚ୍ ହାରିବା ପରେ ଶେଷରେ ବିଜୟ ସ୍ୱାଦ ଚାଖିଛି। ରବିବାର ଏଠାରେ ଭାରତ ୪-୩ ଗୋଲ୍‌ରେ ବିଶ୍ୱ ମାନ୍ୟତାର ୩ୟ ସ୍ଥାନରେ ରହିଥିବା ଘରୋଇ ବେଲ୍‌ଜିୟମକୁ ପରାସ୍ତ କରିଥିଲା। ପୂର୍ବରୁ ଗତକାଲି ବେଲ୍‌ଜିୟମଠାରୁ ୬-୩ ଗୋଲ୍‌ରେ ହାରିଥିବା ଭାରତୀୟ ପୁରୁଷ ଦଳ ଏଥିସହ ମଧୁର ପ୍ରତିଶୋଧ ମଧ୍ୟ ନେଇଛି। ଏଥିସହ ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବିଜୟ ସହ ଚଳିତ ପ୍ରୋ ଲିଗ୍ ଅଭିଯାନ ଶେଷ କରିଛି। ଭାରତ ୧୬ ମ୍ୟାଚ୍ ଖେଳି ୬ ବିଜୟ ଓ ୧୦ ପରାଜୟ ସହ ମୋଟ୍ ୧୮ ପଏଣ୍ଟ ପାଇ ୯ ଦଳୀୟ ଟେବଲ୍ ତାଲିକାର ୭ମ ସ୍ଥାନରେ ରହିଛି। ନେଦରଲାଣ୍ଡସ (୩୭ ପଏଣ୍ଟ), ଅଷ୍ଟ୍ରେଲିଆ (୨୭) ଓ ବେଲ୍‌ଜିୟମ (୨୫) ପଏଣ୍ଟ ସହ ପ୍ରଥମ ୩ଟି ସ୍ଥାନରେ ରହିଛନ୍ତି। ଅପରପକ୍ଷରେ ଭାରତୀୟ ମହିଳା ଦଳ ୟୁରୋପ୍ ଚରଣରେ କ୍ରମାଗତ ୬ଷ୍ଠ ପରାଜୟବରଣ କରିଛି। ରବିବାର ଘରୋଇ ବେଲ୍‌ଜିୟମ ମହିଳା ଦଳ ୨-୦ ଗୋଲ୍‌ରେ ଭାରତକୁ ପରାସ୍ତ କରିଛି। ପୂର୍ବରୁ ଶନିବାର ମଧ୍ୟ ଭାରତୀୟ ମହିଳା ଦଳ ୧-୫ ଗୋଲ୍‌ରେ ବେଲ୍‌ଜିୟମଠାରୁ ହାରିଥିଲା। ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ଦଳ ୧୪ ମ୍ୟାଚରୁ ୯ ପରାଜୟ ସହ ୧୦ ପଏଣ୍ଟ ପାଇ ୯ ଦଳୀୟ ଟେବଲ୍ ତାଲିକାର ସର୍ବନିମ୍ନ ସ୍ଥାନକୁ ଖସିଯାଇଛି। ଭାରତ ଏହାର ଶେଷ ଦୁଇ ମ୍ୟାଚରେ ଚାଇନା ବିପକ୍ଷରେ ଖେଳିବ। ଯଦି ଉଭୟ ମ୍ୟାଚ୍‌ରେ ଭାରତ ଯଦି ପରାଜୟବରଣ କରି ପଏଣ୍ଟ ଟେବଲ୍‌ର ସର୍ବନିମ୍ନ ସ୍ଥାନରେ ରୁହେ ତେବେ ଏଫ୍‌ଆଇଏଚ୍ ପ୍ରୋ ଲିଗର ୨୦୨୫-୨୬ ସଂସ୍କରଣରୁ ବାଦ୍ ପଡ଼ିବ।

### ରାଜ୍ୟ ଓପନ୍ ଚେସ୍

## ଲବ୍ୟଜ୍ୟୋତିଙ୍କୁ ଟାଇଟଲ୍



ଭୁବନେଶ୍ୱର, ୨୨।୬ (ସମିସ): କେନ୍ଦ୍ରାପଡ଼ାର ଲବ୍ୟଜ୍ୟୋତି ରାଉତରାୟ ଏଠାରେ ରବିବାର ଅନୁଷ୍ଠିତ ଚତୁର୍ଥ ଅଲେଖ ଚନ୍ଦ୍ର ଦେବତା ସ୍ମାରକୀ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଦ୍ୱାରା କେଶୁରା ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଲବ୍ୟଜ୍ୟୋତି ଓ ବାଲେଶ୍ୱରର ଶୁଭେନ୍ଦୁ କୁମାର ପାତ୍ର ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଲବ୍ୟଜ୍ୟୋତି ପ୍ରଥମ ଓ ଶୁଭେନ୍ଦୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏମାନଙ୍କ ପଛକୁ ୪ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନେ ହେଲେ ଜଟଣୀର ସ୍ଥିତପ୍ରଜ୍ଞ ସାହୁ, କଟକର ପ୍ରତ୍ୟୁଷ ମହାପାତ୍ର, ଭୁବନେଶ୍ୱରର ବିନୀତ ନାୟକ ଓ ଜଟଣୀର ରଶ୍ମିରଞ୍ଜନ ପାତ୍ର ଯଥାକ୍ରମେ ଦ୍ୱିତୀୟରୁ ଷଷ୍ଠ ସ୍ଥାନ ଅଧିକାର କରିଥିଲେ। ଖେଳଶେଷରେ ସିଡ୍ରିମ୍‌ଜର ଏମ୍‌ଡି ଚିତ୍ତରଞ୍ଜନ ଦେବତା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

### ମାଷ୍ଟର୍ସ କପ୍ ହକି

## ଓଡ଼ିଶା-ଆନ୍ଧ୍ର କ୍ୱାର୍ଟର ଫାଇନାଲ୍ ଆଜି

ଭୁବନେଶ୍ୱର, ୨୨।୬ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ଚେନ୍ନଇରେ ଚାଲିଥିବା ପ୍ରଥମ ମାଷ୍ଟର୍ସ କପ୍‌ର ପୁରୁଷ ବିଭାଗ କ୍ୱାର୍ଟର ଫାଇନାଲ ସୋମବାର ଖେଳାଯିବ। ଓଡ଼ିଶା ହକି ଦଳ ଦ୍ୱିତୀୟ କ୍ୱାର୍ଟରରେ ଆନ୍ଧ୍ର ପ୍ରଦେଶକୁ ଭେଟିବ। ଲାଜରୁସ୍ ବାର୍ଲାଙ୍କ ନେତୃତ୍ୱରେ ଖେଳୁଥିବା ଓଡ଼ିଶା ଭେଟେରାନ ହକି ଦଳ ପୂର୍ବରୁ ପୁଲ୍ ପର୍ଯ୍ୟାୟରେ ପୁଡୁଚେରୀକୁ ୬-୩ ଗୋଲ୍‌ରେ ଓ ପଞ୍ଜାବକୁ ୫-୨ ଗୋଲ୍‌ରେ ହରାଇ କ୍ୱାର୍ଟର ଫାଇନାଲକୁ ଉଠିଛି। ଉଲ୍ଲେଖଯୋଗ୍ୟ, ୪୦ ବର୍ଷରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ଭାରତୀୟ ହକି ଖେଳାଳିଙ୍କୁ ନେଇ ପ୍ରଥମଥର ଲାଗି ମାଷ୍ଟର୍ସ କପ୍ ଖେଳାଯାଉଛି। ଏଥିରେ ପୁରୁଷ ବିଭାଗରେ ୧୧ଟି ଓ ମହିଳାରେ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ମହିଳା ବିଭାଗରେ ଓଡ଼ିଶା ୨ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ପାଇଛି।

### ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

## କଟକ-ଏ ଚାମ୍ପିଅନ

କଟକ,୨୨।୬(ସମିସ)





ବାରବାଟୀ ଷ୍ଟାଡିୟମରେ ରବିବାର ଆୟୋଜିତ ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲାରେ କଟକ-ଏ ୬୭ ରନରେ ଭୁବନେଶ୍ୱର-ଏ'କୁ ପରାସ୍ତ କରି ଚାମ୍ପିଅନ ହୋଇଛି। ପୁରସ୍କାର ସ୍ୱରୂପ ବିଜୟୀ କଟକ-ଏ ଦଳକୁ ଟ୍ରଫି ଏବଂ ୧ଲକ୍ଷ ଟଙ୍କା ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ରନର୍ସଅପ ଭୁବନେଶ୍ୱର-ଏ ଦଳକୁ ଟ୍ରଫି ଏବଂ ୫୦ ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା। ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ।

ଫାଇନାଲରେ ଘରୋଇ କଟକ-ଏ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଅନିଲ ସାହୁଙ୍କ ଶତକୀୟ ପାଳି ସହାୟତାରେ ଦଳ ୪୫ ଓଭରରେ ୮ ୱିକେଟ ହରାଇ ୨୩୭ ରନ ସଂଗ୍ରହ କରିଥିଲା। ଅନିଲ ୧୩୨ ବଲରୁ ୧୦୮ ରନର ଅପରାଜିତ ପାଳି ଖେଳିଥିଲେ। ସେହିଭଳି ପିୟୂଷ ମନ୍ତ୍ରୀ ୧୫ ବଲରୁ ଦ୍ରୁତ ୪୦ ରନ ସଂଗ୍ରହ କରିଥିଲେ। ଭୁବନେଶ୍ୱର-ଏ ପକ୍ଷରୁ ଚନ୍ଦ୍ରାଂଶୁ ବାଘେଲ ଏବଂ ପ୍ରଜ୍ଞା କୁମାର ପତ୍ରି ଯଥାକ୍ରମେ ୩ଟି ଓ ୨ଟି ୱିକେଟ ଦଖଲ କରିଥିଲେ। ଜବାବରେ ୨୩୮ ରନର ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ଭୁବନେଶ୍ୱର-ଏ'ର ପାଳି ୧୭୦ ରନରେ ସୀମିତ ରହିଥିଲା। ସ୍ୱାଗତ ମିଶ୍ର ୫୧ ରନର ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିଲେ। ବିଜୟୀ ଦଳ ତରଫରୁ ସମ୍ବିତ ବେଜା ଏବଂ ଜନ୍ମେଜୟ ଜେନା ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଅପରାଜିତ ଶତକୀୟ ପାଳି ଖେଳିଥିବା ଅନିଲଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଓସିଏ ସଦସ୍ୟ ଧୀରେନ ପଲାଇ, ସଂଗ୍ରାମ କେଶରୀ ଗୁମାନ ସିଂହ, ନୃସିଂହ ଚରଣ ଚୌଧୁରୀ, ସୁଶାନ୍ତ ମହାନ୍ତି, ନିର୍ବାଣ ରାୟ, ଶିବବ୍ରତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS